ଓଡ଼ିଶା ନିଶବ୍ଦ

ନିର୍ଭିକ ଓ ନିରପେକ୍ଷ ଖବର

ODISHA NISHABDA

epaper.odishanishabda.com

ORORI/26/A4490

ବିଶେଷ ସୂଚନା

ଯଦି ଆପଣ ଖବରକାଗଜରେ କୌଣସି ଖବର କିମ୍ବା ବିଜ୍ଞାପନ ଦେବା ପାଇଁ ଚାହୁଁଛନ୍ତି ତେବେ ଦିଆଯାଇଥିବା whatsapp ନମ୍ବରରେ ପଠାଇପାରିବେ କିମ୍ବା ମେଲ୍ କରିପାରିବେ।

7735333804

odishanishabda@gmail.com

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda

odishanishabda

www.odishanishabda.com

epaper.odishanishabda.com

Vol–1 ■ Issue–18 ■ 29 Oct.-4 November 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ-୧ ■ ସଂଖ୍ୟା-୧୮ ■ ୨୯ ଅକ୍ଟୋବର-୪ ନଭେମ୍ବର ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା-୮ ■ ମୂଲ୍ୟ-୫.୦୦

ନକ୍ସଲମୁକ୍ତ ବିକାଶ ପଥରେ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆସନ୍ତା ୩୧ ତାରିଖରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତାନଗରସ୍ଥିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟରେ ଜାତୀୟ ପରେଡ୍ ଅନୁଷ୍ଠିତ ହେବ। ଏଥିରୁ ରାଜ୍ୟର ୧୯ଟି ନକ୍ସଲମୁକ୍ତ ଜିଲ୍ଲାରୁ ପ୍ରାୟ ଏକ ହଜାର ପ୍ରତିନିଧି ଯୋଗ ଦେବେ। ସେମାନେ ଶାନ୍ତି, ସୁରକ୍ଷା ଓ ପ୍ରଗତିର ପ୍ରତୀକ ଭାବେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ପ୍ରତିନିଧିମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ୍ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଭୁବନେଶ୍ୱର ନୂଆ ରେଳ ଷ୍ଟେସନରୁ ଏହି ଟ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ଗଣମାଧ୍ୟମକୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଏକ ଅସାଧାରଣ ନେତୃତ୍ୱ ଓ ଦୃଢ଼ ସଂକଳ୍ପ ବଳରେ ସର୍ଦ୍ଦାର ପଟେଲ ଦେଶର ୫୫୦ରୁ ଅଧିକ ଦେଶୀୟ ରାଜ୍ୟକୁ ଏକତ୍ରିତ କରି ଆଜିର ଅଖଣ୍ଡ ଭାରତ ଗଠନ

କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହାରେ କ୍ଷମତାକୁ ଆସିବା ପରେ ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ କରି ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି। ଚଳିତ ବର୍ଷର ଏହି ଜାତୀୟ ସ୍ତରୀୟ ଏକତା ପରେଡ୍ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଭାରତର ଚିତ୍ରକୁ ପ୍ରତିଫଳିତ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ନିର୍ମାଣ ସହିତ ସାମାଜିକ ଓ ଅର୍ଥନୈତିକ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ବିଶେଷ କରି ୧୦ଟି ପ୍ରଭାବିତ ଜିଲ୍ଲାରେ 'ଗ୍ରାମୋଦୟ ପ୍ଲସ୍' ଯୋଜନା ଜରିଆରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ସମନ୍ୱିତ ଭାବେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଯାଉଛି। ଯାହାଫଳରେ ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ଏକ୍ ଭାରତ, ଶ୍ରେଷ୍ଠ ଭାରତ' କଳ୍ପନାକୁ ସାକାର କରିବା ପାଇଁ ଦେଶର ୧୪୦ କୋଟି ଜନସାଧାରଣଙ୍କ ମିଳିତ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

ଷଷ୍ଠ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା; ବାରଣାସୀ-ଅଯୋଧ୍ୟା ଟ୍ରେନ୍‌ର ଶୁଭାରମ୍ଭ

ସାମିଲ ହେଲେ ୭୭୫ ବରିଷ୍ଠ ନାଗରିକ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଚଳିତ ଆର୍ଥିକ ବର୍ଷର ଷଷ୍ଠ ବାରଣାସୀ-ଅଯୋଧ୍ୟା ଟ୍ରେନର ଶୁଭାରମ୍ଭ ହୋଇଛି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ପର୍ଯ୍ୟଟନ ବିଭାଗ ଓ ଆଇଆରସିଟିସି ସହଯୋଗରେ ଭୁବନେଶ୍ୱର ନ୍ୟୁ ରେଳ ଷ୍ଟେସନ ଠାରେ ଆଜି ପୂର୍ବାହ୍ନ ସମୟରେ ଶୁଭାରମ୍ଭ ଏହି ଟ୍ରେନରେ ୭୭୫ ଜଣ ତୀର୍ଥଯାତ୍ରୀ ଓ ଭଲମନ୍ଦ ବୁଝିବା ପାଇଁ ୨୫ ଜଣ ଅଧିକାରୀ ଯାତ୍ରା କରିଛନ୍ତି। ସେମାନେ ବାରଣାସୀ ଓ ଅଯୋଧ୍ୟାରେ ତୀର୍ଥାଟନ ଆସନ୍ତା ୨ ତାରିଖରେ ଓଡିଶା ଫେରିବେ ।

ଚଳିତ ଆର୍ଥିକ ବର୍ଷର ଷଷ୍ଠତମ ବରିଷ୍ଠ ନାଗରିକମାନଙ୍କର ବାରଣାସୀ-ଅଯୋଧ୍ୟା ଟ୍ରେନ୍ ?ର ଶୁଭାରମ୍ଭ କରି ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଲିଙ୍ଗରାଜଙ୍କ ପୀଠରୁ କାଶୀ ବିଶ୍ୱନାଥ ଓ ଅଯୋଧ୍ୟା ପୀଠ ରାମଲାଲାଙ୍କ କ୍ଷେତ୍ରକୁ ଏହି ଯାତ୍ରା ସଫଳ ହେଉ । ଏହି ଯାତ୍ରା ଦ୍ୱାରା ବରିଷ୍ଠ ନାଗରିକମାନେ ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ଦର୍ଶନ ଓ ଶ୍ରୀରାମଲାଲାଙ୍କ ସାନିଦ୍ଧ ଲାଭ କରିପାରିବେ। ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଜିଲ୍ଲାର ବରିଷ୍ଠ ନାଗରିକମାନେ ଦେଶର ବିଭିନ୍ନ ତୀର୍ଥସ୍ଥାନ ଯାତ୍ରା କରିବାର ସୌଭାଗ୍ୟ ହାସଲ କରିବା ସହ ସେହି ସ୍ଥାନର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ସମ୍ପର୍କରେ ଜାଣିପାରିବେ ବୋଲି ସେ ଉଲ୍ଲେଖ କରିବା ସହ ସମସ୍ତ ତୀର୍ଥଯାତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଏଥିପାଇଁ ରାଜ୍ୟ ସରକାର ବ୍ୟାପକ ବନ୍ଦୋବସ୍ତ କରିଥିବା ସେ କହିଛନ୍ତି ।

ଏହି ଷଷ୍ଠ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଖୋର୍ଦ୍ଧା ଜିଲ୍ଲାର ୧୬୯ ଜଣ, ଜଗତସିଂହପୁର ଜିଲ୍ଲାର ୮୫, କଟକ ଜିଲ୍ଲାର ୧୯୭, ପୁରୀରୁ ୧୨୭, କେନ୍ଦ୍ରାପଡ଼ାରୁ ୧୦୮ ଓ ଢେଙ୍କାନାଳ ଜିଲ୍ଲାର ୮୯ ଜଣଙ୍କୁ ମିଶାଇ ମୋଟ ୭୭୫ ଜଣ ବରିଷ୍ଠ ନାଗରିକ ଓ ସେମାନଙ୍କର ଭଲମନ୍ଦ ବୁଝିବା ପାଇଁ ୨୫ ଜଣ ଅଧିକାରୀ ସାମିଲ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ତୀର୍ଥଯାତ୍ରୀମାନଙ୍କୁ ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ତୀର୍ଥଯାତ୍ରୀ ମାନଙ୍କୁ ପ୍ରତୀକାତ୍ମକ ଭାବେ ରେଲୱେ ଟିକେଟ୍ ଓ କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଥିଲା । ପର୍ଯ୍ୟଟନ ବିଭାଗର ଭରପ୍ରାପ୍ତ କମିଶନର ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ, ଖୋରଧା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର

ବେଉରା, ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ବରିଷ୍ଠ ଡିସିଏମ ଆର. ମନୋଜ ବାବୁ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ୨୦୨୬-୨୭ ବର୍ଷରେ ମୋଟ ୧୦ ଟି ପର୍ଯ୍ୟାୟରେ ୮,୦୦୦ ବରିଷ୍ଠ ନାଗରିକ ଅଯୋଧ୍ୟା, ବାରାଣାସୀ, ହରିଦ୍ୱାର, ଋଷିକେଶ, ରାମେଶ୍ୱରମ ଓ ମଦୁରାଇ ଭ୍ରମଣ କରିବାକୁ ଥିବା ବେଳେ ଏହି ଯୋଜନାରେ ଚଳିତବର୍ଷ ଏପର୍ଯ୍ୟନ୍ତ ପ୍ରାୟ ୪ ହଜାର ବରିଷ୍ଠ ନାଗରିକ ବିଭିନ୍ନ ସ୍ଥାନକୁ ଯାଇ ତୀର୍ଥ କରିସାରିଛନ୍ତି ।

୭ ଆଇଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର: ରାଜ୍ୟ ସରକାର ସାତ ଜଣ ଆଇଏଏସ୍ ଅଧିକାରୀଙ୍କ ଦାୟିତ୍ୱରେ ଅଦଳବଦଳ କରିଛନ୍ତି। ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଉତ୍ତରାଞ୍ଚଳ ଆରଡିସି ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ ସେ ଏହାର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଶ୍ରୀ ମହାପାତ୍ର ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେଙ୍କୁ ଦକ୍ଷିଣାଞ୍ଚଳ ଆରଡିସି ଭାବେ ନିଯୁକ୍ତି ମିଳିଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ ପୋମା ଟୁଡୁଙ୍କୁ କୃଷି ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ସେ କାଜୁ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। କୃଷି ନିର୍ଦ୍ଦେଶକ ଶୁଭମ ସାକ୍ସେନାଙ୍କୁ ବିଡିଏର ଉପାଧ୍ୟକ୍ଷ ଭାବେ ବଦଳି କରାଯାଇଛି। ପୂର୍ବରୁ ବିଏମସି କମିସନର ଚଞ୍ଚଳ ରଣା ବିଡିଏ ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ଗଭାଲି ପରାଗ ହର୍ଷଦଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିସନର ମିସନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଣତି ଛୋଟରାୟଙ୍କୁ ଓମ୍‌ଫେଡର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡାଙ୍କୁ ଓଡ଼ିଶା କୃଷି ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ।

ଯାଜପୁର ସରକାରୀ ପଲିଟେକ୍‌ନିକ୍‌ର ୩ ଅଧ୍ୟାପକ, ଅଧ୍ୟାପିକାଙ୍କୁ ନିଲମ୍ବିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ବିଶୃଙ୍ଖଳିତ ଆଚରଣ ପାଇଁ ଯାଜପୁର ସରକାରୀ ପଲିଟେକ୍‌ନିକ୍‌ରେ କାର୍ଯ୍ୟରତ ତିନି ଜଣ ଅଧ୍ୟାପକ, ଅଧ୍ୟାପିକାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ନିଲମ୍ବିତ କରାଯାଇଛି। ନିଲମ୍ବିତ ହୋଇଥିବା ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ନୃସିଂହ ଚରଣ ବେହେରା, ଅଧ୍ୟାପକ ସନ୍ଦୀପ ମହାପାତ୍ର ଏବଂ ଅଧ୍ୟାପିକା ପି. ଆରାଧନା ସାମିଲ ଅଛନ୍ତି। ଅଭିଯୋଗ ଅନୁଯାୟୀ ଅକ୍ଟୋବର ୨୬ ତାରିଖରେ ଏକ ବୈଠକରେ ଏବଂ ପରବର୍ତ୍ତୀ ସମୟରେ ଏହି ଅଧ୍ୟାପକ ମାନେ ନିଜ ନିଜ ଭିତରେ ଯୁକ୍ତିତର୍କ, ମାରପିଟ ଏବଂ ଅନ୍ୟାନ୍ୟ ମର୍ଯ୍ୟାଦାହୀନ କାର୍ଯ୍ୟରେ ସଂପୃକ୍ତ ହୋଇଥିଲେ। ଅଧ୍ୟାପନା ଭଳି ଏକ ମର୍ଯ୍ୟାଦାଜନକ ବୃତ୍ତିରେ ଥାଇ ମଧ୍ୟ ବୈଠକରେ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏଭଳି ମର୍ଯ୍ୟାଦାବିହୀନ କାର୍ଯ୍ୟରେ ଜଡ଼ିତ ହେବା ଦ୍ୱାରା ସେମାନେ ଶିକ୍ଷାନୁଷ୍ଠାନର ଭାବମୂର୍ତ୍ତୀ ଉପରେ ଆଞ୍ଚ ଆଣିବା ସହିତ ସମଗ୍ର ଅନୁଷ୍ଠାନର ଶୈକ୍ଷିକ ପରିବେଶ ଉପରେ ଗୁରୁତର ପ୍ରତିକୂଳ ପ୍ରଭାବ ପକାଇଥିବା ଅଭିଯୋଗ ହୋଇଥିଲା।

'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷାଜନିତ ବନ୍ୟା ସ୍ଥିତି ସଂପର୍କରେ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ

ଏସ୍‌ଆର୍‌ସି କଣ୍ଟ୍ରୋଲ ରୁମରେ ସ୍ଥିତି ଗଂଜାମ ଓ ଗଜପତି ଜିଲ୍ଲାର ସ୍ଥିତି ସମୀକ୍ଷା

ବାତ୍ୟା ପରବର୍ତ୍ତୀ ସ୍ଥିତିର ନିରନ୍ତର ଅନୁଧ୍ୟାନ ଓ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର: ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ଜନିତ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତିକ୍ଷ ଆଜି ସକାଳେ ଏସ୍ଆରସି କାର୍ଯ୍ୟାଳୟରେ ଶ୍ରୀମତୀ ଗର୍ଗ ସ୍ଥିତି ସମୀକ୍ଷା କରିବନ୍ୟା ମୁକାବିଲା ସଂପର୍କରେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି କ୍ଷ ବିଶେଷ କରି ଗଞ୍ଜାମ ଜିଲ୍ଲାରେ ପ୍ରଭାବିତଙ୍କ ସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ, ଏସଆରସି ଶ୍ରୀ ରାଜେଶ ପ୍ରଭାକର ପାଟିଲ ଏବଂ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ସହିତ କଥା



ହୋଇଥିଲେ । ବାତ୍ୟା ପୂର୍ବରୁ ପ୍ରସ୍ତୁତି ଓ ଲଗାଣ ବର୍ଷା ଯୋଗୁଁ ବନ୍ୟା ମୁକାବିଲାପଦକ୍ଷେପ ସମ୍ପର୍କରେ ସେ ଆଲୋଚନା କରିଥିଲେ । ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀଙ୍କ ସହିତ ନିଆଯାଉଥିବା ପଦକ୍ଷେପ ସଂପର୍କରେ ମଧ୍ୟ ଆଲୋଚନା ଓ ପରାମର୍ଶ କରିଛନ୍ତି।

ଗଂଜାମ ଜିଲ୍ଲାର ୨୨ଟି ବ୍ଲକ ଅଧିନସ୍ଥ ୨୦୮ଟି ଗ୍ରାମ ପଂଚାୟତର ୨୯୯ଟି ଗ୍ରାମ ଏବଂ ଗଜପତି ଜିଲ୍ଲାର ୭ଟି ବ୍ଲକ ଅନ୍ତର୍ଗତ ୧୧୦ଟି ଗ୍ରାମ ପଂଚାୟତର ୭୧୧ଟି ଗ୍ରାମ ବେଶୀ ପ୍ରଭାବିତ ହୋଇଛନ୍ତି । ଗଂଜାମ ଜିଲ୍ଲାର ୪୨,୫୦୦ ଏବଂ ଗଜପତି ଜିଲ୍ଲାର ୨୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି । ଗଂଜାମ ଜିଲ୍ଲାର ୧୧,୮୮୨ ଜଣ ଓ ଗଜପତି ଜିଲ୍ଲାର ୧୭,୪୪୧ ଜଣଙ୍କୁ ସ୍ଥାନାନ୍ତରଣ କରାଯାଇ ବନ୍ୟା-ବାତ୍ୟା ଆଶ୍ରୟ ସ୍ଥଳରେ ରଖାଯାଇଛି । ଗଂଜାମ ଜିଲ୍ଲାରେ ୭୦ ଟି ଗ୍ରାମର ୨୩୨୮ ଟି ଲୋକ ଜଳଘେରି ଅବସ୍ଥାରେ ଅଛନ୍ତି । ପ୍ରଭାବିତ ଅଂଚଳରେ ପ୍ରଖର ଜଳସ୍ରୋତ ଯୋଗୁଁ ଯେଉଁଠି ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ପହଁଚିବା ସମ୍ଭବପର ହେଉ ନାହିଁ, ସେ ସବୁ ଅଂଚଳରେ ପ୍ରଭାବିତଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଏୟାର ଲିଫ୍ଟିଂ କରାଯିବା ନେଇ ପରାମର୍ଶ କରାଯାଇଛି । ଜିଲ୍ଲାପାଳଙ୍କୁ ସେ ସବୁ ଅଂଚଳର ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।ସେସବୁ ଅଂଚଳରେ ରନ୍ଧାଖାଦ୍ୟା, ପିଇବା ପାଣି ଓ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ଭାରତୀୟ ତଟରକ୍ଷୀ ବାହିନୀର ସ୍ୱତନ୍ତ୍ର ହେଲିକପ୍ଟର ବ୍ୟବହାର କରାଯିବା ନେଇ ମୁଖ୍ୟ ଶାସନ ସଚିବ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ କଥା ହୋଇଛନ୍ତି । ଜରୁରୀ ଆବଶ୍ୟକତା ସ୍ଥଳେ ଏୟାର ଲିଫ୍ଟିଂ ପାଇଁ ନିଷ୍ପତ୍ତି ନିଆଯିବ । ସ୍ଥିତିକୁ ନଜରରେ ରଖି ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ଗଜାମ ଜିଲ୍ଲାରେ ୨୭ଟି ଓଡ୍ରାଫ୍, ୩ଟି ଏନଡିଆରଏଫ୍ ଏବଂ ୨୪ଟି ଅଗ୍ନିଶମ ସେବା ବିଭାଗ ଟିମ୍ ମୁତୟନ ହୋଇଛନ୍ତି । ଗଜପତି ଜିଲ୍ଲାରେ ୧୨ଟି ଓଡ୍ରାଫ୍, ୧ଟି ଏନଡିଆରଏଫ୍ ଏବଂ ୧୨ଟି ଅଗ୍ନିଶମ ସେବା ବିଭାଗ ଟିମ୍ ମୁତୟନ ହୋଇଛନ୍ତି । ଗଂଜାମ ଜିଲ୍ଲାରେ ୫୫୦ ଜଣ ଓ ଗଜପତି ଜିଲ୍ଲାରେ ୪୨୦ ଗର୍ଭବତୀ ମହିଳା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହୋଇଛନ୍ତି ।

ଗଞ୍ଜାମ ଜିଲ୍ଲାର ଚିକିଟି ଓ ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ବାଘଲଟି ଜଳଭଣ୍ଡାର ଏବଂ ବାହୁଦା ନଦୀ ଅବବାହିକାରେ ପ୍ରବଳ ବର୍ଷା ଯୋଗୁଁ ଜଳସ୍ତର ବୃଦ୍ଧି ପାଇଛି । ଏଥି ଯୋଗୁଁ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ ଠାରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି । ବାତ୍ୟା 'ଅର୍ଣ୍ଣବ' ଆଶଙ୍କା ଓ ଭାରତୀୟ ପାଣିପାଗ ବିଭାଗର ପ୍ରବଳ ବର୍ଷା ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଜଳଭଣ୍ଡାରର ଜଳଧାରଣ କ୍ଷମତା ନିୟନ୍ତ୍ରଣ ପାଇଁ ପୂର୍ବରୁ ଜଳ ନିଷ୍କାସନ କରାଯାଇଥିଲା । ୨୭ ଅକ୍ଟୋବର ସନ୍ଧ୍ୟାରୁ ଜଳଭଣ୍ଡାରର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ୨୮ ଅକ୍ଟୋବର ସକାଳ ୧୧ଟା ସୁଦ୍ଧା ଜଳପ୍ରବାହ ପ୍ରତି ସେକେଣ୍ଡରେ ୫୫୦ ଘନମିଟରକୁ ବୃଦ୍ଧି ପାଇଥିଲା । ଫଳରେ ଜଳଭଣ୍ଡାରର ୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଇଥିଲା । ଅନ୍ୟପକ୍ଷରେ, ୨୮ ଅକ୍ଟୋବର ସକାଳ ୧୧ ଟାରୁ ସଂଧ୍ୟା ୭ଟା ମଧ୍ୟରେ ପାତ୍ରପୁର ବ୍ଲକରେ ୫୪୬ ମିମି ଏବଂ ଚିକିଟି ବ୍ଲକରେ ୨୮୯ ମିମି ବର୍ଷା ରେକର୍ଡ ହୋଇଥିଲା । ଏହାଦ୍ୱାରା ବାହୁଦା ନଦୀରେ ଜଳପ୍ରବାହ ବୃଦ୍ଧି ସହ ନିମ୍ନ ଅବବାହିକାରେ ଜଳମଗ୍ନ ସ୍ଥିତି ସୃଷ୍ଟି ହୋଇଥିଲା । ଏହି ପରିସ୍ଥିତିରେ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଇଚ୍ଛାପୁରମ୍ ଓ ଜଟପୁଡ଼ି ଷ୍ଟେସନ ମଧ୍ୟରେ ଡାଙ୍ଗୁଏଡ଼ା ନିକଟସ୍ଥ ରେଳବ୍ରିଜ୍ ନଂ. ୧୦୫୨ରେ ଜଳସ୍ତର ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଥିବା ସୂଚନା ମିଳିଥିଲା । ଏଥିଯୋଗୁଁ ଉଭୟ ଆନ୍ଧ୍ରପ୍ରଦେଶ ଏବଂ ଓଡିଶାର ଗଂଜାମ ପଟରେ କେତେକ ଟ୍ରେନ୍ ଅଟକି ରହିଛନ୍ତି ।ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଓ ଶ୍ରୀକାକୁଲମ୍ ଜିଲ୍ଲା ପ୍ରଶାସନ ସହିତ ପୂର୍ବତଟ ରେଳପଥର ବିଶାଖାପାଟଣା ଓ ଭୁବନେଶ୍ୱରସ୍ଥିତ ଅଧିକାରୀମାନଙ୍କ ସହ ନିରନ୍ତର ସମନ୍ୱୟ ରଖାଯାଇଛି। ଏ ସଂପର୍କରେ ମୁଖ୍ୟ ଶାସନ ସଚିବ ସଂପୃକ୍ତ ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ସହିତ କଥାହେବା ସହିତ ଗଞ୍ଜାମ ଜିଲ୍ଲାପାଳଙ୍କୁ ଅତ୍ୟାବଶ୍ୟକ ପଦକ୍ଷେପ ଏବଂ ଅଟକି ରହିଥିବା ଜଣସାଧାରଣଙ୍କ ନିମନ୍ତେ ଜରୁରୀ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ପୂଜାରୀ ବାତ୍ୟା ପରବର୍ତ୍ତୀ ବନ୍ୟା ସ୍ଥିତି, ପୁନରୁଦ୍ଧାର ଓ ଥଇଥାନ ସଂପର୍କରେ ନିରନ୍ତର ସ୍ଥିତି ଅନୁଧ୍ୟାନ କରୁଛନ୍ତି । ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

୧୧୫,୬୯୭ ଚାଷୀଙ୍କ ଋଣ ହେବ ଛାଡ଼

ମୁମ୍ବାଇ: ମହାରାଷ୍ଟ୍ରରେ ମରୁଡ଼ିର ସମ୍ମୁଖୀନ ହେଉଥିବା ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଦେବେନ୍ଦ୍ର ଫଡ଼ନବୀସ ସରକାର କୃଷି ଋଣ ଛାଡ଼ ଯୋଜନା ଅଧୀନରେ ଯୋଗ୍ୟ ଚାଷୀଙ୍କ ଚତୁର୍ଥ ତାଲିକା ପ୍ରକାଶ କରିଛନ୍ତି। ଏହି ଚାଷୀଙ୍କ ଋଣ ପୁଣ୍ୟଶ୍ଳୋକ ଅହଲ୍ୟାଦେବୀ ହୋଲକର ଶେତକରୀ ଋଣ ମୁକ୍ତି ଯୋଜନା ୨୦୨୬ ଅଧୀନରେ ଛାଡ଼ କରାଯାଉଛି। ଯେଉଁ ଚାଷୀଙ୍କର ଏକାଧିକ ବ୍ୟାଙ୍କରେ ଫସଲ ଋଣ ଆକାଉଣ୍ଟ ଅଛି ଏବଂ ୨ ଲକ୍ଷ ଟଙ୍କାରୁ କମ୍ ଋଣ ଅଛି ସେମାନଙ୍କର ଋଣ ଛାଡ଼ କରାଯିବ। ଏଥିରେ ୧ ଏପ୍ରିଲ୍ ୨୦୧୯ରୁ ୩୧ ମାର୍ଚ୍ଚ, ୨୦୨୫ ମଧ୍ୟରେ ପ୍ରଦାନ କରାଯାଇଥିବା ଋଣ, ୩୦ ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ ବକେୟା ଏବଂ ୩୧ ମାର୍ଚ୍ଚ, ୨୦୨୬ ପର୍ଯ୍ୟନ୍ତ ଅନାଦେୟ ଅନ୍ତର୍ଭୁକ୍ତ। ଯଦିଓ ମହାରାଷ୍ଟ୍ର ସରକାର ଯୋଗ୍ୟ ଚାଷୀଙ୍କ ତାଲିକା ପ୍ରକାଶ କରିଛନ୍ତି। ଆଧାର ପ୍ରମାଣୀକରଣ ସମାପ୍ତ କରିବାକୁ ପଡିବ। ଏହା କରିବା ପାଇଁ ଚାଷୀଙ୍କୁ ନିକଟସ୍ଥ ଆପଲେ ସରକାର ସେବା କେନ୍ଦ୍ରକୁ ଯିବାକୁ ପଡ଼ିବ। ଆପଣଙ୍କର ଆଧାର କାର୍ଡ ଏବଂ ଋଣ ନେଇଥିବା ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଆଣନ୍ତୁ। ଏହା ପରେ, ଆପଣଙ୍କର ଆଧାର ପ୍ରମାଣୀକରଣ କରନ୍ତୁ। ଯେଉଁ ଚାଷୀଙ୍କ ଆଧାର ପ୍ରମାଣୀକରଣ ସମ୍ପୂର୍ଣ୍ଣ ହୋଇଛି ସେମାନଙ୍କର ବ୍ୟାଙ୍କ ଋଣ ଆକାଉଣ୍ଟରେ ଟଙ୍କା ଜମା ହୋଇଯିବ। ମହାରାଷ୍ଟ୍ର ସରକାର ଚତୁର୍ଥ ତାଲିକାରେ ୧,୧୫,୬୯୭ ଚାଷୀଙ୍କ ନାମ ପ୍ରକାଶ କରିଛନ୍ତି।

ପାକିସ୍ତାନରେ ହାହାକାର

ଏଲପିଜି ସିଲିଣ୍ଡର ଦାମ୍ ୭୦୦୦ ପାର

ଇସଲାମାବାଦ: ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ କେବଳ ପଶ୍ଚିମ ଏସିଆ ନୁହେଁ ବରଂ ଅନେକ ଦେଶରେ ସ୍ଥିତି ସଂଗୀନ ହୋଇପଡିଛି। ଏହାର ଉଦାହରଣ ହେଉଛି ପାକିସ୍ତାନ। ଏଠାରେ ୧୨ କିଲୋ ଏଲପିଜି ସିଲିଣ୍ଡର ଦାମ ମାତ୍ର କିଛି ଦିନ ମଧ୍ୟରେ ୪୫୦୦ ପାକିସ୍ତାନ ଟଙ୍କାରୁ ବଢ଼ି ୭,୦୦୦ ଟଙ୍କା ହୋଇଯାଇଛି। ଇରାନରୁ ପାକିସ୍ତାନକୁ ଏଲପିଜି ଯୋଗାଣ ବନ୍ଦ ହୋଇଯାଇଛି। ଉଭୟ ଦେଶ ମଧ୍ୟରେ ଦୁଇଟି ପ୍ରମୁଖ ବର୍ଡର ଅକ୍ଟୋବର ୧୭ରୁ ବନ୍ଦ ରହିଥିବାରୁ ଏପରି ସ୍ଥିତି ଦେଖିବାକୁ ମିଳିଛି। କିନ୍ତୁ ପାକିସ୍ତାନ ଏହାର ଭିନ୍ନ କାରଣ ଦର୍ଶାଇ କହିଛି ଯେ, ଏହା ସୁରକ୍ଷା ଚିନ୍ତା ଏବଂ ତସ୍କରୀକୁ ରୋକିବା ପାଇଁ ଏହି ସୀମାକୁ ବନ୍ଦ କରିଛି। ଅନ୍ୟପଟେ ପାକିସ୍ତାନର ପେଟ୍ରୋଲିୟମ ମନ୍ତ୍ରୀ ଅଲ୍ଲୀ ପରଭେଜ ମଲ୍ଲିକଙ୍କ ଅନୁସାରେ, ଦେଶରେ ପ୍ରତିଦିନ ପାଖାପାଖି ୬୫୦୦ରୁ ୭୦୦୦ ଟନ୍ ଏଲପିଜିର ଆବଶ୍ୟକତା ରହିଥାଏ। ଏଥିମଧ୍ୟରୁ ୨୦୦୦ରୁ ୨୫୦୦ ଟନ୍ ଗ୍ୟାସ ଦେଶରେ ପ୍ରସ୍ତୁତ ହୋଇଥାଏ। ଅବଶିଷ୍ଟ ଆବଶ୍ୟକତାକୁ ଆମଦାନି ଜରିଆରେ ପୂରଣ କରାଯାଇଥାଏ। ହୋର୍ମୁଜ ଜଳମାର୍ଗରେ ଇରାନ ଯୁଦ୍ଧ କାରଣରୁ ଆସିଥିବା ବାଧକ ଯୋଗୁ ଯୋଗାଣ ପ୍ରଭାବିତ ହୋଇଛି ।

ନାସିକରେ ଗିନିଜ୍ ବିଶ୍ୱ ରେକର୍ଡ

ଗୋଦାବରୀ କୂଳରେ ବାଜିଲା ୫୧୭ ଶଙ୍ଖ

ନାସିକ : ଗୋଦାବରୀ ନଦୀ କୂଳରେ ଏକକାଳୀନ ୫୧୭ ଜଣ ଭକ୍ତ ଶଙ୍ଖ ବଜାଇ ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବୟସ ବର୍ଗର ୫୧୭ ଜଣ ଅଂଶଗ୍ରହଣକାରୀ ସାଢ଼େ ପାଞ୍ଚ ମିନିଟ୍ ପାଇଁ ଶଙ୍ଖ ବଜାଇଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ ସଫଳତାକୁ ନେଇ ବରିଷ୍ଠ ବିଚାରକ ଋଷି ନାଥ ଦେବମାଲେଦାର ଯଶୱନ୍ତ ମହାରାଜ ପଟାଙ୍ଗନରେ ଏହି ଘୋଷଣା କରିଛନ୍ତି। ସମଗ୍ର କାର୍ଯ୍ୟକ୍ରମରେ 'ଭାରତ ମାତା କି ଜୟ' ଧ୍ୱନି ପ୍ରତିଧ୍ୱନିତ ହୋଇଥିଲା।

ଏହାପୂର୍ବରୁ ପୂର୍ବ ରେକର୍ଡ ୨୦୧୯ ମସିହାରେ ଆମେରିକାର ନ୍ୟୁ ଜର୍ସୀରେ ସ୍ଥାପନ କରାଯାଇଥିଲା। ସେହି ସମୟରେ ୩୦୩ ଜଣ ଏକକାଳୀନ ଶଙ୍ଖ ବଜାଇଥିଲେ। ଋଷି ନାଥ ଅଂଶଗ୍ରହଣକାରୀ ମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, 'ଅଭିନନ୍ଦନ ! ଆପଣ ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି।' ଏହି କାର୍ଯ୍ୟକ୍ରମ ନାସିକ ତ୍ର୍ୟମ୍ବକେଶ୍ୱର କୁମ୍ଭ ମେଳା ପ୍ରାଧିକରଣ ଦ୍ୱାରା ଆୟୋଜିତ ହୋଇଥିଲା। ଗୁର୍ଙ୍ଗୌରବ ଟ୍ରଷ୍ଟର ଅନନ୍ତବିଜୟ ଶଙ୍ଖନାଦ ଦଳ ମଧ୍ୟ ଏଥିରେ ସାମିଲ ଥିଲା। ଆୟୋଜକମାନେ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ପାଇଁ ଚେନ୍ନାଇରୁ ସ୍ୱତନ୍ତ୍ର ଭାବରେ ପ୍ରମାଣିତ ଶଙ୍ଖ ଅଣାଯାଇଥିଲା। ଏହି କାର୍ଯ୍ୟକ୍ରମ ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକ ପରମ୍ପରା ଏବଂ ଜନସାଧାରଣଙ୍କ ଅଂଶଗ୍ରହଣକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିଛି। ଏହି ପଦକ୍ଷେପ କୁମ୍ଭମେଳାର ଶୁଭ ଆରମ୍ଭ ସହିତ ପରମ୍ପରାକୁ ଯୋଡ଼ିବାରେ ସାହାଯ୍ୟ କରିବ। ଆସନ୍ତା ଅକ୍ଟୋବର ୩୧ ତାରିଖରେ ପତାକା ଉତ୍ତୋଳନ ଉତ୍ସବ ସହିତ ୨୫୧ ଜଣ ଅଂଶଗ୍ରହଣକାରୀଙ୍କ ଏକ ଦଳ ଶଙ୍ଖ ବଜାଇବେ।

ଭୋକାଲ୍ ଫର୍ ଲୋକାଲ୍ ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ କି ବାତ ମାସିକ ରେଡିଓ କାର୍ଯ୍ୟକ୍ରମର ୧୩୯ତମ ଏପିସୋଡ୍‌ରେ କହିଛନ୍ତି, ୧୨ ବର୍ଷ ପୂର୍ବେ ବିଜୟାଦଶମୀର ପବିତ୍ର ଅବସରରେ, ଆମେ ମନ କି ବାତ ଆରମ୍ଭ କରିଥିଲୁ। ସେବେଠାରୁ, ଆମର ଯାତ୍ରା ବିନା ବାଧାରେ ଜାରି ରହିଛି। ଆପଣମାନେ ସମସ୍ତେ ଏହି ଯାତ୍ରାରେ ମୋର ସାଥୀ ଏବଂ ମାର୍ଗଦର୍ଶକ ହୋଇ ଆସିଛନ୍ତି। ମୋ ପାଇଁ ମନ କି ବାତ ଆମ ଦେଶର ସାଧାରଣ ଲୋକଙ୍କ କଠିନ ପରିଶ୍ରମ, ସାହସ, ଦୃଢ଼ ସଂକଳ୍ପ, ସମର୍ପଣ ଏବଂ ସେବା ମନୋଭାବକୁ ପାଳନ କରିବାର ଏକ ସୁନ୍ଦର ସୁଯୋଗ ହୋଇଛି।

ଆମ ଦେଶରେ ଶତାବ୍ଦୀ ଧରି ତୀର୍ଥଯାତ୍ରାର ପରମ୍ପରା ରହିଆସିଛି। ମୋ ପାଇଁ, ମନ କି ବାତ ଏକ ତୀର୍ଥଯାତ୍ରାଠାରୁ କମ୍ ନୁହେଁ - ଏହା ଏକ ଯାତ୍ରା ଯାହା ମାଧ୍ୟମରେ ମୁଁ ମୋର ଦେଶବାସୀଙ୍କ ପ୍ରୟାସକୁ ନିକଟରୁ ବୁଝିପାରୁଛି ଏବଂ ସେମାନଙ୍କ ଅବଦାନ ପ୍ରତି ମୋର ସମ୍ମାନ ପ୍ରକାଶ କରିପାରୁଛି। ପ୍ରଧାନମନ୍ତ୍ରୀ କପା ଚାଷ ସମ୍ପର୍କରେ ଲୋକଙ୍କୁ ବିଶେଷ ଗୁରୁତ୍ୱ ଦେଇ କହିଛନ୍ତି ଯେ ପଞ୍ଜାବରେ 'ଖେତି ବିରାସତ ମିଶନ' ନାମକ ଏକ ସଂଗଠନ ଜୈବିକ ଏବଂ ପାରମ୍ପରିକ କୃଷି ପଦ୍ଧତିକୁ ନୂତନ ଜୀବନ ଦେବା ଆରମ୍ଭ କରିଛି। ଏହି ଦଳର ଲୋକମାନେ ପଞ୍ଜାବର ମାଲୱା ଅଞ୍ଚଳରେ କପା ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ କରିବାକୁ ଚାହୁଁଥିଲେ। ଏହି ପଦକ୍ଷେପର ନାମ 'ନବ-ତ୍ରିଞ୍ଜନ' ରଖାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ରାସାୟନିକ ପଦାର୍ଥ ବ୍ୟବହାର ନକରି ଜୈବିକ କପା ଚାଷ କରାଯାଏ। ପ୍ରାକୃତିକ ରଙ୍ଗ ସହିତ କପା ମଧ୍ୟ ଏଠାରେ ଚାଷ କରାଯାଏ, ଯାହା ଫଳରେ ଏଥିରୁ ଉତ୍ପାଦିତ ସୂତା ଏବଂ କପଡ଼ାକୁ ରଙ୍ଗ କରିବା ପାଇଁ ଅତିରିକ୍ତ ରାସାୟନିକ ପଦାର୍ଥର ଆବଶ୍ୟକତା ଦୂର ହୋଇଥାଏ। ଏହା ଯୋଗୁଁ ବିଶାଳ ପରିବେଶଗତ ପ୍ରଭାବ ଅନୁଭୂତ ହେଉଛି।

ପ୍ରାକୃତିକ ଜଳ ଉତ୍ସଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡର ହେୱାଲ ନଦୀ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ପୂର୍ବରୁ ହେୱାଲ ନଦୀର ପାଣି ଶୁଖିବା ଆରମ୍ଭ କରିଥିଲା, ଏପରି ପରିସ୍ଥିତିରେ ପ୍ରଶାସନ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ହେୱାଲ ନଦୀକୁ ଏକ ନୂତନ ଜୀବନ ମିଳିଥିଲା। ଯେତେବେଳେ ସମାଜ ଏପରି ପ୍ରୟାସ କରେ, ପରିବର୍ତ୍ତନ ବହୁତ ଭଲ ହୋଇଥାଏ।

ଭୋକାଲ୍ ଫର୍ ଲୋକାଲ୍ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବିହାରର ମଖାନା ଏବଂ କର୍ଣ୍ଣାଟକର ହରଡ଼ ଡାଲିକୁ ସାରା ବିଶ୍ୱରେ ନୂତନ ବଜାର ମିଳିଛି। ମହାରାଷ୍ଟ୍ରର ଆଦିବାସୀ ଉତ୍ପାଦଗୁଡ଼ିକ ଆଦିବାସୀ କଳାର ସମୃଦ୍ଧିକୁ ପ୍ରତିଫଳିତ କରୁଥିବା ପ୍ୟାକେଜିଂ ମାଧ୍ୟମରେ ପରିଚିତି ପାଇଛନ୍ତି। ଖଦି ଲୋକପ୍ରିୟତା ହାସଲ କରିଛି। ଯେଉଁ କାରିଗରମାନଙ୍କର ହସ୍ତଶିଳ୍ପ ଆମର ପରମ୍ପରାକୁ ଜୀବନ୍ତ ରଖିଛି ସେମାନଙ୍କୁ ଏହା ସମର୍ଥନ କରୁଛି। ଆମର ସ୍ଥାନୀୟ କାରିଗରମାନଙ୍କ ଦ୍ୱାରା ତିଆରି ଉତ୍ପାଦଗୁଡ଼ିକୁ ବାଛି ଭୋକାଲ୍ ଫର୍ ଲୋକାଲ୍‌କୁ ସୁଦୃଢ଼ କରିବା।

ଦୀପାବଳି ଏବଂ ଛଠ୍ ପର୍ବ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପର୍ବଗୁଡ଼ିକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ପ୍ରୟାସ ଚାଲିଛି। ଆମେ ଯେଉଁଠାରେ ରହିବା ସେଠାରେ ସ୍ୱଚ୍ଛତା ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ।

ଫ୍ରାନ୍ସରେ ସ୍ଥିତି ଅସମ୍ଭାଳ: ଦେଶବ୍ୟାପୀ ଜଳାପୋଡ଼ା

ରଣକ୍ଷେତ୍ର ପାଲଟିଲା ରାଜରାସ୍ତା:୧୦୦୦ରୁ ଉର୍ଦ୍ଧ୍ୱ ଗିରଫ

- ୪ଲକ୍ଷରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କ ଲଙ୍କାକାଣ୍ଡ
- ପାଣିମାଡ ଓ ଲୁହବୁହା ଗ୍ୟାସ ପ୍ରୟୋଗ

ପ୍ୟାରିସ୍ : ସରକାରୀ ଶିକ୍ଷା ନୀତି, ବର୍ଦ୍ଧିତ ମହଙ୍ଗା ମାଡ଼ ଏବଂ ଆର୍ଥିକ ସମସ୍ୟା ବିରୋଧରେ ୟୁରୋପୀୟ ଦେଶ ଫ୍ରାନ୍ସରେ ବ୍ୟାପକ ଅଶାନ୍ତି ସୃଷ୍ଟି ହୋଇଛି। ପରିସ୍ଥିତି କ୍ରମଶଃ ନିୟନ୍ତ୍ରଣ ବାହାରକୁ ଯାଉଥିବାରୁ ଦେଶରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଫଳରେ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏହାସହିତ ବିଭିନ୍ନ ସ୍ଥାନରେ ପ୍ରଦର୍ଶନକାରୀ ଏବଂ ସୁରକ୍ଷାବଳ ମଧ୍ୟରେ ଭୀଷଣ ସଂଘର୍ଷ ଦେଖିବାକୁ ମିଳିଛି। ପୂର୍ବରୁ ଘଟିଥିବା ହିଂସାକୁ ନିୟନ୍ତ୍ରଣ କରିବା ସହ ଏହାର ପୁନରାବୃତ୍ତି ରୋକିବାକୁ ପ୍ରଶାସନ ଉଦ୍ୟମ କରୁଥିବା ବେଳେ ପୁଣିଥରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ଦେଶବ୍ୟାପୀ ଏହି ପ୍ରଦର୍ଶନରେ ୪୧୦,୦୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିବା ବେଳେ ପ୍ରାୟ ୧୦୦୦ରୁ ଅଧିକ ଉତ୍ତେଜନାକାରୀଙ୍କୁ ଗିରଫ କରାଯାଇଛି।

ପ୍ୟାରିସରୁ ୧୨୦ କିଲୋମିଟର ଦୂରରେ ଥିବା ଅର୍ଲିଅନ୍ସରେ ଆରମ୍ଭ ହୋଇଥିବା ପ୍ରତିବାଦ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଥିଲା। କିନ୍ତୁ ଶନିବାର ବିଳମ୍ବିତ ସନ୍ଧ୍ୟାରେ ପ୍ୟାରିସ ଏବଂ ଅନ୍ୟାନ୍ୟ ପ୍ରମୁଖ ସହରରେ ପରିସ୍ଥିତି ହିଂସାତ୍ମକ ରୂପ ନେଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ପାଇଁ ପୋଲିସ୍ ପାଣିମାଡ ସହିତ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ବିରୋଧ ପ୍ରଦର୍ଶନ ନିଷେଧ ସତ୍ତ୍ୱେ, ପ୍ୟାରିସରେ ପ୍ରାୟ ୧,୧୦,୦୦୦ ଏବଂ ସାରା ଦେଶରେ ୪,୧୦,୦୦୦ ପ୍ରଦର୍ଶନକାରୀ ରାଜ ରାସ୍ତାକୁ ଓହ୍ଲାଇଥିଲେ। ଲିଓନ୍, ଲିଲେ , ମାର୍ସିଲ୍ , ମଣ୍ଟପେଲିୟର, କ୍ଲରମୋଣ୍ଟ-ଫେରାଣ୍ଡ, ଷ୍ଟ୍ରାସବର୍ଗ, ନାଣ୍ଟେସ୍, ନାଇସ ଏବଂ ଟୁଲୁଜ୍ ସମେତ ଅନେକ ସହରରେ ପୋଲିସ୍ ସହ ପ୍ରଦର୍ଶନକାରୀଙ୍କ ଜୋରଦାର ଧସ୍ତାଧସ୍ତି ହୋଇଥିଲା। କେବଳ ଲିଓନ୍ ସହରରେ ପ୍ରାୟ ୧୦ ହଜାର ଲୋକ ବିନା କୌଣସି ପୂର୍ବ ଅନୁମତିରେ ରାସ୍ତାକୁ ଓହ୍ଲାଇଥିଲେ। ପ୍ରାୟ ୧୫୦

ଜଣ ପ୍ରଦର୍ଶନକାରୀ କଟକଣାକୁ ଅମାନ୍ୟ କରି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପ୍ରଦର୍ଶନକାରୀମାନେ ପୋଲିସ ଉପରେ ପ୍ରୋଜେକ୍ଟାଇଲ ସାହାଯ୍ୟରେ ଆକ୍ରମଣ କରିଥିଲେ।

ଆହୁରି ଜଣାପଡିଛି ଯେ, ରାଲି ଶେଷ ହେବା ପରେ ପ୍ୟାରିସରେ ମୁଖା ପିନ୍ଧିଥିବା ୫୦୦ରୁ ଅଧିକ ପ୍ରଦର୍ଶନକାରୀ ପୋଲିସ ଉପରେ ପଥର ମାଡ଼ କରିଥିଲେ। ସେହିପରି ମାର୍ସିଲରେ ପ୍ରଦର୍ଶନକାରୀମାନେ ବଡ଼ ବଡ଼ ଧାତୁ ଚାଦର ସହିତ ରାସ୍ତା ଅବରୋଧ କରିଥିଲେ। ଜଳାପୋଡ଼ା ସହିତ ପୋଲିସ ଉପରେ ପଥର ଓ ବୋତଲ ଫିଙ୍ଗିଥିଲେ। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ସଂଘର୍ଷ ଜାରି ରହିଥିଲା। ପ୍ରଦର୍ଶନକାରୀମାନେ ଦୁଇଟି ଅଳଙ୍କାର ଦୋକାନରେ ମଧ୍ୟ ପଶିବାକୁ ଚେଷ୍ଟା କରିଥିଲେ। ବୋର୍ଡୋ, ଲିଓନ୍ ଏବଂ ଗ୍ରେନୋବଲରେ ମଧ୍ୟ ହିଂସା ଘଟିଥିଲା।

ବିଶ୍ୱର ସବୁଠାରୁ ସୁନ୍ଦର ହାତଲେଖା ପାଇଁ ଚର୍ଚ୍ଚାରେ ନେପାଳୀ ଛାତ୍ରୀ ପ୍ରକୃତି



କାଠମାଣ୍ଡୁ: ଆଜିର ଡିଜିଟାଲ୍ ଯୁଗରେ ପିଲାମାନେ କଲମ ଧରିବା ପୂର୍ବରୁ କମ୍ପ୍ୟୁଟର କିମ୍ବା ମୋବାଇଲ୍ ଟାଇପ୍ କରିବାରେ ଅଭ୍ୟସ୍ତ ହୋଇଗଲେଣି। କିନ୍ତୁ ଏଭଳି ଏକ ସମୟରେ ନେପାଳର ଜଣେ ସ୍କୁଲ ଛାତ୍ରୀ ତାଙ୍କର ଅଦ୍ଭୁତ ଏବଂ ସୁନ୍ଦର ହାତଲେଖା ପାଇଁ ସମଗ୍ର ବିଶ୍ୱରେ ଇଣ୍ଟରନେଟ୍ ସେନସେସନ୍ ପାଲଟିଯାଇଛନ୍ତି। ତାଙ୍କ ହାତଲେଖାକୁ ବିଶ୍ୱର ସବୁଠାରୁ ସୁନ୍ଦର ହାତଲେଖା ଭାବରେ ଗ୍ରହଣ କରାଯାଏ।

ନେପାଳର 'ବୀରେନ୍ଦ୍ର ସୈନିକ ଆବାସୀୟ ମହାବିଦ୍ୟାଳୟ'ରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ମାତ୍ର ୧୪ ବର୍ଷ ବୟସ୍କା ପ୍ରକୃତି ମଲ୍ଲଙ୍କର ଏକ ସ୍କୁଲ୍ ଆସାଇନମେଣ୍ଟ୍ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ସେ ଏକ ସାଧାରଣ ପେନ୍ ଓ କାଗଜରେ ଇଂରାଜୀରେ ଏକ ପ୍ରବନ୍ଧ ଲେଖିଥିଲେ। ତାଙ୍କ ଅକ୍ଷରଗୁଡ଼ିକର ଆକାର, ମଧ୍ୟରେ ସମାନ ଦୂରତ୍ୱ ଏବଂ ଧାଡ଼ିଗୁଡ଼ିକର ସଠିକ୍ ସଜ୍ଜା ଦେଖି ପ୍ରଥମେ କେହି ବିଶ୍ୱାସ କରିପାରି ନଥିଲେ ଯେ ଏହା ହାତରେ ଲେଖାଯାଇଛି। ଅନେକ ଲୋକ ଏହାକୁ କୌଣସି କମ୍ପ୍ୟୁଟରର ପ୍ରିଣ୍ଟ୍ ଆଉଟ୍ ବୋଲି ଭାବି ଭ୍ରମରେ ପଡ଼ିଥିଲେ।

ସାଧାରଣତଃ ଲୋକମାନେ ଭାବନ୍ତି ଯେ ଏପରି ସୁନ୍ଦର ହାତଲେଖା କେବଳ ଏକ ଭଗବତ ପ୍ରଦତ୍ତ ପ୍ରତିଭା, କିନ୍ତୁ ପ୍ରକୃତିଙ୍କ ଏହି ସଫଳତା ପଛରେ ରହିଛି ଦୀର୍ଘ ଦିନର କଠିନ ପରିଶ୍ରମ ଓ ନିଷ୍ଠା। ସେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଅକ୍ଷରର ଗଠନ ଏବଂ ସୁନ୍ଦରତା ଉପରେ ଗଭୀର ଧ୍ୟାନ ଦେଇ ଅଭ୍ୟାସ କରୁଥିଲେ। ତାଙ୍କର ଏହି ନିରନ୍ତର ଅଭ୍ୟାସ ଯୋଗୁଁ ତାଙ୍କର ଲେଖା କୌଣସି ସୁନ୍ଦର କ୍ୟାଲିଗ୍ରାଫି କଳାଠାରୁ କିଛି କମ୍ ନଜର ଆସେ ନାହିଁ।

ପ୍ରକୃତିଙ୍କ ଏହି ଅନନ୍ୟ ପ୍ରତିଭା ପାଇଁ ତାଙ୍କୁ ନେପାଳ ସରକାର ଏବଂ ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯାଇଛି। ଏହାପରେ ଡିସେମ୍ବର ୨୦୨୨ରେ ସେ ସଂଯୁକ୍ତ ଆରବ ଏମିରେଟ୍ସର ୫୧ତମ ଜାତୀୟ ଦିବସ ଅବସରରେ ଏକ ଅଭିନନ୍ଦନ ପତ୍ର ନିଜ ହାତରେ ଲେଖି ନେପାଳସ୍ଥିତ ୟୁଏଇ ଦୂତାବାସକୁ ପ୍ରଦାନ କରିଥିଲେ। ୟୁଏଇ ଦୂତାବାସ ମଧ୍ୟ ସୋସିଆଲ ମିଡିଆରେ ତାଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ହାତଲେଖିକା ଭାବରେ ପ୍ରଶଂସା କରିଥିଲା। ଡିଜିଟାଲ୍ ଯୁଗରେ ମଧ୍ୟ ହାତଲେଖାର ମହତ୍ତ୍ୱ ଏବଂ ମାନବୀୟ କଳାର ସୌନ୍ଦର୍ଯ୍ୟ କିପରି ଜୀବନ୍ତ ରହିପାରେ, ତାହାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ପ୍ରକୃତି ମଲ୍ଲ।

୧୦୦ କୋଟିର ଦୁର୍ନୀତି ମାମଲା: ପୂର୍ବତନ ଡିଏମ୍‌କେ ମନ୍ତ୍ରୀ ଗିରଫ

ଚେନ୍ନାଇ: ଡିଏମ୍‌କେ ନେତା ତଥା ତାମିଲନାଡୁର ପୂର୍ବତନ ସ୍କୁଲ୍ ଶିକ୍ଷା ମନ୍ତ୍ରୀ ଅନବିଲ ମହେଶ ପୋୟାମୋଝି ୧୦୦ କୋଟି ଟଙ୍କାର ଦୁର୍ନୀତି ମାମଲାରେ ଆଜି ଗିରଫ ହୋଇଛନ୍ତି। ଘରୋଇ ସ୍କୁଲ୍‌କୁ ଲାଇସେନ୍ସ ଓ ସରକାରୀ ଅନୁମୋଦନ ଦେବା ବଦଳରେ ଲାଞ୍ଚ ଆଦାୟ କରିଥିବା ଅଭିଯୋଗରେ ଗ୍ରେଟର ଚେନ୍ନାଇ ପୁଲିସର ସିସିବି (ସେଣ୍ଟ୍ରାଲ କ୍ରାଇମ୍ ବ୍ରାଞ୍ଚ) ତାଙ୍କୁ ଗିରଫ କରିଛି।

ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ସରକାରୀ ଅନୁମୋଦନ ଦେବାର ପ୍ରତିଶ୍ରୁତି ଦେଇ ଦଳୀୟ ପାଣ୍ଠି ନାମରେ ସେ ବିପୁଳ ପରିମାଣର ଟଙ୍କା ସଂଗ୍ରହ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ତଦନ୍ତରୁ ପ୍ରାୟ ୧୭୭ଟି ଘରୋଇ ସ୍କୁଲ୍ ପ୍ରଭାବିତ ହୋଇଥିବା ଜଣାପଡ଼ିଥିଲା। ତଦନ୍ତକାରୀ ଅଧିକାରୀଙ୍କ ହାତରେ ମିଳିଥିବା ପ୍ରମାଣ ଆଧାରରେ ମହେଶଙ୍କୁ ଏହି ମାମଲାରେ ଅଭିଯୁକ୍ତ ଦର୍ଶାଯାଇଛି। ପୁଲିସ ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅଧୀନରେ ମାମଲା ରୁଜୁ କରିଛି। ମାଡ୍ରାସ ହାଇକୋର୍ଟ ଆଜି ମହେଶଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିବା ପରେ ପୁଲିସ ତାଙ୍କୁ ଗିରଫ କରିଛି। ଗିରଫଦାରିରୁ ସୁରକ୍ଷା ପାଇଁ ସେ କରିଥିବା ଆବେଦନକୁ ଜଷ୍ଟିସ୍ ଭି ଲକ୍ଷ୍ମୀନାରାୟଣନ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ସହିତ ନିଜ ବିରୋଧରେ ରୁଜୁ ଏତଲା ରଦ୍ଦ କରିବା ପାଇଁ ମହେଶ କରିଥିବା ପୃଥକ୍ ଆବେଦନରେ ମଧ୍ୟ ତାଙ୍କୁ କୌଣସି ଆଶ୍ୱସ୍ତି ମିଳିନାହିଁ।

ମହେଶ ୨୦୨୧ରୁ ୨୦୨୬ ମଧ୍ୟରେ ସ୍କୁଲ୍ ଶିକ୍ଷା ମନ୍ତ୍ରୀ ଥିବା ସମୟରେ ବିଭିନ୍ନ ଘରୋଇ ସ୍କୁଲ୍ ପରିଚାଳନା କମିଟିଠାରୁ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଛି। ସ୍କୁଲଗୁଡ଼ିକୁ ସ୍ଥାୟୀ ମାନ୍ୟତା ଓ ସରକାରୀ ଅନୁମୋଦନ ଦେବା ବଦଳରେ ଏହି ଅର୍ଥ ନିଆଯାଇଥିବା କୁହାଯାଉଛି। ଏହି ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ମଧ୍ୟ ଅର୍ଥ ହେରଫେର ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ମାମଲା ରୁଜୁ କରିଛି। ସେପ୍ଟେମ୍ବରରେ ମହେଶ ତଦନ୍ତ ପାଇଁ ସିସିବିରେ ହାଜର ହୋଇଥିଲେ। ଏହା ପୂର୍ବରୁ ସିସିବି ତାଙ୍କ ବାସଭବନରେ ୮ ଘଣ୍ଟା ଧରି ତଲାସି ଅଭିଯାନ ଚଳାଇଥିଲା। ଅନ୍ୟପକ୍ଷରେ, ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟାର୍ଗେଟ୍ କରିବା ପାଇଁ ଟିଭିକେ ସରକାର ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ବ୍ୟବହାର କରୁଥିବା ଡିଏମ୍‌କେ ଅଭିଯୋଗ କରିଛି।

୨.୧୨ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ ଡିଏସିର ଅନୁମୋଦନ

ନୂଆଦିଲ୍ଲୀ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିଏସି (ଡିଫେନ୍ସ ଆକ୍ୱିଜିସନ୍ କାଉନସିଲ୍) ବୈଠକରେ ୨.୧୨ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପ୍ରତିରକ୍ଷା କ୍ଷେତ୍ରର ଆଧୁନିକୀକରଣ ପାଇଁ ଦିଆଯାଇଥିବା ଏହି ଅନୁମୋଦନରେ ଘରୋଇ କ୍ରୟକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପ୍ରତିରକ୍ଷା ମନ୍ତ୍ରାଳୟ ଅନୁଯାୟୀ, ଭାରତୀୟ ଶିଳ୍ପରୁ ପ୍ରାୟ ୮୨ ପ୍ରତିଶତ ସାମଗ୍ରୀ କ୍ରୟ ପାଇଁ ଅନୁମୋଦନ ମିଳିଛି।

ଏହି ପ୍ରସ୍ତାବରେ ଭାରତୀୟ ସ୍ଥଳସେନା, ନୌସେନା ଓ ବାୟୁସେନା ପାଇଁ ହେଲିକପ୍ଟର, ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, ଡ୍ରୋନ୍, ତୋପ ବ୍ୟବସ୍ଥା, ନୌସେନାର ବିଭିନ୍ନ ପ୍ଲାଟଫର୍ମ, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ନିରୀକ୍ଷଣ ବ୍ୟବସ୍ଥା କ୍ରୟ ଅନ୍ତର୍ଭୁକ୍ତ ରହିଛି। ଭାରତୀୟ ସ୍ଥଳସେନା ପାଇଁ ଡିଏସି ହାଇ ମୋବିଲିଟି ଯାନ, ସ୍ୱୟଂଚାଳିତ ଟ୍ରାକ୍‌ଯୁକ୍ତ ତୋପ ବ୍ୟବସ୍ଥା, ଗନ୍‌ସଟ୍ ରେସପନ୍ସ ସିଷ୍ଟମ୍, ହାଲୁକା ବହୁମୁଖୀ ହେଲିକପ୍ଟର ଓ ଅତି ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା କ୍ରୟ ପ୍ରସ୍ତାବକୁ ଅନୁମୋଦନ ଦେଇଛି। ସେହିପରି, ଭାରତୀୟ ନୌସେନା ପାଇଁ ଆକ୍ଟିଭ୍ ଅଫ୍ ବୋର୍ଡ ଡିକୟ ସିଷ୍ଟମ୍

ନଭେମ୍ବର ୧ରୁ ଦିଲ୍ଲୀରେ ପ୍ରବେଶ କରିପାରିବ ନାହିଁ ୧୦ଲକ୍ଷରୁ ଅଧିକ ଗାଡ଼ି

ନୂଆଦିଲ୍ଲୀ: ପ୍ରଦୂଷଣ ରୋକିବାକୁ ଦିଲ୍ଲୀରେ ନଭେମ୍ବର ୧, ୨୦୨୬ରୁ ଜାନୁଆରୀ ୩୧, ୨୦୨୭ ପର୍ଯ୍ୟନ୍ତ ବିଏସ୍-୬ ନିର୍ଗମନ ମାନଦଣ୍ଡ ତଳେ ଥିବା ଯାନବାହନର ପ୍ରବେଶ ନିଷିଦ୍ଧ କରାଯାଇଛି। ପରିବହନ ବିଭାଗର ଆକଳନ ଅନୁଯାୟୀ, ଏହି ନିୟମ ଯୋଗୁ ଦିଲ୍ଲୀରେ ଉପରୋକ୍ତ ସମୟ ମଧ୍ୟରେ ବିଏସ୍-୬ ନିର୍ଗମନ ମାନଦଣ୍ଡ ତଳେ ଥିବା ଏନସିଆର ଅଞ୍ଚଳ ଗୁଡ଼ଗାଓଁ, ଫରିଦାବାଦ, ନୋଏଡା, ଗ୍ରେଟର ନୋଏଡା ଓ ଗାଜିଆବାଦରୁ ୧୦ ଲକ୍ଷରୁ ଅଧିକ ଯାନ ପ୍ରଭାବିତ ହୋଇପାରେ। ଗୁଡ଼ଗାଓଁ ଓ ଫରିଦାବାଦରେ ପ୍ରାୟ ୨ ଲକ୍ଷ ଯାନ ବିଏସ୍-୬ ମାନଦଣ୍ଡ ପୂରଣ କରୁନାହିଁ, ଯେଉଁଥିରୁ ପ୍ରାୟ ୭୦% ହେଉଛି ବିଏସ୍-୩ ଓ ବିଏସ୍-୪ ଯାନ। ପରିବହନ ବିଭାଗର ଏକ ଆକଳନ ଅନୁଯାୟୀ, ହରିୟାଣାର ଦୁଇଟି ଜିଲ୍ଲାରେ ପ୍ରାୟ ୫୦,୦୦୦ ବାଣିଜ୍ୟିକ ଯାନ ମଧ୍ୟ ବିଏସ୍-୫ ମାନଦଣ୍ଡ ତଳେ ରହିଛି। ନୋଏଡା ଓ ଗ୍ରେଟର ନୋଏଡାରେ ୪ ଲକ୍ଷରୁ ଅଧିକ ଯାନବାହନ ବିଏସ୍୬ ନିର୍ଗମନ ମାନଦଣ୍ଡ ତଳେ ରହିଛି, ଯାହା ମଧ୍ୟରୁ ବିଏସ୍-୪ ଯାନ ମୋଟର ଅଧାରୁ ଅଧିକ। ଏଗୁଡ଼ିକ ମୁଖ୍ୟତଃ ପେଟ୍ରୋଲ କାର।

୨ବର୍ଷ ୧୦ମାସର କୁନି ତବଲା ବାଦକ

ବେଙ୍ଗାଲୁରୁ: କହାଯାଏ ଯେ ପ୍ରତିଭା ବୟସକୁ ପରାସ୍ତ କରିବାର ଯଥେଷ୍ଟ କ୍ଷମତା ରଖିଥାଏ। କର୍ଣ୍ଣାଟକର ଏକ ଛୋଟ ଝିଅ ଏହା ପ୍ରମାଣିତ କରିଛି। ମାତ୍ର ୨ ବର୍ଷ ୧୦ ମାସ ବୟସରେ ଏହି ଝିଅଟି ତା'ର ଛୋଟ ଆଙ୍ଗୁଠିରେ ତବଲାରେ ଏପରି ଯାଦୁ କରୁଛି ଯେ ଦେଖଣାହାରୀମାନେ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ଏତେ କମ୍ ବୟସରେ ଝିଅଟି ୧୨ଟି ତବଲା ବିଟ୍‌ରେ ପାରଙ୍ଗମ ହୋଇ ଏବଂ ସେଗୁଡ଼ିକୁ ସଂପୂର୍ଣ୍ଣ ତାଳରେ ବଜାଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। ଏହି ଯୁବ ମାଇଷ୍ଟ୍ରୋଙ୍କ ପ୍ରଦର୍ଶନର ଭିଡିଓ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ଭିଡିଓକୁ ଆପଣ ମଧ୍ୟ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଆପଣ ମଧ୍ୟ କହିବେ ଏହା ହେଉଛି ବୀଣାପାଣିଙ୍କ ବରଦାନ। କର୍ଣ୍ଣାଟକର ଉତ୍ତର କନ୍ନଡ଼ ଜିଲ୍ଲାର ହୋନ୍ନଭର ଗାଁର ଏହି ଝିଅଟିର ନାମ ସ୍ୱରଶ୍ରୀ ହେଗଡେ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ 'ତାଳ'କୁ ଯେକୌଣସି ସଙ୍ଗୀତର ମୂଳଦୁଆ ବୋଲି ବିବେଚନା କରାଯାଏ। ତବଲାରେ ବିଭିନ୍ନ ତାଳ ବଜାଇବା ପାଇଁ ହାତ ଗତି, ମାନସିକ ସମନ୍ୱୟ ଏବଂ ଅପାର ଏକାଗ୍ରତା ଆବଶ୍ୟକ ହୁଏ। ଅଭିଜ୍ଞ ଲୋକଙ୍କୁ ଶିଖିବାକୁ ବର୍ଷ ବର୍ଷ ଲାଗିଗୁଥିଲେ ମଧ୍ୟ ସ୍ୱରଶ୍ରୀ ତିନି ବର୍ଷ ବୟସ ହେବା ପୂର୍ବରୁ ୧୨ଟି ଜଟିଳ ତାଳରେ ପାରଙ୍ଗମ ହୋଇସାରିଛନ୍ତି।

ଦେବୀ ସରସ୍ୱତୀଙ୍କ ଆଶୀର୍ବାଦ

ଯେତେବେଳେ ସ୍ୱରଶ୍ରୀ ତବଲା ବଜାଉଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହୋଇଥିଲା, ତାହା ତୁରନ୍ତ ଭାଇରାଲ ହୋଇଯାଇଥିଲା। ଶିଶୁଟି ଯେଉଁ ନିର୍ଦ୍ଦୋଷତା ଏବଂ ସଠିକତାର ସହିତ ତବଲା ବଜାଇଥାଏ ଏବଂ ଗୀତର ଉଚ୍ଚାରଣ କରିଥାଏ ତାହା ଲକ୍ଷ ଲକ୍ଷ ଲୋକଙ୍କର ହୃଦୟ ଜିତିଛି। ଇଣ୍ଟରନେଟରେ ଲୋକମାନେ ଏହି ଯୁବ ପ୍ରତିଭାକୁ ପ୍ରଶଂସା କରୁଛନ୍ତି ଏବଂ ଏହାକୁ ଉତ୍ତର କନ୍ନଡ ପାଇଁ ଏକ ବଡ଼ ଗର୍ବର ବିଷୟ ବୋଲି କହୁଛନ୍ତି।

ମା'ଙ୍କ ଗର୍ଭରୁ ତବଲା ବାଦନ ଶିକ୍ଷା

ସୋସିଆଲ ମିଡିଆ ମନ୍ତବ୍ୟରେ ଭାଇରାଲ ହେଉଛି। ଜଣେ ବ୍ୟବହାରକାରୀ ଲେଖିଛନ୍ତି, ଏହି ପିଲାଟି ଜଣେ ଦେବୀ ଅବତାର ପରି ଦେଖାଯାଉଛି। ଏତେ ଛୋଟ ବୟସରେ ଏତେ ସୁନ୍ଦର ଭାବରେ ତବଲା ବଜାଉଛି। ଅନ୍ୟ ଜଣେ ବ୍ୟବହାରକାରୀଙ୍କ ଭାଷାରେ ଏପରି ମନେହୁଏ ଯେ ପିତାମାତାଙ୍କର ଏକ ଧାରଣା ଥିଲା, ତେଣୁ ସେମାନେ ଝିଅଟିର ନାମ 'ସ୍ୱରଶ୍ରୀ' ରଖିଛନ୍ତି। ଅନ୍ୟ ଜଣେ ବ୍ୟବହାରକାରୀ ମଜା କରି ଲେଖିଛନ୍ତି, ଏହି ଝିଅଟି ତାଙ୍କ ମା'ଙ୍କ ଗର୍ଭରୁ ହିଁ ତବଲା ବଜାଇବା ଶିଖିଛି। ଏହା କୌଣସି ଚମତ୍କାରଠାରୁ କମ୍ ନୁହେଁ।

ଓଡ଼ିଶା ନିଶବ୍ଦ
ODISHA NISHABDA
epaper.odishanishabda.com

ମୁମ୍ବାଇରୁ ଫେରିଲେ ମୁଖ୍ୟମନ୍ତ୍ରୀ: ୨୫ଟି ୱାନ୍ ଟୁ ୱାନ୍, ୯ଟି ଏମଓୟୁ, ୪ଟି ଆଗ୍ରହପତ୍ର

ରାଜ୍ୟକୁ ଆସିଲା ୫୪ ହଜାର କୋଟିର ନିବେଶ

- ସୃଷ୍ଟି ହେବ ୨୦ ହଜାର ନିଯୁକ୍ତି ସୁଯୋଗ
- ଏନ୍ଏଲ୍ସି ଇଣ୍ଡିଆ ଲିମିଟେଡ଼ ସହିତ ୩୬,୭୬୩.୫୧ କୋଟିର ବୁଝାମଣାପତ୍ର ସ୍ୱାକ୍ଷରିତ
- ଆସନ୍ତା ବର୍ଷ ଅକ୍ଟୋବରରେ ଅନୁଷ୍ଠିତ ହେବ ଓଡ଼ିଶା କେମ୍ ୨୦୨୭

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ କେମ୍ ୨୦୨୬ରେ ଓଡ଼ିଶା ଏକ ଅଗ୍ରଣୀ ପୁଞ୍ଜି ଆକର୍ଷଣକାରୀ ରାଜ୍ୟ ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ମୁଖ୍ୟମନ୍ତ୍ରୀ ଟିମ୍ ଓଡ଼ିଶାର ନେତୃତ୍ୱ ନେଇ କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ଆୟୋଜିତ ଏହି କନ୍‌କ୍ଲେଭ୍‌ରେ ଅକ୍ଟୋବର ୨୨ ଏବଂ ୨୩ ରେ ଯୋଗ ଦେବା ପରେ ଭୁବନେଶ୍ୱର ଫେରିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ଗଣମାଧ୍ୟମ ଆଗରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁମ୍ବାଇରେ ଏହି ଦୁଇ ଦିନରେ ୯ଟି ଏମଓୟୁ ସହିତ ୪ଟି ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ଓଡ଼ିଶାକୁ ସମୁଦାୟ ୫୩,୮୯୩.୫୧ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି, ଯାହାଦ୍ୱାରା ୨୦,୨୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଆସନ୍ତା ବର୍ଷ ଏହି ସମ୍ମିଳନୀ ଓଡ଼ିଶାରେ ଆୟୋଜନ କରିବା ପାଇଁ ସେ କେନ୍ଦ୍ର ସରକାର ଓ ଫିକି ସହିତ ଆଲୋଚନା କରିଥିଲେ ଏବଂ ଏଥିପାଇଁ ଉଭୟେ ଗ୍ରୀନ ସିଗ୍‌ନାଲ୍ ଦେଇଛନ୍ତି। ଆସନ୍ତା ବର୍ଷ ୨୦୨୭ ଅକ୍ଟୋବର ମାସରେ ଓଡ଼ିଶା କେମ- ୨୦୨୭ ଅନୁଷ୍ଠିତ ହେବ। ଏହି ଗସ୍ତ ସମୟରେ ବିଭିନ୍ନ ବିଜନେସ୍ ଲିଡରମାନଙ୍କ ସହିତ ୨୫ଟି ୱାନ ଟୁ ୱାନ ମିଟିଙ୍ଗ୍ ଅନୁଷ୍ଠିତ ହୋଇଛି। ପୋସ୍କୋ ଇଣ୍ଡିଆ, ଜେ.ଏସ୍.ଡବ୍ଲ୍ୟୁ, ଏଲ୍ଆଣ୍ଡଟି ଆଦି କମ୍ପାନୀ ମାନଙ୍କ ସହିତ ଆମେରିକା ଓ ୟୁରୋପିଆନ୍ ୟୁନିଅନ୍‌ର ବିଭିନ୍ନ ଦେଶର କମ୍ପାନୀମାନଙ୍କ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନା ଦ୍ୱାରା ସେମାନଙ୍କର ଆବଶ୍ୟକତା ବିଷୟରେ ଜାଣିବା ସହିତ ଓଡ଼ିଶାରେ ନିବେଶ କରିବା ପାଇଁ କେଉଁ ସୁବିଧା ସୁଯୋଗ ଉପଲବ୍ଧ ଅଛି, ସେମାନେ ମଧ୍ୟ ଜାଣିପାରିଛନ୍ତି। ଏହାଦ୍ୱାରା ବିଭିନ୍ନ ସମ୍ଭାବ୍ୟ ନିବେଶକମାନଙ୍କ ସହିତ ଉତ୍ତମ ବୁଝାମଣା ସୃଷ୍ଟି ହୋଇପାରିଛି। ଓଡ଼ିଶାରେ ନିବେଶ ପାଇଁ ଏହି କମ୍ପାନୀମାନଙ୍କର ଖୁବ୍ ଆଗ୍ରହ ରହିଛି।' କମ୍ପାନୀମାନଙ୍କ ସହିତ ଏହି ଆଲୋଚନା ପାଇଁ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କର ଖୁବ୍ ସହଯୋଗ ରହିଛି ବୋଲି ମତ ଦେଇ ଏଥିପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ଏକ ମେଟାଲଭିତ୍ତିକ ଅର୍ଥନୀତିରୁ କେମିକାଲଭିତ୍ତିକ ଅର୍ଥନୀତିକୁ ଡାଇଭର୍ସିଫାଇ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ରହିଛି, ତାକୁ ସାକାର କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହୋଇଛି। ଓଡ଼ିଶାରେ ମେଟାଲ, ମେଟାଲ ଡାଉନଷ୍ଟ୍ରିମ୍, କେମିକାଲ, ପେଟ୍ରୋ କେମିକାଲ ଏବଂ ପ୍ଲାଷ୍ଟିକ୍ ଆଦି ସମସ୍ତ ପ୍ରକାର ପରସ୍ପର ନିର୍ଭରଶୀଳ ଶିଳ୍ପ ସ୍ଥାପନ କରି ଓଡ଼ିଶାରେ ଏକ କମ୍ପ୍ଲିଟ୍ ଇଣ୍ଡଷ୍ଟ୍ରିଆଲ୍ ଇକୋସିଷ୍ଟମ୍ ଗଠନ କରାଯିବ। ଏହାଦ୍ୱାରା ଆତ୍ମନିର୍ଭର ଭାରତ ଗଠନର ଲକ୍ଷ୍ୟ ପୂରଣରେ ଓଡ଼ିଶା ଏକ ମଜବୁତ୍ ସ୍ତମ୍ଭ ହୋଇପାରିବ।'

ମୁଖ୍ୟମନ୍ତ୍ରୀଙ୍କ ଏହି ସଫଳ ଅଭିଯାନ ପାଇଁ ଭୁବନେଶ୍ୱର ବିମାନବନ୍ଦରରେ ବହୁ ସଂଖ୍ୟକ ଜନସାଧାରଣଙ୍କ ସହିତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମବାୟ, ହସ୍ତତନ୍ତ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏବଂ ଅନେକ ବିଧାୟକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

ମଧ୍ୟରାତ୍ରରେ 'ଅର୍ଣ୍ଣବ' ତାଣ୍ଡବ: ଲ୍ୟାଣ୍ଡଫଲ୍ କଲା ୧୨ଟା ୫୪ରେ

ଭୁବନେଶ୍ୱର: ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିଛି ଅତିଭୀଷଣ ବାତ୍ୟା 'ଅର୍ଣ୍ଣବ'। ଆଇଏମ୍‌ଡିର ସୂଚନା ଅନୁଯାୟୀ, ଆଜି ମଧ୍ୟରାତି ୧୨ଟା ୫୪ ମିନିଟ୍‌ରେ ୟାନାମର ଦକ୍ଷିଣ ଦିଗରେ ବାତ୍ୟାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହୋଇ ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ଜାରି ରହିଥିଲା। ସ୍ଥଳଭାଗ ଅତିକ୍ରମ ସମୟରେ ପବନର ବେଗ ଘଣ୍ଟାପ୍ରତି ପ୍ରାୟ ୧୨୫ରୁ ୧୩୫ କିଲୋମିଟର ଏବଂ ଝଟକା ପବନ ୧୫୦ କିଲୋମିଟର ଥିଲା। ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ଓ ପବନ ହୋଇଛି। ବାତ୍ୟା ପ୍ରଭାବରେ ଆନ୍ଧ୍ରର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଓଡ଼ିଶାର ୬ଟି ଜିଲ୍ଲାମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ନବରଙ୍ଗପୁର ଓ ଉପକୂଳ ଓଡ଼ିଶାରେ ମଧ୍ୟ ତୁହାକୁ ତୁହା ବର୍ଷା ଓ ପବନ ଲାଗି ରହିଛି। ଲ୍ୟାଣ୍ଡଫଲ୍ ପରେ ବାତ୍ୟା ୟୁ-ଟର୍ଣ୍ଣ ନେବ ଏବଂ ଦକ୍ଷିଣ ଛତିଶଗଡ଼ମୁହାଁ ହୋଇ ଆଗକୁ ବଢ଼ିବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି। ସମୁଦ୍ର ଭିତରେ ଥିବା ସମୟରେ ବାତ୍ୟା ସର୍ବୋଚ୍ଚ ସ୍ତରରେ ପହଞ୍ଚି ପବନର ବେଗ ଘଣ୍ଟା ପ୍ରତି ୧୮୫ କିମିରେ ଥିଲା। ବିଶାଖାପାଟଣାଠାରୁ ୧୮୦ କିମି ଦୂରରେ ଥିବା ସମୟରେ ହିଁ ସର୍ବାଧିକ ପବନ ରହିଥିଲା। ବାତ୍ୟାର ଆଖି ବ୍ୟାସ ୧୭କିମି ଥିବାବେଳେ ଉପକୂଳ ଆଡ଼କୁ ଆସିଲା ବେଳକୁ ଏହାର ପରିସର ଧୀରେ ଧୀରେ କମିଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଶ୍ରୀଲଙ୍କା ଉପକୂଳ ସଂଲଗ୍ନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରୁ 'ଅର୍ଣ୍ଣବ'ର କେନ୍ଦ୍ରସ୍ଥଳ ପର୍ଯ୍ୟନ୍ତ ଗୋଟିଏ ଟ୍ରଫ୍ ଲାଇନ୍ ଲମ୍ବିଛି। ସମୁଦ୍ର ପତ୍ତନଠାରୁ ୩.୧ କିମି ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଥିବା ଏହି ଟ୍ରଫ୍‌ଲାଇନ୍ ସହ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ଉପକୂଳ ତାମିଲନାଡୁ ଉପରେ ଥିବା ଘୂର୍ଣ୍ଣିବଳୟ ମିଶିଯାଇଛି। ପ୍ରଭାବରେ ଆଉ ଏକ ସିଷ୍ଟମ୍ ସମାନ୍ତରାଳ ଭାବେ ଆଗକୁ ବଢୁଛି, ଯାହାକି ଦକ୍ଷିଣ ଓଡ଼ିଶା ଉପକୂଳକୁ ବୁଧବାର ଅପରାହ୍ଣରେ ସ୍ପର୍ଶ କରିବାର ସମ୍ଭାବନା ରହିଛି। ଏହାଦ୍ୱାରା ଉପକୂଳ ଓଡ଼ିଶା ପ୍ରଭାବିତ ହେବାର ସମ୍ଭାବନା ରହିଛି। ୨୮ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଅତିପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୭୦ରୁ ୮୦ କିମି ଏବଂ କୋରାପୁଟରେ ୫୦ରୁ ୭୦ କିମି ବେଗରେ ପବନ ହୋଇପାରେ। ଏହାବ୍ୟତୀତ ଜଗତସିଂହପୁର, କଟକ, ଖୋରଧା, ପୁରୀ, ନୟାଗଡ଼, କନ୍ଧମାଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଓ ପବନ ହେବ।

- ୧୨ଟା ୫୪ରେ ଲ୍ୟାଣ୍ଡଫଲ୍
- ଆଖିର ବ୍ୟାସ ଥିଲା ୧୭ କିମି
- ଦକ୍ଷିଣ ୟାନମ୍‌ରେ ସ୍ଥଳଭାଗ ଛୁଇଁଲା
- ୧୫୦ କିମି ବେଗରେ ବହିଲା ପବନ
- ଆନ୍ଧ୍ର, ତାମିଲନାଡୁରେ ଭୀଷଣ କ୍ଷତି
- ୨୮ ଟ୍ରେନ୍ ବାତିଲ

ପରବର୍ତ୍ତୀ ୨୪ ଘଣ୍ଟା ଅର୍ଥାତ ୨୮ ତାରିଖ ସକାଳ ସାଢ଼େ ୮ଟାରୁ ୨୯ ତାରିଖ ସକାଳ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ। ସକାଳୁ ରାତି ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ଉପକୂଳ ଓ ସଂଲଗ୍ନ ସମୁଦ୍ର ମଧ୍ୟରେ ଘଣ୍ଟାପ୍ରତି ୬୦ରୁ ୮୦ କିମି ବେଗରେ ପବନ ହୋଇପାରେ। ଏପରିକି ୨୯ ତାରିଖ ସକାଳ ପର୍ଯ୍ୟନ୍ତ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୭୦ କିମି ରହିବ ଏବଂ ତା'ପରେ ଧୀରେ ଧୀରେ ହ୍ରାସ ପାଇବ। ଏହି ସମୟରେ ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଅତିପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୫୦ରୁ ୭୦ କିମି ବେଗରେ ପବନ ହେବାକୁ ଥିବାରୁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ପୁରୀ, ଖୋରଧା ଓ ନୟାଗଡ଼ରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ୪୦ରୁ ୬୦ କିମି ବେଗରେ ପବନ ହୋଇପାରେ। ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ସହ ୩୦ରୁ ୫୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି। ୨୯ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ୪୦ରୁ ୬୦ କିମି ବେଗରେ ପବନ ହେବାକୁ ଥିବାରୁ ଆରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ବାତ୍ୟା ପ୍ରଭାବରେ ଉଦ୍ୟାନକୃଷି ଓ ଛିଡ଼ା ହୋଇଥିବା ଫସଲ କ୍ଷତି ହୋଇପାରେ। ଗଛ ଡାଳ ଭାଙ୍ଗିବା ଯୋଗୁଁ ବିଦ୍ୟୁତ୍ ସରବରାହ ଗୁରୁତର କ୍ଷତି ହୋଇପାରେ। କଚ୍ଚାଘର, ଚାଳ ଛପର ଘର ଓ ମାଟି କାନ୍ଥଗୁଡ଼ିକ ଭାଙ୍ଗିବା, ଦୁର୍ବଳ ନିର୍ମାଣ କ୍ଷତି ହେବାର ସମ୍ଭାବନା ରହିଛି।

ବାତ୍ୟା ଆନ୍ଧ୍ରପ୍ରଦେଶ ଦେଇ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଦକ୍ଷିଣ ଛତିଶଗଡ଼ ଆଡ଼କୁ ଗତି କରିବ ଏବଂ ଶୀଘ୍ର ଦୁର୍ବଳ ହେବ। ବାତ୍ୟାର କେନ୍ଦ୍ର ଓଡ଼ିଶା ଦେଇ ଗତି କରିବାର ନାହିଁ। ଗଞ୍ଜାମ ଜିଲ୍ଲା ବାତ୍ୟାର ଉତ୍ତର ପାର୍ଶ୍ୱ ବାହ୍ୟ ପବନ ବଳୟର ସବୁଠାରୁ ନିକଟରେ ରହିବ। ଗଜପତି ମୁଖ୍ୟ ପବନ ବଳୟଠାରୁ ଦୂରରେ ରହିବ। ପୁରୀ, ଖୋରଧା ଓ ଅନ୍ୟାନ୍ୟ ଉପକୂଳ ଜିଲ୍ଲା ମୁଖ୍ୟ ପବନ ବଳୟ ବାହାରେ ରହିବେ। ଦକ୍ଷିଣ ଓଡ଼ିଶାରେ ଆନୁମାନିକ ପବନର ବେଗ ୪୦ରୁ ୮୦ କିମି ମଧ୍ୟରେ ରହିବ। ସ୍ଥଳଭାଗ ଅତିକ୍ରମ ପୂର୍ବରୁ ଗୋପାଳପୁର ଓ ଦକ୍ଷିଣ ଉପକୂଳରେ ପବନର ପ୍ରଭାବ ଅପେକ୍ଷାକୃତ ଅଧିକ ହୋଇପାରେ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି।

ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଥିବାରୁ ରାତି ସୁଦ୍ଧା ୨୮ଟି ଟ୍ରେନ୍ ବାତିଲ ହୋଇଛି। ବିଶାଖାପାଟଣା-କିରଣ୍ଡୁଲ୍ ଏକ୍ସପ୍ରେସ୍ ଅକ୍ଟୋବର ୨୯ରୁ ନଭେମ୍ବର ୪ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ ହୋଇଛି। ରାଉରକେଲା-ଜଗଦଲପୁର ଏକ୍ସପ୍ରେସ୍ ୨୯ରୁ ନଭେମ୍ବର ୪ ଓ ଜଗଦଲପୁର-ରାଉରକେଲା ଏକ୍ସପ୍ରେସ୍ ୩୦ରୁ ନଭେମ୍ବର ୫, ହାୱଡ଼ା-ଜଗଦଲପୁର ଏକ୍ସପ୍ରେସ୍ ୨୭ରୁ ୩୦ ଓ ଜଗଦଲପୁର-ହାୱଡ଼ା ଏକ୍ସପ୍ରେସ୍ ୨୮ରୁ ୩୧ ତାରିଖ, ବିଶାଖାପାଟଣା-କୋରାପୁଟ ପାସେଞ୍ଜର ଟ୍ରେନ୍ ୩୦ ତାରିଖ ଓ କୋରାପୁଟ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍ ୨୮ରୁ ୩୧ ତାରିଖ, ବିଶାଖାପାଟଣା-କୋରାପୁଟ ଏକ୍ସପ୍ରେସ୍ ୩୦ ଓ ୩୧ ତାରିଖ ଏବଂ ବିଶାଖାପାଟଣା-କିରଣ୍ଡୁଲ୍ ପାସେଞ୍ଜର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ରଦ୍ଦ କରାଯାଇଛି।

ସିକନ୍ଦରାବାଦ-ହାୱଡ଼ା ଏକ୍ସପ୍ରେସ୍ ୨୯ରେ, ହାୱଡ଼ା-ସିକନ୍ଦରାବାଦ ଫଲକନାମା ଏକ୍ସପ୍ରେସ୍ ୨୯ରେ, ସିକନ୍ଦରାବାଦ-ଭୁବନେଶ୍ୱର ନ୍ୟୁ ୨୭ରେ, ଭୁବନେଶ୍ୱର ନ୍ୟୁ-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ ୨୯ରେ, ନନ୍ଦେଡ୍-ସମ୍ବଲପୁର ଏକ୍ସପ୍ରେସ୍ ୨୭ରେ, ସମ୍ବଲପୁର-ନନ୍ଦେଡ୍ ଏକ୍ସପ୍ରେସ୍ ୩୦ରେ, ଭୁବନେଶ୍ୱର-ପୁଣେ ଏକ୍ସପ୍ରେସ୍ ୨୭ରେ, ପୁଣେ-ଭୁବନେଶ୍ୱର ଏକ୍ସପ୍ରେସ୍ ୨୯ରେ, ରାୟଗଡ଼ା-ଗୁଣ୍ଟୁର ଏକ୍ସପ୍ରେସ୍ ୨୮ରେ ଏବଂ ଗୁଣ୍ଟୁରୁ-ରାୟଗଡ଼ା ଏକ୍ସପ୍ରେସ୍ ୨୭ ତାରିଖ ପାଇଁ ବାତିଲ କରାଯାଇଛି। ଏହାବ୍ୟତୀତ ୭ଟି ଟ୍ରେନ୍ ସମୟରେ ପରିବର୍ତ୍ତନ ହୋଇଥିବା ବେଳେ ୬ଟି ଯାତ୍ରୀବାହୀ ଟ୍ରେନ୍ ସେବା ବାତିଲ ହୋଇଛି। ୨୮ ତାରିଖ ପାଇଁ ପାରାଦୀପ-କଟକ-ପାରାଦୀପ ପାସେଞ୍ଜର୍ ଟ୍ରେନ୍, ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ମେମୁ, କଟକ-ପଲାସା ମେମୁ ଏବଂ ୨୯ ତାରିଖରେ ପଲାସା-କଟକ ମେମୁ ଟ୍ରେନ୍ ବାତିଲ ରହିବ।

କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖ ଜମି ବିବାଦ ମାମଲାରେ ଐତିହାସିକ ରାୟ

କୋଣାର୍କ: କୋଣାର୍କର ବିକାଶ ନିମନ୍ତେ ରାଜସ୍ୱ ପର୍ଷଦଙ୍କ ଐତିହାସିକ ରାୟ । ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ସରକାରୀ ସମ୍ପତ୍ତିର ସୁରକ୍ଷା ଦିଗରେ ପ୍ରଶାସନର ବଡ଼ ପଦକ୍ଷେପ । ପ୍ରାୟ ୧୧୦ କୋଟି ଟଙ୍କା ମୂଲ୍ୟର ୧୧ ଏକରରୁ ଊର୍ଦ୍ଧ୍ୱ ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବା ଦିଗରେ ନିଆଯାଇଛି ପଦକ୍ଷେପ ।..

କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଥିବା ଇଏ ସେଇ ୧୧ ଏକରରୁ ଅଧିକ ବହୁମୂଲ୍ୟ ଜମି, ଯେଉଁଠି ନାଲି ପତାକା ଲଗାଇ ଦଖଲକୁ ନେଇଛି ପ୍ରଶାସନ । କୋଣାର୍କର ବିକାଶ ନିମନ୍ତେ ରାଜସ୍ୱ ପର୍ଷଦ ଦେଇଛନ୍ତି ଐତିହାସିକ ରାୟ । ସରକାରୀ ଜମିର ମାଲିକାନା ଓ ପୁରୁଣା ରାଜସ୍ୱ ରେକର୍ଡର ବୈଧତାକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦରେ ପଡ଼ିଛି ଯବନିକା । ଗୋପ ତହସିଲଦାରଙ୍କ ଉପସ୍ଥିତିରେ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରାଯାଇ ନାଲି ପତାକା ଲଗାଯାଇଛି ।...

କୋଣାର୍କରେ ଜମି ମାଫିଆମାନେ ଜାଲ୍ ଦସ୍ତାବିଜ ଓ ରୋଟାରୀ ଏଗ୍ରିମେଣ୍ଟକୁ ଅସ୍ତ୍ର କରି ସରକାରୀ ଜମିକୁ ବିକ୍ରି କରୁଥିବା ବାରମ୍ବାର ଅଭିଯୋଗ ହେଉଛି । ତେବେ ୧୧୦ କୋଟି ଟଙ୍କା ମୂଲ୍ୟର ବିବାଦୀୟ ଜମିକୁ ନେଇ ପୁରୀ ଜିଲ୍ଲାପାଳ ଗତବର୍ଷ ଅଗଷ୍ଟରେ ରାଜସ୍ୱ ପାର୍ଷଦର ରିଭିଜନ୍ ମାମଲା ଦାୟର କରିଥିଲେ । ଏହାର ବିଚାର ପରେ ଜମିକୁ ସରକାରୀ ଖାତାକୁ ଫେରାଇବା ପାଇଁ ରାୟ ଆସିବା ପରେ, ଜମି ମାଫିଆଙ୍କୁ ଲାଗିଛି ଶକ୍ତ ଝଟ୍‌କା । ଏହି ପଦକ୍ଷେପକୁ କୋଣାର୍କବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି ।

ବାରମ୍ବାର ଆବେଦନ ସତ୍ତ୍ୱେ ପ୍ରଶାସନ ନିରବ !

ବିପର୍ଯ୍ୟୟ ପୂର୍ବରୁ ଚେତିବ କି ସରକାର ?

ଓଡିଶା ନିଶବ୍ଦ : ଗୁମ୍ମା, ଗଜପତି: ଗଜପତି ଜିଲ୍ଲା ଗୁମ୍ମା ବ୍ଲକ୍‌ର ମୁନିସିଂ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜାଙ୍ଗଲ ଗ୍ରାମରେ ଜଳ ନିଷ୍କାସନ ସମସ୍ୟା, ନଷ୍ଟ ରାସ୍ତା ଓ ବିପଜ୍ଜନକ ଭାବେ ଢଳି ରହିଥିବା ବିଦ୍ୟୁତ୍ ଖୁଣ୍ଟକୁ ନେଇ ସ୍ଥାନୀୟ ବାସିନ୍ଦା ଚିନ୍ତାରେ ଅଛନ୍ତି। ଏହି ସମସ୍ୟା ଯୋଗୁଁ ୭ଟି ଘରର ୧୫ରୁ ଅଧିକ ପରିବାର ସଦସ୍ୟଙ୍କ ସୁରକ୍ଷା ପ୍ରତି ବିପଦ ଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସମସ୍ୟାର ସମାଧାନ ପାଇଁ ସେପ୍ଟେମ୍ବର ୧୬ରୁ ୧୮ ମଧ୍ୟରେ ସରପଞ୍ଚ ଓ ଗୁମ୍ମା ବିଡିଓଙ୍କ ନିକଟରେ ପ୍ରଥମ ଆବେଦନ କରାଯାଇଥିଲା। ପରେ ଅକ୍ଟୋବର ୧ରେ ଉଚଏଜଇଗଝ ପୋର୍ଟାଲ୍‌ରେ ଅଭିଯୋଗ ଏବଂ ଅକ୍ଟୋବର ୯ରେ ବିଡିଓ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଡାକଯୋଗେ ପୁନର୍ବାର ଆବେଦନ ପଠାଯାଇଥିଲା। ଅକ୍ଟୋବର ୧୨ରେ ଉଭୟ ପତ୍ର ବିତରଣ ହୋଇଥିବା ସୂଚନା ମିଳିଥିଲେ ମଧ୍ୟ ସମାଧାନ ହୋଇନଥିବା ସେମାନେ କହିଛନ୍ତି।

ଏଥିସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କୁ ଇମେଲ୍, ଜନଶୁଣାଣି ପୋର୍ଟାଲ୍ ଏବଂ ସୋସିଆଲ୍ ମିଡିଆରେ ମଧ୍ୟ ଅଭିଯୋଗ କରାଯାଇଛି। ପୋଖରୀରୁ ଜଳ ନିଷ୍କାସନ, ରାସ୍ତା ପାର୍ଶ୍ୱରେ ସ୍ଥାୟୀ ଡ୍ରେନେଜ୍, ରାସ୍ତା ମରାମତି ଓ ଢଳିଥିବା ବିଦ୍ୟୁତ୍ ଖୁଣ୍ଟର ସୁରକ୍ଷା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସମ୍ପୃକ୍ତ ଅଧିକାରୀ ତୁରନ୍ତ ଗାଁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଲିଖିତ ଉତ୍ତର ଓ ସମାଧାନର ସମୟସୀମା ଜଣାଇବାକୁ ଦାବି ହୋଇଛି। ଏବେ ପ୍ରଶ୍ନ ଉଠୁଛି—କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ତତ୍ପର ହେବ ତ, ନା ଗ୍ରାମବାସୀଙ୍କୁ ନ୍ୟାୟ ପାଇଁ ଆହୁରି ଅପେକ୍ଷା କରିବାକୁ ପଡ଼ିବ ?

କୋଟିଆକୁ ନଜର ପକାଇଲେ ମୁହଁତୋଡ଼ ଜବାବ

କୋରାପୁଟ: ଆନ୍ଧ୍ର ମୁଖ୍ୟମନ୍ତ୍ରୀ ସୀମାନ୍ତ ଲୋକଙ୍କ ବିକାଶ ପାଇଁ ସହଯୋଗ କରନ୍ତୁ, କିନ୍ତୁ କୋଟିଆ ଉପରେ ନଜର ପକାନ୍ତୁ ନାହିଁ। ଓଡ଼ିଶାରେ ପଶି ପଞ୍ଚାୟତ ନିର୍ବାଚନ କରିବା ବନ୍ଦ କରନ୍ତୁ। ନଚେତ୍ କୋଟିଆବାସୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇ ଗାଁ ଗାଁରେ ପଦଯାତ୍ରା କରିବ, ଆନ୍ଧ୍ରକୁ ମୁହଁତୋଡ଼ ଜବାବ ଦେବ।

କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସହ କୋଟିଆରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ପରେ ସୀମା ବିବାଦ ଓ କୋଟିଆରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନକୁ ନେଇ ଏପରି ଚେତାବନୀ ଦେଇଛନ୍ତି ପିସିସି ସଭାପତି ଭକ୍ତ ଦାସ। ଶ୍ରୀ ଦାସ କହିଛନ୍ତି, ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ବିରୋଧ କରିବା ପାଇଁ ଓଡ଼ିଶା ସରକାରଙ୍କର ସାହସ ନାହିଁ। କୋଟିଆ ମାମଲାକୁ ଅତି ହାଲୁକା ଭାବେ ନେବା ସହ ଅଞ୍ଚଳ ପ୍ରତି ଓଡ଼ିଶା ସରକାର ଅବହେଳା କରିଥିବାରୁ ୨୦୦୦ ମସିହା ପରଠାରୁ ଆନ୍ଧ୍ରର ଅନୁପ୍ରବେଶ ବଢ଼ିଛି। କଂଗ୍ରେସ ସରକାର ସମୟରେ ଓଡ଼ିଶାରେ ପଶିବାକୁ ଆନ୍ଧ୍ର ସାହସ କରୁନଥିଲା। ଓଡ଼ିଶାରେ ଟ୍ରିପଲ୍ ଇଞ୍ଜିନ୍‌ର ସରକାର ଆସିବା ପରେ କୋଟିଆକୁ ଆନ୍ଧ୍ର ହାତରେ ଟେକିଦେବାକୁ ବଡ଼ ଷଡ଼ଯନ୍ତ୍ର ହୋଇଛି। ତୁରନ୍ତ ଓଡ଼ିଶା ସରକାର କୋଟିଆର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ଓ ପ୍ୟାକେଜ୍ ଘୋଷଣା କରନ୍ତୁ। ଆନ୍ଧ୍ର ଭଳି କୋଟିଆବାସୀଙ୍କୁ ସହାୟତା ଯୋଗାଇ ଦିଅନ୍ତୁ ବୋଲି ଭକ୍ତ କହିଛନ୍ତି।

କୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା କହିଥିଲେ, ୨୦୨୧ରେ ଆନ୍ଧ୍ର କୋଟିଆରେ ନିର୍ବାଚନ କରିବା ସମୟରେ ଲଢ଼େଇ ହୋଇଥିଲା। ନିର୍ବାଚନ ପରେ ସରକାର ସବୁ ଭୁଲିଗଲେ। ସଂସଦରେ ୬ ଥର କୋଟିଆ ସମସ୍ୟା ନେଇ ସ୍ୱର ଉଠାଇଛି। ସଂସଦରେ ବିଲ୍ ଆଣିଲେ ହିଁ ସମସ୍ୟାର ସମାଧାନ ହେବ। ଯଦି ଏସ୍ଆଇଆରରେ ସ୍ୱଚ୍ଛତା ରହିଛି ତେବେ କୋଟିଆବାସୀ ୨ଟି ଭୋଟର କାର୍ଡ ଓ ୨ଟି ଆଧାର କାର୍ଡ କୁଆଡୁ ଆଣିଲେ ବୋଲି ସପ୍ତଗିରି ପ୍ରଶ୍ନ କରିଥିଲେ। କୋଟିଆ ପ୍ରସଙ୍ଗର ସମାଧାନ କରିନପାରିଲେ ୨୦ ବିଜେପି ସାଂସଦ ଇସ୍ତଫା ଦିଅନ୍ତୁ ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଦାବି କରିଛନ୍ତି। ଧାରା ୩୭୧ରେ କୋଟିଆ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ। ନଚେତ୍ ରକ୍ତ ଦେବୁ ପଛେ ମାଟି ଦେବୁ ନାହିଁ ବୋଲି ତାରା କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଓଡ଼ିଶା ସରକାରଙ୍କ କୋଟିଆ ପ୍ରତି ଆନ୍ତରିକତା ନାହିଁ। ଜୀବନ ଥିବା ପର୍ଯ୍ୟନ୍ତ ଏ ମାଟି ପାଇଁ ଲଢ଼ିବୁ।

ବୈଠକ ପରେ କଂଗ୍ରେସ ଟିମ୍ ତଳସେମ୍ଳି, ଉପରସେମ୍ଳି, ନେରେଡ଼ିୱାଲସା ଅଭିମୁଖେ ଯାଇଥିଲେ। ଉପରସେମ୍ଳିରେ ଆନ୍ଧ୍ର ପୁଲିସର ଚେକ୍‌ପୋଷ୍ଟକୁ ଶ୍ରୀ ବାହିନୀପତି ଫୋପାଡ଼ି ତୁରନ୍ତ ଓଡ଼ିଶା ମାଟି ଛାଡ଼ିଯିବାକୁ ଆନ୍ଧ୍ର ପୁଲିସକୁ ଚେତାବନୀ ଦେଇଥିଲେ। ତାରାଙ୍କ ସମେତ କଂଗ୍ରେସ କର୍ମକର୍ତ୍ତା ଆନ୍ଧ୍ର ଗୋ-ବ୍ୟାକ୍ ନାରା ଦେଇଥିଲେ। ନେରେଡ଼ିୱାଲସାରେ କଂଗ୍ରେସ ଟିମ୍ ପହଞ୍ଚିବା ପୂର୍ବରୁ ସେଠାରେ ଉପସ୍ଥିତ ଆନ୍ଧ୍ର ପୁଲିସ ଭୟରେ ପଳାଇଥିଲେ।

ଓଡ଼ିଶାରେ କାହିଁକି ଆଳୁ-ପିଆଜର ନିଅଣ୍ଟ ?

ମୋର ହେତୁ ପାଇଲା ସେବେଠାରୁ ମୁଁ ଗୋଟିଏ କଥା ଶୁଣି ଆସୁଛି ଯେ ଓଡ଼ିଶା ସର୍ବଦା ଆଳୁ ପିଆଜ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରେ । ଏହାର କାରଣ କ'ଣ ବୁଝିହୁଏନି । ଓଡ଼ିଶାରେ ପ୍ରତି ବର୍ଷ ପ୍ରାୟ ୬ଲକ୍ଷ ମେଟ୍ରିକ୍ ଟନ ପିଆଜ ଦରକାର ପଡୁଥିବା ବେଳେ ଏଠାରେ କେବଳ ୩.୫ରୁ ୩.୯ ଲକ୍ଷ ମେଟ୍ରିକ୍ ଟନ ଉତ୍ପାଦନ ହୋଇଥାଏ । ବାକି ପିଆଜ ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ଆମଦାନୀ କରିବାକୁ ହୋଇଥାଏ । ସେହିପରି ଆମ ରାଜ୍ୟରେ ପ୍ରାୟ ପ୍ରତିବର୍ଷ ୧୩/ ୧୪ ଲକ୍ଷ ମେଟ୍ରିକ୍ ଟନ ଆଳୁର ଆବଶ୍ୟକତା ଥିବାବେଳେ ଏଠାରେ କେବଳ ୩.୫ରୁ ୪.୭ ମେଟ୍ରିକ୍ ଟନ ଉତ୍ପାଦନ ହୁଏ । ବାକି ଆଳୁ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ସର୍ବଦା ନିର୍ଭର କରିବାକୁ ପଡ଼ିଥାଏ । ତେବେ ଏଠାରେ ଗୋଟିଏ କଥା ସୂଚିତ କରାଯାଇପାରେ ଯେ, ଆମ ରାଜ୍ୟରେ ଦେଶର ଦ୍ୱିତୀୟ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ରହିଛି, ଏବେ ମଧ୍ୟ ବେସରକାରୀ ସ୍ତରରେ କେତୋଟି କୃଷି ମହାବିଦ୍ୟାଳୟ ଖୋଲିଯାଇଛି । ସେ ଯାହା ହେଉ ପ୍ରତିବର୍ଷ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟରେ ନୂଆ ନୂଆ ଛାତ୍ରୀଛାତ୍ରମାନେ କୃଷି ବିଜ୍ଞାନ ପଢ଼ିବା ପାଇଁ ଭର୍ତ୍ତି ହେଉଛନ୍ତି ଏବଂ କିଛି ଗବେଷକ ତାଙ୍କର ପ୍ରୟୋଗଶାଳାରେ ଗବେଷଣା କରି ଅଧିକ ଅମଳକ୍ଷମ ଆଳୁ, ପିଆଜ ମଞ୍ଜି ଉଦ୍ଭାବନ କରୁଛନ୍ତି । ତେବେ ସେହି ନୂତନ ଉଦ୍ଭାବନ ଯାଉଛି କୁଆଡ଼େ । ସେଗୁଡ଼ିକ ଯଦି ଆମ ରାଜ୍ୟର ଚାଷୀମାନଙ୍କ ମଧ୍ୟରେ ବଣ୍ଟାଯାଇ କିପରି ଭାବରେ ଅଧିକ ଉତ୍ପାଦନ ହେବ, କେଉଁ ପ୍ରଣାଳୀରେ ଚାଷ କରାଯିବ , କି ପ୍ରକାରର ସାର, ଔଷଧ ଇତ୍ୟାଦି ବ୍ୟବହାର କରିବା ଉଚିତ; ଯଦି ତାହା ଠିକ୍ ଭାବରେ ବୁଝାଇ ଦିଆଯାଆନ୍ତା ତେବେ ଚାଷୀମାନେ ଉପକୃତ ହୋଇପାରନ୍ତେ ଓ ଆଳୁ ପିଆଜର ଉତ୍ପାଦନ ଅଧିକ ହୋଇପାରନ୍ତା ।

ସରକାର କୃଷିର ଉନ୍ନତି ପାଇଁ କେବଳ ଯୋଜନା ପ୍ରସ୍ତୁତ କରୁଛନ୍ତି ଓ ତାକୁ ବିଭାଗୀୟ ଅଧିକାରୀଙ୍କ ଉପରେ ଥାପି ଦେଉଛନ୍ତି ଏବଂ ଜାଣିବାକୁ ଚାହୁଁନାହାନ୍ତି ଯେ ଯୋଜନାଟି କେତେଦୂର କାର୍ଯ୍ୟ କରୁଛି । ଓଡ଼ିଶାର ପ୍ରତି ଅଞ୍ଚଳର ମୃତ୍ତିକା କୃଷି ପାଇଁ ବେଶ୍ ଫଳଦାୟୀ । ଯଦି କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ମାଧ୍ୟମରେ କୃଷି ବିଜ୍ଞାନୀମାନେ ତୃଣ ମୂଳ ସ୍ତରରୁ ଚାଷୀଙ୍କ ପାଖକୁ ଯାଇ ବିଭିନ୍ନ ପ୍ରକାରର ଉନ୍ନତ ମାନର ବିହନ ଓ ସାର, ଔଷଧ ବ୍ୟବହାର କରିବା ପଦ୍ଧତି ଦେଖାଇ ପାରିବେ ତେବେ ଆମ ରାଜ୍ୟ ମଧ୍ୟ ଆଳୁ ଓ ପିଆଜ ନିଜ ରାଜ୍ୟର ଚାହିଦା ପୂରଣ କରି ବାହାରକୁ ରପ୍ତାନି କରିପାରିବ । ସରକାରୀ ସ୍ତରରେ କେବଳ ବୈଠକ ପରେ ବୈଠକ କରି ଯୋଜନା ପ୍ରସ୍ତୁତ କରି ଚାଲିଲେ କିଛି ଫଳ ମିଳିବ ନାହିଁ । ତା' ପାଇଁ ସରକାରୀ ସ୍ତରରେ ଯେତିକି ଆନ୍ତରିକତାର ଆବଶ୍ୟକତା ରହିଛି ତା'ଠାରୁ ଅଧିକ ଆନ୍ତରିକତା ମଧ୍ୟ ଚାଷୀମାନେ ଦେଖାଇବା ଉଚିତ ।

ଆଳୁ ଚାଷ ବୃଦ୍ଧି ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିବା ସକାଶେ ଗତ ସରକାର ୨୦୧୫ରେ ଆଳୁ ମିଶନ ଆରମ୍ଭ କରିଥିଲେ । କିନ୍ତୁ ତାହା ଠିକ ଭାବେ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । କୃଷି ବିଭାଗର ଉଚ୍ଚ ପଦାଧିକାରୀମାନେ କେବେ ବି ପ୍ରତ୍ୟକ୍ଷ ଭାବରେ ଚାଷୀଙ୍କ ସହ ଯୋଗାଯୋଗ କରି କୌଣସି ଆଲୋଚନା କରିବା ଦେଖାଯାଏ ନାହିଁ । ଏବେ ବୋଧ ହୁଏ ଆଗରୁ ଥିବା ଗ୍ରାମସେବକ ବା ସେବିକା ଦେଖାଯାଉ ନାହାନ୍ତି । ସେମାନଙ୍କ ଦ୍ୱାରା ତୃଣମୂଳ ସ୍ତରରେ ଥିବା ଚାଷୀମାନେ ଚାଷ ବିଷୟରେ ଅନେକ ସାହାଯ୍ୟ ପାଉଥିଲେ । ଫଳରେ ଛୋଟ ଚାଷୀଟିଏ ହେଲେ ବି ବର୍ଷ ସାରା ଚାଷ କରି ଗୁଜୁରାଣ ମେଣ୍ଟାଇ ପାରୁଥିଲେ । ହେଲେ ଏବେ ସରକାରୀ ସ୍ତରରେ ଥିବା କର୍ମଚାରୀମାନେ ସରକାରୀ ତହବିଲରୁ ଅନେକ କୋଟି ଟଙ୍କା ଦରମା ନେଇ କେବଳ ନିଜ ଆସନ ଅଳଙ୍କୃତ କରିବା ଛଡ଼ା ଆଉ କିଛି ଆଖିଦୃଶିଆ କାମ କରୁନାହାନ୍ତି, ଯାହା କି ଆମ ରାଜ୍ୟ ପାଇଁ ଏକ ବଡ଼ ସମସ୍ୟା । ଯଦି ସରକାର ଆନ୍ତରିକତାର ସହିତ ଚାଷୀମାନଙ୍କ ସହ ସମନ୍ୱୟ ରକ୍ଷା କରି ଚାଷକୁ ଅଗ୍ରାଧିକାର ଦିଅନ୍ତି, ତେବେ ଓଡ଼ିଶା ପିଆଜ ଓ ଆଳୁ ରପ୍ତାନି କରିପାରିବ ।

ମଣିଷ ଜୀବନର ସକରାତ୍ମକ ଦିଗ

ମଣିଷ ହେଉଛି ସଂସାରର ସର୍ବଶ୍ରେଷ୍ଠ ପ୍ରାଣୀ । ତା' ମଧ୍ୟରେ ଚେତନା ଶକ୍ତି ରହିଛି, ନୈତିକତା ରହିଛି । ସେ ଯୁକ୍ତିବାଦୀ, ନୀତିନିଷ୍ଠ, ଭଦ୍ର, ଭାବପ୍ରବଣ ଓ ଅନୁଭବୀ । ଭୁଲ ଠିକ୍ ବିଚାର କରିବାର ଦକ୍ଷତା ରହିଛି ତା' ପାଖରେ । ଏହି ଗୁଣ ହିଁ ତାକୁ ଅନ୍ୟମାନଙ୍କ ଠାରୁ ଭିନ୍ନ ପରିଚୟ ପ୍ରଦାନ କରିଥାଏ । ଗୋଲାପ ଫୁଲର ସୌନ୍ଦର୍ଯ୍ୟ ମଧ୍ୟରେ କଣ୍ଟାଟିଏ ଲୁଚି ରହିଥିବା ଭଳି ମଣିଷ ଜୀବନରେ ମଧ୍ୟ ଉଭୟ ସକରାତ୍ମକ ଓ ନକରାତ୍ମକ ଦିଗ ରହିଥାଏ । କିନ୍ତୁ ପ୍ରତ୍ୟେକ ବିବେକୀ ମଣିଷ ସାଧାରଣତଃ ଭଲ କୁ ହିଁ ଭଲ ପାଏ । ସେଥିପାଇଁ ତ ଆମ ଆଗରେ ଉଭୟ ଯୁଦ୍ଧ ଓ ବୁଦ୍ଧ, ଗାନ୍ଧୀ ଓ ହିଟଲରଙ୍କ ଉପସ୍ଥିତି ସତ୍ତ୍ୱେ ଆମେ ଯୁଦ୍ଧକୁ ଭୁଲି ବୁଦ୍ଧଙ୍କୁ ଭଲ ପାଇ ବସିଲୁ, ହିଟଲରଙ୍କୁ ଆଡେଇଦେଇ ଗାନ୍ଧୀଙ୍କୁ ଭଲ ପାଇ ବସିଲୁ । ଅର୍ଥାତ୍ ପ୍ରତ୍ୟେକ ଘଟଣା ଉପରେ ଆମର ସକରାତ୍ମକ ଦୃଷ୍ଟିଭଙ୍ଗୀ ହିଁ ଆମକୁ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ବେଶ୍ ଉଚ୍ଚକୁ ନେଇଯାଇପାରିବ ।

ବର୍ତ୍ତମାନ ପରିସ୍ଥିତିରେ ଆଧୁନିକତାର ସ୍ପର୍ଶରେ ବଦଳି ଯାଉଛି ଲୋକମାନଙ୍କ ସାମାଜିକ ଚଳଣୀ । ସମୟ ସ୍ରୋତରେ ବଦଳି ଯାଉଛି ମଣିଷର ପ୍ରବୃତ୍ତି । ସାମ୍ପ୍ରତିକ ସ୍ଥିତିକୁ ନେଇ ଆଗକୁ ବଢ଼ିବାରେ ମଣିଷର ସକରାତ୍ମକ ଭାବନା ଜାଗ୍ରତ କରିବା ଏକ ବଡ଼ ପ୍ରଶ୍ନବାଚୀ ପରି ମନେ ହୁଏ । ଏପରି ଏକ ସମୟରେ ମାନସିକ ଅବସାଦ ସମାଜ ରେ ଏକ ଉଦବେଗଜନକ ସ୍ଥିତି ସୃଷ୍ଟି କରିଛି । ଏହା ପରବର୍ତ୍ତୀ ସମୟରେ ଆତ୍ମହତ୍ୟା ର ରୂପ ନେଇ ଏକ ଗୁରୁତର ସମସ୍ୟା ଭାବରେ ଉଭା ହେଲାଣି । ଓଡ଼ିଶା ର ଆତ୍ମହତ୍ୟା ର ସ୍ଥିତି ଏବେ ଜାତୀୟ ହାର ଠାରୁ ମଧ୍ୟ ଅଧିକ । ଦେଶରେ ଆତ୍ମହତ୍ୟା ର ହାର ୧୨ ପ୍ରତିଶତ ରହିଥିବା ବେଳେ ଓଡ଼ିଶାରେ ରହିଛି ୧୨.୩ ପ୍ରତିଶତ । ଛାତ୍ର ମାନଙ୍କ ଆତ୍ମହତ୍ୟା ରେ ଓଡ଼ିଶା ଜାତୀୟ ସ୍ତରରେ ତୃତୀୟ ସ୍ଥାନରେ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ର ତଥ୍ୟ ଅନୁସାରେ ସାରା ବିଶ୍ୱ ରେ ପ୍ରତି ବର୍ଷ ୧୦ ଲକ୍ଷ ଲୋକ ଆତ୍ମହତ୍ୟା କରୁଛନ୍ତି, ଅର୍ଥାତ୍ ପ୍ରତିଦିନ ୩ ହଜାର ଲୋକ ଆତ୍ମହତ୍ୟା କରୁଛନ୍ତି । ଏହାର ୨୦ ଗୁଣରୁ ଅଧିକ ଲୋକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି । ତେବେ ପ୍ରକୃତ ଆତ୍ମହତ୍ୟା ର ସଂଖ୍ୟା ଏହା ଠାରୁ ଯଥେଷ୍ଟ ଅଧିକ । କାରଣ ବହୁ ଆତ୍ମହତ୍ୟା ଜନସାଧାରଣ ରେ ବା ସରକାରୀ ଭାବରେ ସୂଚିତ ହୋଇ ନଥାଏ । ଚାକିରୀ, କ୍ୟାରିୟର, ପରିବାରରେ ବିବାଦ, ନିର୍ଯାତନା, ହିଂସା, ମାନସିକ ଅସୁରତା, ନିଶା, ଆର୍ଥିକ ସଙ୍କଟ ଆଦି ଆତ୍ମହତ୍ୟା ର ପ୍ରମୁଖ କାରଣ । ତେବେ ଗଭୀର ଭାବରେ ବିଚାର କଲେ ଜଣାଯାଏ ଯେ ବିଫଳତା ହିଁ ପ୍ରତ୍ୟେକ ଆତ୍ମହତ୍ୟା ର ମୁଖ୍ୟ କାରଣ ।

ଏଠାରେ ଅନ୍ୟ କେତେକ ବିଷୟ ଉପସ୍ଥାପନ କରିବା ବେଶ୍ ପ୍ରାସଙ୍ଗିକ ମନେ ହେଉଛି । ସାମ୍ପ୍ରତିକ ସ୍ଥିତିରେ ଆମ ସରକାର ବା ନୀତି ନିର୍ଦ୍ଧାରକମାନେ ମଣିଷକୁ କୁପଥଗାମୀ ହେବାରେ ସହାୟକ ହେଉଛନ୍ତି ବୋଲି କହିଲେ କିଛି ଭୁଲ ହେବ ନାହିଁ । ପ୍ରାଚୀନ ଭାରତୀୟ ସଂସ୍କୃତି କୁହେ, ସମାଜକୁ ତିନୋଟି କାରକ ନଷ୍ଟ କରିଥାଏ, ଯଥା : ମଦ, ମାଂସ ଓ ମାତ୍ସର୍ଯ୍ୟ । କିନ୍ତୁ ବର୍ତ୍ତମାନ କଠୋର ଆଇନ ର ଅଭାବରେ ଉକ୍ତ କାରକମନେ ଗତିଶୀଳ ହେଉଛନ୍ତି । ଶିକ୍ଷିତ ଯୁବପିଢି ନିଜର ନୈତିକ ଚେତନା ଓ ପରିପକ୍ୱତା ହରାଇ ଛଳନା ଓ ପ୍ରତାରଣା ରେ ମାତିଛନ୍ତି ଏବଂ ଏଥିରୁ ସୃଷ୍ଟି ହେଉଥିବା ଅବସାଦ କୁ ଏଡାଇବାକୁ ଯାଇ ମଦ ମାଂସ ର ସାହାରା ନେଉଛନ୍ତି । ଗାଁ ଗାଁ ରେ ମଦର ପ୍ରସାର ହୋଇଛି । ସରକାରଙ୍କ ଅଜବ ନିୟମ ବଳରେ ଲଟେରୀ ବ୍ୟବସ୍ଥା ମାଧ୍ୟମରେ ଅଧିକ ମଦ ବିକ୍ରୟ କରୁଥିବା ବ୍ୟବସାୟୀ ଙ୍କୁ ପୁରସ୍କୃତ କରାଯାଉଛି । ଘରେ ବସି ଅର୍ଡର୍ କରି ଦେଲେ ମାଂସ ଆସି ପହଞ୍ଚିଯାଉଛି । ସମାଜର ଶୀର୍ଷ ସ୍ୱରର ବ୍ୟକ୍ତି ନିଜର ନୀତି ନୈତିକତା କୁ ଭୁଲି ହନିଟ୍ରାପ ଓ ବ୍ଲାକମେଲ ର ଶିକାର ହେଉଛନ୍ତି । ପ୍ରାଚୀନ ଯୁଗ ପରି ଏବେ ଆଉ ଗୁରୁ ଶିଷ୍ୟ ଙ୍କ ମଧ୍ୟରେ ପରସ୍ପର ପ୍ରତି ସମ୍ମାନ, ସ୍ନେହ ଓ ସୁସମ୍ପର୍କ ନାହିଁ । ନିଜ ଶିକ୍ଷାର୍ଥୀ ଜୀବନର ଧର୍ମକୁ ଭୁଲି ଭବିଷ୍ୟତ ଗଢ଼ିବା ବୟସରେ ଛାତ୍ରଛାତ୍ରୀମାନେ ରାଗିଂ ଓ ନିଶା ଦ୍ରବ୍ୟ ସେବନ ରେ ଲିପ୍ତ । ସେହିଭଳି ସମାଜ ଅଧୋପତନର ଅନ୍ୟତମ କାରଣ ସାଜିଛି ମଣିଷ ଉପରେ ପ୍ରଭାବ ପକାଉଥିବା ତା 'ଚତୁଃପାର୍ଶ୍ୱର ଘଟଣାବଳୀ ଓ ଚିତ୍ର । ଗାନ୍ଧିଜୀ ଯେତେବେଳ ସକରାତ୍ମକ ଚେତନା ସୃଷ୍ଟିକାରୀ ନାଟକ 'ହରିଶ୍ଚନ୍ଦ୍ର ' ଦେଖୁଥିଲେ, ନିଜ ଭିତରେ ଏକ ଜାଗ୍ରତ ଆଣିଥିଲେ କି ତାଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଯିବେ । ମାତ୍ର ବର୍ତ୍ତମାନ ସମୟରେ ଚଳଚ୍ଚିତ୍ର ମାନଙ୍କ ରେ ନିଶା, ହିଂସା ଓ ଉତ୍ତେଜନା ସୃଷ୍ଟିକାରୀ ଦୃଶ୍ୟ ସମାଜକୁ କୁପଥାଗମୀ ହେବାରେ ସହାୟକ ହେଉଛି । ସକରାତ୍ମକ ଦିଗ ରେ ଯିବାକୁ ହେଲେ ଆମକୁ ସର୍ବପ୍ରଥମେ ଏହି ସବୁ ନକରାତ୍ମକ ପ୍ରଭାବରୁ ଦୂରେଇ ରହିବାକୁ ପଡ଼ିବ ।

ପ୍ରତ୍ୟେକ ମଣିଷ ସଫଳତା ଚାହାନ୍ତି ଓ ସଫଳତାକୁ ଉପଭୋଗ କରନ୍ତି । ବର୍ତମାନ ଆମେ ସଫଳ ହେବାକୁ ସମସ୍ତେ ପାଗଳ । କିନ୍ତୁ ତା' ଠାରୁ ଶିଖିବା ଦରକାର ଜଣେ ଅସଫଳ ହେବା ସତ୍ତ୍ୱେ ଝାଡି ଝୁଡ଼ି ହୋଇ ପୁଣି ଲଢ଼ିବା ପାଇଁ ପ୍ରସ୍ତୁତ ହେବ କିପରି । ମଣିଷ ଜୀବନରେ ପାରିବାରିକ, ସାମାଜିକ, ଧାର୍ମିକ, ଅର୍ଥନୀତିକ, ରାଜନୈତିକ ଆଦି ବିଭିନ୍ନ ଦିଗ ରହିଛି । ପ୍ରତ୍ୟେକ ଦିଗର ମୂଲ୍ୟ ଭିନ୍ନ । ଜଣେ ମଣିଷ ଯେ ସବୁ ଦିଗରେ ସଫଳତା ପାଇପାରିବ ତା' ନୁହେଁ । ଋତୁଚକ୍ରର ଆବର୍ତ୍ତନ ପରି ସଫଳତା ଓ ବିଫଳତା ଲାଗି ରହିଛି । ବାସ୍ତବରେ ସଫଳତା କୌଣସି ଏକ ଗନ୍ତବ୍ୟ ସ୍ଥଳ ନୁହେଁ, ଏହା ଏକ ପ୍ରକ୍ରିୟା ଓ ଅଭ୍ୟାସ । ଯେତେବଳେ ସଫଳତା ଯଥେଷ୍ଟ ଶୀଘ୍ର ପ୍ରାପ୍ତ ହେଉନାହିଁ, ସେତେବେଳେ ଅଧିକାଂଶ ଲୋକ ନକରାତ୍ମକ ଦିଗରେ ଗତି କରିବା ଆରମ୍ଭ କରନ୍ତି । କିନ୍ତୁ ଆମକୁ ମନେ ରଖିବାକୁ ପଡିବ ଯେ ଉତ୍ଥାନ ପତନ ହେଉଛି ଜୀବନର ଏକ ମୋଡ଼ । ଏହି ଉତ୍ଥାନ ପତନ ହିଁ ଗୋଟିଏ ପଥକୁ ଏକ ଯାତ୍ରା ରେ ପରିଣତ କରିପାରେ । ଅପରପକ୍ଷରେ ବିଫଳତା କୁ ଗ୍ରହଣ କରିବାର ମାନସିକତା ମଧ୍ୟ ଆମର ରହିବା ଆବଶ୍ୟକ । ସଫଳତା କୁ ନେଇ ଆମେ ଏତେ ବି ଉଲ୍ଲସିତ ହେବା ନାହିଁ, ଯେପରି ବିଫଳତା ଆମକୁ ବିବ୍ରତ କରିଦେବ ।

ଶିକ୍ଷା କ୍ଷେତ୍ରରେ ନୂତନ ସୁଯୋଗ

ଗତ କେଇ ଦଶନ୍ଧି ଧରି ଶିକ୍ଷା କ୍ଷେତ୍ରରେ ଦୁଇଟି ଧାରା ଦେଖାଯାଉଛି । ଏକ: ଶିକ୍ଷା କ୍ରମଶଃ ଅଧିକ ବ୍ୟୟବହୁଳ ହୋଇଉଠୁଛି । ଦୁଇ: ସରକାରୀ ଶିକ୍ଷାବ୍ୟବସ୍ଥା ତୁଳନାରେ ଲୋକେ ବେସରକାରୀ ଶିକ୍ଷାନୁଷ୍ଠାନକୁ ଅଧିକ ପସନ୍ଦ କରୁଛନ୍ତି । ଆଇଆଇଟି, ଆଇଆଇଏମ୍‌ଏମ୍‌ସ ଭଳି କେତେକ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲେ ପ୍ରାଥମିକ ଓ ମାଧମିକ କ୍ଷେତ୍ରରେ ସାଧାରଣ ଲୋକେ ସରକାରୀ ଶିକ୍ଷା ବ୍ୟବସ୍ଥା ଉପରେ ବିଶ୍ୱାସ କରି ପାରୁନାହାନ୍ତି । ସେଠାରେ ପିଲାଙ୍କର ଶିକ୍ଷା ଠିକ୍ ଭାବେ ହୋଇ ପାରିବ-ଏ ପତିଆରା ଆଉ ରହୁ ନାହିଁ ।

ଏମିତି ଧାରଣାରେ ସତ୍ୟାସତ୍ୟ କିଛି ଅଛି କି ନାହିଁ, ଯଦି ଅଛି ତେବେ ତାହା କେତେ ଦୂର ଅଛି- ଏସବୁ ପରକଥା । ଏଭଳି ଯେ ଏକ ଧାରଣା ସୃଷ୍ଟି ହୋଇଛି ତାହା ହିଁ ଚିନ୍ତାର ବିଷୟ । ଶିକ୍ଷା ଯଦି ବେସରକାରୀ ହୋଇଯାଏ-ତେବେ ତାହା କ୍ରମଶଃ ବେପାର ହୋଇଯିବ ଏବଂ ଅଧିକ ବ୍ୟୟବହୁଳ ହୋଇଯିବ । ଗତ କେଇ ଦଶନ୍ଧି ଭିତରେ ତାହା ହେଉଥିବାର ସମସ୍ତେ ଅନୁଭବ କରୁଥିବେ ।

ଶିକ୍ଷା ବହୁତ ବ୍ୟୟବହୁଳ ହେଲେ ତାହା ଶ୍ରେଣୀ ବୈଶମ୍ୟ ସୃଷ୍ଟି କରିବ । ଏମିତିରେ ଆମ ଦେଶରେ ଅସାମ୍ୟ ବହୁ କାଳୁ ଥିଲା, ଏବେ ବି ଅଛି । ୯୦ ଦଶକରେ ଭାରତରେ ଜଗତୀକରଣ ପରଠୁ ଏହା ବଢ଼ିବାରେ ଲାଗିଛି । ତା' ଉପରେ ଶିକ୍ଷା ବ୍ୟୟ ବହୁଳ ହୋଇଗଲେ ଶ୍ରେଣୀ ବୈଷମ୍ୟର ପ୍ରଭାବ ସାମାଜିକ ସ୍ତରରେ ଅଧିକ ଦେଖାଯିବ । ଶିଶୁ ଓ କିଶୋର ମନସ୍ତତ୍ତ୍ୱରେ ବି ଏହାର ପ୍ରଭାବ ଦେଖାଯିବ । ବ୍ୟୟ ବହୁଳ ଶିକ୍ଷାନୁଷ୍ଠାନରେ ପଢୁଥିବା ପିଲା ଭିତରେ ଏକ ଗର୍ବର ଭାବ- ସୁବିସ୍ ଆର୍ଟିଟ୍ୟୁଡ୍ ସୃଷ୍ଟି ହେବ । ଉଚ୍ଚଶିକ୍ଷା କ୍ଷେତ୍ରରେ ଅତିରିକ୍ତ ବ୍ୟୟ ବହୁଳତା ସମାଜରେ ଦୁର୍ନୀତିକୁ ମଧ୍ୟ ବଢ଼େଇବ । ଯେଉଁ ପିଲାର ବାପାମା' ପିଲାକୁ ମେଡିକାଲ୍ ପଢ଼େଇବାକୁ କୋଟିଏ ଟଙ୍କା ଖର୍ଚ୍ଚ କରିଛନ୍ତି- ସେ ପିଲା ଡାକ୍ତର ହେଲା ପରେ ରୋଗୀର ସେବା କରିବ ନା ରୋଗୀଠୁଁ ଅର୍ଥ ଆଦାୟ କରି କୋଟିଏ ଟଙ୍କା ଭରଣା କରିବାର ଫିକର କରିବ ? ଗତ କେଇ ଦଶନ୍ଧିରେ ଶିକ୍ଷାକ୍ଷେତ୍ରରେ ଆଉ ଏକ ଧାରା ଲକ୍ଷ୍ୟ କରାଯାଉଛି । ପରୀକ୍ଷାରେ କିଏ କେତେ ନମ୍ବର ପାଇଲା- ତା' ଉପରେ ଅତିରିକ୍ତ ଗୁରୁତ୍ୱ । ସରକାର ପ୍ରାଥମିକ ସ୍ତରରେ ଆନନ୍ଦମୟ ଶିକ୍ଷା କଥା କହୁଥିଲା ବେଳେ ମାଧମିକ ସ୍ତରରୁ ପିଲା ଏବଂ ଅଭିଭାବକ ମାନେ ମାର୍କ ଉପରେ ଅତିରିକ୍ତ ଗୁରୁତ୍ୱ ଦେଉଛନ୍ତି । ଶିକ୍ଷାଦାନକୁ ମାର୍କ-ନିର୍ଭର କରିଦେଲେ ପିଲା ଜ୍ଞାନ ଅର୍ଜନଠୁଁ ମାର୍କ ଆହରଣ ଉପରେ ଅଧିକ ଜୋର ଦେବ । ଅସାଧୁ ଉପାୟରେ ଜ୍ଞାନ ଅର୍ଜନ କରି ହୁଏନି । ହେଲେ ମାର୍କ ଆହରଣ କରି ହୁଏ ।

ତେଣୁ ତାହା କରିବାର ପ୍ରବଣତା ବଢ଼ିବ । ବାପା ମା' ଅଭିଭାବକମାନେ ବି ସେଥିରେ ସାମିଲ ହେବେ । ତା' ପୁଅ ଯଦି ୧୦୦ରୁ ୯୦ ରଖୁଛି ତେବେ ମୋ ପୁଅ ୯୫ କେମିତି ରଖିବ ସେଥିପାଇଁ ମୁଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବି । ପୁଅ ଉପରେ ଚାପ ପକେଇବି । ତାକୁ ପାଞ୍ଚଟା ଟିଉସନ୍ ଦେବି । ଟେଲିଭିଜନରେ ବିଜ୍ଞାପନ ଦେଖି ଅନ୍‌ଲାଇନ୍ ଟିଉସନ କ୍ଲାସ୍‌ରେ ଭର୍ତ୍ତି କରିବି । ତା' ଶୈଶବ ଓ କୈଶୋରର ସତ୍ୟାନାଶ କରିଦେବି । ସେଥରେ ବି ସେ ଅଧିକ ମାର୍କ ଆଣିପାରିଲେ ମୁଁ ଅସାଧୁ ଉପାୟ ଅବଲମ୍ବନ କରିବି । ପିଲାକୁ ବି କରେଇବି । ପିଲାବେଳୁ ତାକୁ ଚୋର ହେବାର ଶିକ୍ଷା ଦେବି ।

ବିଡ଼ମ୍ବନା ହେଲା ଏ ଦୁଇଟି ଯାକ ବିଷୟ ବଢୁଛି । ଶିକ୍ଷା କ୍ରମଶଃ ବ୍ୟୟବହୁଳ ହୋଇ ପଡୁଛି । ଆଉ ଜ୍ଞାନ ତୁଳନାରେ ମାର୍କ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ସରକାରୀ ଶିକ୍ଷାନୁଷ୍ଠାନ ତୁଳନାରେ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏହା ଅଧିକ ହେଉଛି । କରୋନା ମହାମାରୀର ଶିକ୍ଷା ଉପରେ ଅନେକ ନକାରାତ୍ମକ ପ୍ରଭାବ ପଡ଼ିଛି । ବହୁ ପିଲା ସ୍କୁଲ ଶିକ୍ଷାରୁ ବଞ୍ଚ ହୋଇଛନ୍ତି । ୟୁନିସେଫ୍‌ର ଏକ ହିସାବ କହୁଛି, ବିଶ୍ୱର ୧୯୯ ଦେଶରେ ୧୬୦ କୋଟି ଶିକ୍ଷାର୍ଥୀଙ୍କ ଉପରେ କରୋନା ମହମାରୀର ପ୍ରଭାବ ପଡ଼ିଛି । ଭାରତରେ ସ୍କୁଲ ଯାଉଥିବା ପିଲାଙ୍କ ସଂଖ୍ୟା ଅଢ଼େଇ କୋଟି । ସେମାନେ ସ୍କୁଲରେ ପାରମ୍ପରିକ ଶିକ୍ଷାରୁ ବଞ୍ଚ ହୋଇଛନ୍ତି । ଅନ୍‌ଲାଇନ୍‌ରେ ଶିକ୍ଷା ପାଇଁ ଚେଷ୍ଟା କରାଯାଇଛି । ହେଲେ ମାତ୍ର ଅଳ୍ପ ଶତାଂଶ ପିଲା ସେଥିରେ ଲାଭବାନ ହୋଇପାରିଛନ୍ତି । କେଉଁଠି ଇଣ୍ଟରନେଟ୍ କନେକ୍‌ସନ ନାହିଁ ତ କାହା ପାଖରେ ମୋବାଇଲ୍ ସ୍ମାର୍ଟଫୋନ୍ ନାହିଁ । ପୁଣି କେଉଁଠି ଇଣ୍ଟରନେଟ୍ କନେକ୍‌ସନ୍‌ର ମାନ ଏତେ ଖରାପ ଯେ ଶିକ୍ଷାଦାନ ସମ୍ଭବ ନୁହେଁ । ଏଠାରେ ଉଲ୍ଲେଖଯୋଗ୍ୟ କଥା ହେଲା ସୁପରପାୱାର ହେବାକୁ ଯାଉଥିବା ଭାରତର ଇଣ୍ଟରନେଟ୍ କନେକ୍ଟିଭିଟିର ମାନ ସାରା ଏସିଆରେ ସବୁଠୁ ଖରାପ । ନେପାଳ ବାଂଲାଦେଶଠୁ ବି ଆମର କନେକ୍ଟିଭିଟି ଖରାପ । ଶିକ୍ଷକମାନଙ୍କ ଭିତରୁ ଅନେକେ ଅନ୍‌ଲାଇନ୍ ଶିକ୍ଷାକ୍ଷେତ୍ରରେ ଅଭ୍ୟସ୍ତ ନଥିଲେ । ଉପଯୁକ୍ତ ପ୍ରଶିକ୍ଷଣ ବି ପାଇନଥିଲେ । ହେଲେ ମନ୍ଦ ଭିତରେ ଗୋଟେ ଜିନିଷ ଭଲ ହୋଇଛି । ତାହା ହେଲା ସରକାରୀ ସ୍କୁଲରେ ଶିକ୍ଷାର ମାନ ବୃଦ୍ଧି ପାଇଁ ଏକ ସୁଯୋଗ ଆସିଛି । ମହାମାରୀ ସମୟରେ ଅନେକ ବେସରକାରୀ ସ୍କୁଲ ବନ୍ଦ ହୋଇଯାଇଛି । ସେଠି ପଢୁଥିବା ପିଲା ବାଧ ହୋଇ ସରକାରୀ ସ୍କୁଲକୁ ଆସିଛନ୍ତି । ଅନେକ ଜାଗାରେ ଅଭିଭାବକ ବେସରକାରୀ ସ୍କୁଲର ଖର୍ଚ୍ଚ ବହନରେ ଅସମର୍ଥ ବୋଲି ସରକାରୀ ସ୍କୁଲକୁ ପିଲାମାନଙ୍କୁ ନେଇ ଆସିଛନ୍ତି । ମୋଟ ଉପରେ ଉତ୍ତର- ମହାମାରୀ ସମୟରେ ସରକାରୀ ସ୍କୁଲରେ ପିଲାସଂଖ୍ୟା ବଢ଼ିଛି । ସରକାରୀ ସ୍କୁଲରେ ପିଲା ସଂଖ୍ୟା କମିଯାଉଛି ବୋଲି ଯେଉଁ ଏକ ହତାଶ ଭାବ ଦେଖାଯାଇଥିଲା, ସ୍କୁଲ ବନ୍ଦ କରିବା କଥା ଚିନ୍ତା କରାଯାଉଥିଲା- ସେଥିରେ କିଛିଟା ଅନ୍ତତଃ ଆଶ୍ୱସ୍ତି ମିଳିଛି ।

ଅନ୍ୟଦିଗରେ ଶିକ୍ଷକମାନଙ୍କୁ ମଧ୍ୟାହ୍ନ ଭୋଜନଠୁଁ ନେଇ ସ୍କୁଲରେ ମରାମତି କାମ କରିବାରୁ କିଛି ମାସ ପାଇଁ ତ୍ରାହି ମିଳିଛି । ସେମାନେ ନିଜସ ପାଠପଢ଼ା, ଶିକ୍ଷା ପାଇଁ ମନନ ଓ ଚିନ୍ତନରେ ମନୋନିବେଶ କରିବାର ସମୟ ପାଇଛନ୍ତି । ଏହାକୁ ଏକ ସୁଯୋଗ ଭାବରେ ନେଇ ସରକାରୀ ସ୍କୁଲର ଶିକ୍ଷାର ମାନ ବଢେଇବା ଦିଗରେ ପ୍ରଚେଷ୍ଟା କରାଯିବା ଦରକାର । ଭାରତ ଭଳି ଦେଶରେ ଏକ ଉଚ୍ଚମାନର ସରକାରୀ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ହିଁ ଦେଶରେ ପ୍ରକୃତ ସାମ୍ୟ ଓ ପ୍ରଗତି ଆଣିପାରିବ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବଜେଟ୍‌ରେ ବ୍ୟୟବରାଦ ବଢ଼େଇଛନ୍ତି । ହେଲେ ଶିକ୍ଷାକ୍ଷେତ୍ରଟିରେ ବ୍ୟୟବରାଦ କେନ୍ଦ୍ର ବଜେଟ୍‌ରେ ତା' ପୂର୍ବ ବର୍ଷ ତୁଳନାରେ କମିଛି । ରାଜ୍ୟ ବଜେଟ୍‌ରେ ଖୁବ ଅଳ୍ପ ବଢ଼ିଛି ।

ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବାର ଏବଂ ତା' ମାନ ବଢ଼େଇବାର ବର୍ତ୍ତମାନ ହେଲା ସମୟ ଓ ସୁଯୋଗ । ଏ ଦିଗଟି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠୁ ଅଧିକ ଦୃଷ୍ଟି, ଗୁରୁତ୍ୱ ଓ ବିନିଯୋଗ ଆବଶ୍ୟକ କରୁଛି ।

ସଂସ୍କାର ବିହୀନ ଶିକ୍ଷା

ରାଷ୍ଟ୍ରୀୟ ତଦନ୍ତ ଏଜେନ୍ସି (ଏନ୍‌ଆଇଏ) ଏଇ କିଛି ଦିନ ପୂର୍ବେ ପୁଣେର ଜଣେ ଡାକ୍ତର ଅଦନାନ୍ ଅଲିକୁ ଗିରଫ କରିଛି । ଅଦନାନ୍‌ର ଶିକ୍ଷାଗତ ଯୋଗ୍ୟତା ଏମ୍‌ବିବିଏସ. ଏମ୍‌ଡି ଓ ସେ ଗତ ୧୬ ବର୍ଷରୁ ଚିକିତ୍ସା କ୍ଷେତ୍ରରେ ସକ୍ରିୟ ଥିଲା । ଏ ଜନ୍ତୁ ଇଂରାଜୀ, ହିନ୍ଦି, ମରାଠି ଓ ଜର୍ମାନ୍ ଭାଷାରେ ନିପୁଣ । ଉଚ୍ଚଶିକ୍ଷିତ ହୋଇଥିବା ସତ୍ତ୍ୱେ ଏ ମ୍ଳେଚ୍ଛ ଚିକିତ୍ସକ ସଂଶ୍ଲିଷ୍ଟ ଥିଲା ଜିହାଦୀ ଆତଙ୍କବାଦୀ କାର୍ଯ୍ୟକଳାପରେ । ଦୁର୍ଦ୍ଦାନ୍ତ ଇସଲାମୀ ଆତଙ୍କବାଦୀ ସଂସ୍ଥା ଇସଲାମିକ୍ ଷ୍ଟେଟ୍‌ରେ ଯୁବାଙ୍କୁ ପ୍ରବେଶ କରାଯିବାର କାମ କରୁଥିଲା ଅଦନାନ୍ । ସାଧାରଣରେ ଏକ ଧାରଣା ରହିଛି ଯେ ଉଚ୍ଚଶିକ୍ଷିତ ବ୍ୟକ୍ତି ସଂସ୍କାରବାନ୍ ହେବା ସହ ଅପରାଧିକ କାର୍ଯ୍ୟକଳାପରୁ ଦୂରେଇ ରହନ୍ତି, ମାନବତା ଓ ରାଷ୍ଟ୍ର ପ୍ରତି ସମ୍ବେଦନଶୀଳ ହୁଅନ୍ତି । କିନ୍ତୁ ବସ୍ତୁସ୍ଥିତି ଏଥିରୁ ପୂରାପୂରି ଅଲଗା । ଏ ଧରଣର ଘଟଣା ଆମକୁ ଜଣାଇଦିଏ ଯେ କେବଳ ଶିକ୍ଷିତ ହୋଇଗଲେ ତାହା ସଂସ୍କାରବାନ୍ ହେବାର ଗ୍ୟାରେଣ୍ଟି ନୁହେଁ । ଅଲ୍ କାୟଦାର ମୁଖିଆ ଓସାମା ବିନ୍ ଲାଦେନ୍ ଠାରୁ ନେଇ ଅଲ୍ ଜବାହିରି ଓ ଜୈଶ୍ ଏ ମହମଦ୍‌ର ଅଫଜଲ୍ ଗୁରୁ ମଧ୍ୟ ଉଚ୍ଚଶିକ୍ଷିତ ଥିଲେ । ଖଲିସ୍ତାନର ଅନେକ ନେତୃସ୍ଥାନୀୟ ବ୍ୟକ୍ତି ମଧ୍ୟ ବେଶ୍ ଉଚ୍ଚଶିକ୍ଷିତ । ଭାରତର ପ୍ରଶାସନିକ ସେବାରେ କାର୍ଯ୍ୟରତ ଅଧିକାରୀ ମଧ୍ୟ ଉଚ୍ଚଶିକ୍ଷିତ ହୋଇଥାନ୍ତି, କିନ୍ତୁ ଏମାନଙ୍କ ମଧ୍ୟରୁ କିଛି ଏପରି ଯେଉଁମାନେ ଗମ୍ଭୀର ଭ୍ରଷ୍ଟାଚାର ଓ ଅନ୍ୟାନ୍ୟ ନକାରାତ୍ମକ କାର୍ଯ୍ୟକଳାପରେ ନିମଜ୍ଜିତ ଥିବାର ନେଖାଯାଇଥାଏ । ରାଷ୍ଟ୍ରଜୀବନର ଅନ୍ୟ କ୍ଷେତ୍ରରେ ମଧ୍ୟ ଉଚ୍ଚଶିକ୍ଷିତ ଲୋକଙ୍କର ଅନୁରୂପ ସ୍ଥିତି ଦେଖିବାକୁ ମିଳିଥାଏ ।

ଆଧୁନିକ ଶିକ୍ଷା ସାମାଜିକ ମନୁଷ୍ୟ ପ୍ରସ୍ତୁତ କରେନାହିଁ । ମଣିଷ ହେବା ପାଇଁ ତ ସଂସ୍କୃତି, ରାଷ୍ଟ୍ର ଓ ମାନବତା ପ୍ରତି ନିଷ୍ଠାପର ସଂସ୍କାରର ଆବଶ୍ୟକତା ପଡ଼ିଥାଏ । ସମୁଚିତ ଶିକ୍ଷା ମାଧ୍ୟମରେ ଏହା ସଂପାଦିତ ହେବା ଉଚିତ, କିନ୍ତୁ ଅବସ୍ଥା ତ ଅତ୍ୟନ୍ତ ନୈରାଶ୍ୟଜନକ । ସାମ୍ପ୍ରତିକ ଶିକ୍ଷା ଜୀବିକା ନିର୍ବାହର ଉପାୟ ଓ ଧନ-ସମ୍ପଦ ଉପାର୍ଜନର ଉପକରଣ ମାତ୍ର ହୋଇ ରହିଯାଇଛି । ଲେଖକ/ଦାର୍ଶନିକ ଜେ କ୍ରିଷ୍ଣାମୂର୍ତ୍ତି କହିଛନ୍ତି, "ଶିକ୍ଷାର ଅଭିପ୍ରାୟ କିଛି ପରୀକ୍ଷାରେ ପାସ୍ କରିବା ମାତ୍ର ନୁହେଁ, ଏହାର ଧ୍ୟେୟ ବାସ୍ତବରେ ସବୁ ସମସ୍ୟା ଉପରେ ବିଚାର କରିବା ପାଇଁ ଯୋଗ୍ୟ କରାଯିବାର ହୋଇଥାଏ । ଶିକ୍ଷାର ତାତ୍ପର୍ଯ୍ୟ ହେଉଛି ଆପଣ ଯେପରି ସ୍ୱାଧୀନତା ସହକାରେ ଅବାଧରେ ବିକଶିତ ହୋଇପାରିବେ ।" ଶିକ୍ଷାକୁ ସଂସ୍କୃତି ସହ ସଂଲଗ୍ନ କରାଯିବା ଜରୁରୀ । ବସ୍ତୁତଃ ସଂସ୍କୃତି ଆଉ କିଛି ନୁହେଁ, ଏହା ଉଚ୍ଚତର ଜୀବନ ମୂଲ୍ୟବୋଧ ସଂବର୍ଦ୍ଧନର ହିଁ ନାମ ଅଟେ । ଭାରତୀୟ ସମ୍ବିଧାନରେ ଏହାକୁ ମୂଳ କର୍ତ୍ତବ୍ୟ ଅନ୍ତର୍ଗତ 'ସାମାଜିକ ସଂସ୍କୃତି' କୁହାଯାଇଛି । 'ସାମାଜିକ ସଂସ୍କୃତି'କୁ ବ୍ୟାଖ୍ୟା କରି ସୁପ୍ରିମ୍ କୋର୍ଟ୍ କହିଛନ୍ତି, "ସଂସ୍କୃତ ଭାଷା ଓ ସାହିତ୍ୟ ଏହି ସାମାଜିକ ସଂସ୍କୃତିର ଆଧାର, ଯାହା ଏହି ମହାନ୍ ଦେଶର ଭିନ୍ନ-ଭିନ୍ନ ଲୋକଙ୍କୁ ଏକ କରି ରଖିବାର ସୂତ୍ର ଅଟେ । ଏ ଦେଶର ଲୋକଙ୍କ ମଧ୍ୟରେ ଅନେକ ଭିନ୍ନତା ବିଦ୍ୟମାନ । ଏମାନଙ୍କର ଗର୍ବ ହେଲା ସମସ୍ତେ ଏକ ସାଧାରଣ ଐତିହ୍ୟର ଭାଗିଦାର । ଏହା ବାସ୍ତବରେ ସଂସ୍କୃତର ଐତିହ୍ୟ ଅଟେ ।"

ବର୍ତ୍ତମାନର ଶିକ୍ଷାରେ ସାଂସ୍କୃତିକ ପ୍ରବାହ ନାସ୍ତି । ନୂତନ ଶିକ୍ଷାନୀତିରେ ଏ ଦିଶାରେ ପ୍ରୟାସ କରାଯାଇଛି । ପୁରାତନକୁ ଅଧୁନାତନ କରାଯିବାକୁ ପଡ଼ିବ । ଅନୁପଯୋଗୀ କାଳବାହ୍ୟକୁ ପରିହାର କରି ଉପଯୋଗୀ ଆଧୁନିକତା ଗଠନ, ଶିକ୍ଷାର ଧ୍ୟେୟ ହେବା ଉଚିତ, କିନ୍ତୁ ବିଦେଶୀ ଶାସନ କାଳରେ ଭାରତର ଅତୀତକୁ ଅପମାନିତ/ଲାଂଛିତ ଏବଂ ଇତିହାସ ପରମ୍ପରାର ବିକୃତୀକରଣ କରାଯାଇଥିଲା । ଦର୍ଶନ ବିଜ୍ଞାନ ଆଧାରିତ ହିନ୍ଦୁ ସଂସ୍କୃତିକୁ ସାମ୍ପ୍ରଦାୟିକ ଅଭିହିତ କରାଗଲା । ତଥାକଥିତ ଆଧୁନିକ ଶିକ୍ଷା ଭରସାଯୋଗ୍ୟ ମଣିଷ ଗଠନ କରିବାରେ ବିଫଳ ସିଦ୍ଧ ହୋଇଛି । ବ୍ରିଟିଶ୍ ଶାସନରେ 'ଭଲ ମଣିଷ' ଗଠନ କାମ ବାଧିତ ହେଲା । ଶିକ୍ଷାର ଉଦ୍ଦେଶ୍ୟ, ବ୍ରିଟିଶ୍ ଶାସନର ଆଜ୍ଞାବହ ଅଧିକାରୀ-କର୍ମଚାରୀ ପ୍ରସ୍ତୁତ କରିବା, ହୋଇ ରହିଗଲା । ସ୍ୱାଧୀନ ଭାରତରେ ମଧ୍ୟ ଇଂରେଜ କାଳର ଶିକ୍ଷା ପ୍ରଣାଳୀକୁ ହିଁ ଅଙ୍ଗୀକାର କରାଗଲା । ଏପରି ଶିକ୍ଷା ଦ୍ୱାରା ରାଷ୍ଟ୍ରର ହିତ ସାଧନ ତ ଦୂରର କଥା, କେବଳ କ୍ଷତି ହୋଇଚାଲିଲା । ଏ ପଦ୍ଧତିର ଶିକ୍ଷା ସମାଜର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ପ୍ରତିଯୋଗୀ/ପ୍ରତିଦ୍ୱନ୍ଦ୍ୱୀ କରି ଗଢ଼ିଲା । ପ୍ରତିଦ୍ୱନ୍ଦ୍ୱୀ ସମାଜ ନିଜ ସ୍ୱାର୍ଥରେ ଉଚିତ-ଅନୁଚିତ ସବୁ କିଛି କରିବା ପାଇଁ ପ୍ରସ୍ତୁତ ରହିଥାନ୍ତି । ଉଚ୍ଚଶିକ୍ଷିତ ଯୁବା ମଧ୍ୟ ଆତଙ୍କବାଦୀ ସଙ୍ଗଠନଙ୍କ ପାଇଁ 'କଂଚା ମାଲ୍' ହୋଇଯାଆନ୍ତି । ଭ୍ରଷ୍ଟ ହୋଇଯାଆନ୍ତି, ପଥଭ୍ରଷ୍ଟ, ଦିଗଭ୍ରଷ୍ଟ, ଲକ୍ଷ୍ୟଭ୍ରଷ୍ଟ । ପରବର୍ତ୍ତୀ ସୋପାନ ଅପରାଧ । ମୋହନଦାସ ଗାନ୍ଧି ମଧ୍ୟ ଏ ଧରଣର ଶିକ୍ଷା ପ୍ରଣାଳୀ ଉଦ୍ଦେଶ୍ୟରେ ଉଦ୍‌ବେଗ ପ୍ରକଟ କରିଥିଲେ ଓ 'ହିନ୍ଦ୍ ସ୍ୱରାଜ୍ୟ', ପୃଷ୍ଠା:୮୮-୯୦ରେ ଲେଖିଥିଲେ, "ଉଚ୍ଚଶିକ୍ଷା କଥା ଧରନ୍ତୁ । ମୁଁ ଭୂଗୋଳ ଶିକ୍ଷା ନେଲି । ଖଗୋଳ ବିଦ୍ୟା ହାସଲ କଲି । ବୀଜଗଣିତ-ରେଖାଗଣିତ ମଧ୍ୟ ଶିକ୍ଷା ନେଲି । ଭୂଗର୍ଭବିଦ୍ୟା ଆହରଣ କଲି । କିନ୍ତୁ ଏହା ଦ୍ୱାରା ମୁଁ ମୋର ଆଖପାଖ ଲୋକଙ୍କର ତ କିଛି ଉପକାର କରିପାରିଲିନାହିଁ । ଏହା ହିଁ ଯଦି ଉଚ୍ଚଶିକ୍ଷା ହୁଏ, ତାହେଲେ ମୁଁ ନିୟମ କରି କହୁଛି ଯେ ଯେଉଁ ପାଠ ମୁଁ ପଢ଼ିଛି, ତାହାର ଉପଯୋଗ ତ ମୋତେ କରିବାକୁ ପଡ଼ିଲାନାହିଁ । ଏ ଧରଣର ଶିକ୍ଷାରେ ଆମେ ମଣିଷ ହୋଇପାରୁନାହିଁ । ଏହା ଦ୍ୱାରା ଆମେ ଆମର କର୍ତ୍ତବ୍ୟ ପ୍ରତି ଅବଗତ ହୋଇପାରୁନାହିଁ ।"

> ଶିକ୍ଷିତ ବ୍ୟକ୍ତି ସୃଜନଶୀଳ ହେବା ଉଚିତ ଓ ସମ୍ବେଦନଶୀଳ ମଧ୍ୟ । କିନ୍ତୁ ଆଜିର ଶିକ୍ଷା ବ୍ୟକ୍ତିକୁ ସମ୍ବେଦନଶୀଳ ଓ ରଚନାତ୍ମକ କରିପରେନାହିଁ । ଅସ୍ତିତ୍ୱ ପ୍ରତି ଆସ୍ତିକ ମଧ୍ୟ କରିପାରେନାହିଁ । ଭବିଷ୍ୟତ ପ୍ରତି ଆଶାର ସଂଚାର କରିପାରେନାହିଁ । ଆଶା ବାସ୍ତବରେ ଅସ୍ତିତ୍ୱ ଓ ଭବିଷ୍ୟତ ଉପରେ ସକାରାତ୍ମକ ବିଶ୍ୱାସର ନାମ ଅଟେ । ଆଶାରହିତ ବ୍ୟକ୍ତି ଅନୁଚିତ ସାଧନ ସହାୟତାରେ ଶୀଘ୍ର ପରିଣାମ ଆଶା କରେ । ଏମାନଙ୍କର ଅନ୍ତଃକରଣ, ଭୁଲ୍ କାମ କରିବାରୁ, କ୍ଷାନ୍ତ କରେନାହିଁ । ଶିକ୍ଷିତ ଅପରାଧୀଙ୍କର ସଫଳତା ଅନୁଚିତ କାମ କରିବା ପାଇଁ ତାଙ୍କୁ ପ୍ରେରଣା ଯୋଗାଏ ।

ଭାରତରେ ପ୍ରାଚୀନକାଳରୁ ଶିକ୍ଷାର ଉଦ୍ଦେଶ୍ୟ ମୁକ୍ତ ଚିନ୍ତନ ଆଧାରିତ ସଂସ୍କାର ପ୍ରଦାନ ଓ ଜନକଲ୍ୟାଣ ଭାବନା ବିକଶିତ କରିବାର ଥିଲା । 'ଭଲ ମଣିଷ' କରି ଗଢ଼ିବାର କାର୍ଯ୍ୟ କରୁଥିଲା ପ୍ରାଚୀନ ଶିକ୍ଷା । କିଛି ବିଷୟର ଜ୍ଞାନ ବ୍ୟକ୍ତିର ମନରେ ଗଭୀର ଛାପ ଛାଡ଼ିପାରେନାହିଁ । ଅନ୍ତଃକରଣର ରୂପାନ୍ତରଣ କରିପାରେନାହିଁ । ଛାନ୍ଦୋଗ୍ୟ ଉପନିଷଦର କଥା । ଦେବର୍ଷି ନାରଦ ସେ ସମୟର ପ୍ରଖର ବିଦ୍ୱାନ୍ ସନତ କୁମାରଙ୍କ ପାଖକୁ ଯାଇ କହିଥିଲେ, "ମୁଁ ବହୁତ ଅଶାନ୍ତ ଓ ଉଦ୍‌ବିଗ୍ନ । ଆମର ମାର୍ଗଦର୍ଶନ କରିବା ହୁଅନ୍ତୁ ।" ସନତ କୁମାର ପଚାରିଲେ, "ତୁମେ କ'ଣ ସବୁ ପାଠ ପଢ଼ିଛ ?" ନାରଦ କହିଥିଲେ, "ମୁଁ ବେଦ ଅଧ୍ୟୟନ କରିଛି । ବ୍ୟାକରଣ ପଢ଼ିଛି, ଇତିହାସ ପଢ଼ିଛି, ନିରୁକ୍ତ ଅଧ୍ୟୟନ କରିଛି । ଭୂଗର୍ଭ ବିଦ୍ୟା, ଖଗୋଳ ବିଦ୍ୟା, ବିଜ୍ଞାନ, ସମାଜ ବିଜ୍ଞାନ ଆଦି ପାଠ କରିଛି ।" ଏହିପରିଭାବରେ ନାରଦ ଏତେ ସବୁ ବିଦ୍ୟା ଆହରଣ କରିଥିବା ସତ୍ତ୍ୱେ ମଧ୍ୟ ଅଶାନ୍ତ ରହୁଥଲେ । ସନତ କୁମାର କହିଲେ, "ଏ ସବୁ ବିଦ୍ୟା ହେଲା ନାମ ଓ ସଂଜ୍ଞା । ଏ ସବୁରୁ ବଡ଼ ବାଣୀ । ବାଣୀ ଅପେକ୍ଷା ବଡ଼ ବଳ । ଆଶା ତାହାପେକ୍ଷା ବଡ଼, କିନ୍ତୁ ଏ ସବୁ ସ୍ୱଳ୍ପ ଓ ଅସମ୍ପୂର୍ଣ୍ଣ । ସଂସ୍କୃତିକ ସମ୍ପୂର୍ଣ୍ଣତାର ଜ୍ଞାନ ଦ୍ୱାରା ହିଁ ସୁଖ ପ୍ରାପ୍ତ ହୁଏ ।

ଶିକ୍ଷିତ ବ୍ୟକ୍ତି ସୃଜନଶୀଳ ହେବା ଉଚିତ ଓ ସମ୍ବେଦନଶୀଳ ମଧ୍ୟ । କିନ୍ତୁ ଆଜିର ଶିକ୍ଷା ବ୍ୟକ୍ତିକୁ ସମ୍ବେଦନଶୀଳ ଓ ରଚନାତ୍ମକ କରିପରେନାହିଁ । ଅସ୍ତିତ୍ୱ ପ୍ରତି ଆସ୍ତିକ ମଧ୍ୟ କରିପାରେନାହିଁ । ଭବିଷ୍ୟତ ପ୍ରତି ଆଶାର ସଂଚାର କରିପାରେନାହିଁ । ଆଶା ବାସ୍ତବରେ ଅସ୍ତିତ୍ୱ ଓ ଭବିଷ୍ୟତ ଉପରେ ସକାରାତ୍ମକ ବିଶ୍ୱାସର ନାମ ଅଟେ । ଆଶାରହିତ ବ୍ୟକ୍ତି ଅନୁଚିତ ସାଧନ ସହାୟତାରେ ଶୀଘ୍ର ପରିଣାମ ଆଶା କରେ । ଏମାନଙ୍କର ଅନ୍ତଃକରଣ, ଭୁଲ୍ କାମ କରିବାରୁ, କ୍ଷାନ୍ତ କରେନାହିଁ । ଶିକ୍ଷିତ ଅପରାଧୀଙ୍କର ସଫଳତା ଅନୁଚିତ କାମ କରିବା ପାଇଁ ତାଙ୍କୁ ପ୍ରେରଣା ଯୋଗାଏ । ଭାରତୀୟ ଜ୍ଞାନ ପରମ୍ପରାରେ ଅନୁଚିତ କାମକୁ ପାପ ଓ ଜନମଙ୍ଗଳକାରୀ କାମକୁ ପୁଣ୍ୟ କୁହାଯାଇଛି । ଏଥିରେ ପୁଣ୍ୟ କର୍ମ ଶୁଭଫଳଦାତା ଓ ପାପ କର୍ମ ଦଣ୍ଡନୀୟ । ସ୍ୱାଧୀନତାର ୭୫ ବର୍ଷ ପରେ କେନ୍ଦ୍ର ସରକାର ଭାରତୀୟ ଜ୍ଞାନ ପରମ୍ପରାକୁ ସମୁଚିତ ଗୁରୁତ୍ୱ ପ୍ରଦାନ କରିବା ଉତ୍ସାହଜନକ । ଅଧ୍ୟାପନାରେ ଶିକ୍ଷକମାନେ ଭାରତୀୟ ଜ୍ଞାନ ସମ୍ବନ୍ଧିତ ଉଦାହରଣ ଦେବାକୁ ଅନୁରୋଧ କରାଯାଇଛି । ଉଚ୍ଚଶିକ୍ଷା ପ୍ରାପ୍ତ ବ୍ୟକ୍ତି ଜଘନ୍ୟ ଅପରାଧରେ ଲିପ୍ତ ରହିବା ଘୋର ଉଦ୍‌ବେଗର ବଷୟ । ଅଦନାନ୍ ଓ ତାହାପରି ଅନ୍ୟ ଉଚ୍ଚଶିକ୍ଷାପ୍ରାପ୍ତ ବ୍ୟକ୍ତି ଏ ଧରଣର ଅପରାଧିକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବାର ଜଣାଗଲେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଜରୁରୀ ହୋଇଯାଏ ।

ଯାତ୍ରୀଙ୍କ ସୁରକ୍ଷା ପାଇଁ ରେଳବାଇର ପଦକ୍ଷେପ

ସୂଚନା ଦେଲେ ଇଷ୍ଟ କୋଷ୍ଟ ରେଲୱେର ସିପିଆରଓ ଦୀପକ ରାଉତ୍

ଭୁବନେଶ୍ୱର: ଓଡ଼ିଶା ନିଶବ୍ଦ : ବିଶାଖାପାଟଣା ରେଳ ଡିଭିଜନ ଅନ୍ତର୍ଗତ ଇଚ୍ଛାପୁରମ-ଝାଡୁପୁଡି ରେଳପଥରେ ଜଳମଗ୍ନ ପରିସ୍ଥିତି ଯୋଗୁଁ ଟ୍ରେନ୍ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହି ବିଭାଗର ୬୩୧/୦୧ ଓ ୬୩୦/୦୧ ନମ୍ବର ପୋଲ ଉପରେ ବିପଦ ସୀମାଠାରୁ ଅଧିକ ଜଳ ପ୍ରବାହିତ ହେଉଥିବାରୁ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ରେଳବାଇ ପକ୍ଷରୁ ଅନେକ ଟ୍ରେନ୍ ବାତିଲ୍ କରାଯାଇଥିବାବେଳେ କେତେକ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି।ଏ ସମ୍ପର୍କରେ ଇଷ୍ଟ କୋଷ୍ଟ ରେଲୱେର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ (ସିପିଆରଓ) ଶ୍ରୀ ଦୀପକ ରାଉତ୍ ସୂଚନା ଦେଇଛନ୍ତି। ରେଳବାଇ ଅଧିକାରୀମାନେ ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି। ଜଳସ୍ତର ହ୍ରାସ ପାଇବା ସହ ସମ୍ପୃକ୍ତ ରେଳପଥକୁ ଟ୍ରେନ୍ ଚଳାଚଳ ପାଇଁ ସୁରକ୍ଷିତ ଘୋଷଣା କରାଯିବା ପରେ ସେବା ପୁନଃ ଆରମ୍ଭ ହେବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

ବାତିଲ୍ ହୋଇଥିବା ପ୍ରମୁଖ ଟ୍ରେନ୍

୨୯ ଅକ୍ଟୋବର ୨୦୨୬ରେ ବାତିଲ୍ ହୋଇଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ବିଶାଖାପାଟଣା-ଭୁବନେଶ୍ୱର ବନ୍ଦେ ଭାରତ ଏକ୍ସପ୍ରେସ (୨୦୮୪୨), ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ସୁପରଫାଷ୍ଟ ଏକ୍ସପ୍ରେସ (୨୨୮୨୦), ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସ (୧୮୫୨୬), ଗୁଣୁପୁର-ପୁରୀ ଏକ୍ସପ୍ରେସ (୧୮୪୧୮), ପୁରୀ-ଗୁଣୁପୁର ଏକ୍ସପ୍ରେସ (୧୮୪୧୭), ଜୁନାଗଡ଼ ରୋଡ୍-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ (୨୦୮୩୮), ହାଓ୍ୱଡ଼ା-ଚର୍ଲାପଲ୍ଲୀ ଇଷ୍ଟ କୋଷ୍ଟ ଏକ୍ସପ୍ରେସ (୧୮୦୪୫) ଓ ସାନ୍ତ୍ରାଗାଛି-ୟେଲାହଙ୍କା ଏସି ଏକ୍ସପ୍ରେସ (୧୮୦୬୩) ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଖଡ଼ଗପୁର-ଭିଲ୍ଲୁପୁରମ ସୁପରଫାଷ୍ଟ ଏକ୍ସପ୍ରେସ (୨୨୬୦୩), ବିଶାଖାପାଟଣା-ଦିଘା ସୁପରଫାଷ୍ଟ ଏକ୍ସପ୍ରେସ (୨୨୮୭୪), ରାଉରକେଲା-ଗୁଣୁପୁର ରାଜାରାଣୀ ଏକ୍ସପ୍ରେସ (୧୮୧୧୭), ଗୁଣୁପୁର-ରାଉରକେଲା ରାଜାରାଣୀ ଏକ୍ସପ୍ରେସ (୧୮୧୧୮), ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ (୧୧୦୨୦), ପୁରୀ-ତିରୁପତି ଏକ୍ସପ୍ରେସ (୧୭୪୭୯), ଭୁବନେଶ୍ୱର-ଚେନ୍ନାଇ ସେଣ୍ଟ୍ରାଲ ସୁପରଫାଷ୍ଟ ଏକ୍ସପ୍ରେସ (୨୦୮୫୩) ଓ ଭୁବନେଶ୍ୱର-ଜୁନାଗଡ଼ ରୋଡ୍ ସୁପରଫାଷ୍ଟ ଏକ୍ସପ୍ରେସ (୨୦୮୩୭) ମଧ୍ୟ ବାତିଲ୍ ତାଲିକାରେ ରହିଛି। ସେହିପରି ଝାରସୁଗୁଡ଼ା-ସମ୍ବଲପୁର ମେମୁ (୬୮୦୩୧ ଓ ୬୮୦୩୩) ଏବଂ ସମ୍ବଲପୁର-ଝାରସୁଗୁଡ଼ା ମେମୁ (୬୮୦୩୨ ଓ ୬୮୦୩୪) ଟ୍ରେନ୍‌ର ଚଳାଚଳ ମଧ୍ୟ ୨୯ ଓ ୩୦ ଅକ୍ଟୋବରରେ ପ୍ରଭାବିତ ହେବାର ସୂଚନା ଦିଆଯାଇଛି।

ବିକଳ୍ପ ମାର୍ଗରେ ଚାଲିବ ଅନେକ ଟ୍ରେନ୍

ପରିସ୍ଥିତିକୁ ଦୃଷ୍ଟିରେ ରଖି ହାଓ୍ୱଡ଼ା-ଯଶବନ୍ତପୁର ସୁପରଫାଷ୍ଟ ଏକ୍ସପ୍ରେସ, ଶାଳିମାର-ଚର୍ଲାପଲ୍ଲୀ ଅମୃତ ଭାରତ ଏକ୍ସପ୍ରେସ, ଶାଳିମାର-ସିକନ୍ଦରାବାଦ ଏକ୍ସପ୍ରେସ ଏବଂ ଅନ୍ୟାନ୍ୟ ଦୂରଗାମୀ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। କେତେକ ଟ୍ରେନ୍‌କୁ ଖୋର୍ଦ୍ଧା ରୋଡ୍-ଅନୁଗୁଳ-ସମ୍ବଲପୁର-ରାୟଗଡ଼ା-ବିଜୟନଗରମ ମାର୍ଗରେ ଚଳାଚଳ କରାଯିବାକୁ ଥିବାବେଳେ ଅନ୍ୟ କେତେକ ଟ୍ରେନ୍ ବିଜୟନଗରମ-ଟିଟିଲାଗଡ଼-ଝାରସୁଗୁଡ଼ା-ଖଡ଼ଗପୁର ମାର୍ଗରେ ଯାତ୍ରା କରିବ। ଏହି ପରିବର୍ତ୍ତନ ଯୋଗୁଁ ଟ୍ରେନ୍‌ଗୁଡ଼ିକର ଯାତ୍ରା ସମୟ ଓ ନିର୍ଦ୍ଧାରିତ ପହଞ୍ଚିବା ସମୟରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି।

ଯାତ୍ରୀଙ୍କୁ ରେଳବାଇର ପରାମର୍ଶ

ରେଳବାଇ ପକ୍ଷରୁ ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନିଜ ଟ୍ରେନ୍‌ର ଚଳାଚଳ ସ୍ଥିତି, ବାତିଲ୍ ଓ ପରିବର୍ତ୍ତିତ ମାର୍ଗ ସମ୍ପର୍କରେ ଅଦ୍ୟତନ ସୂଚନା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଯାତ୍ରୀମାନେ ଭାରତୀୟ ରେଳବାଇର ଅଧିକୃତ ୱେବସାଇଟ୍, ରେଳ ସୂଚନା ବ୍ୟବସ୍ଥା କିମ୍ବା ଷ୍ଟେସନର ଘୋଷଣା ମାଧ୍ୟମରେ ତଥ୍ୟ ଜାଣିପାରିବେ। ଯାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଜଳସ୍ତର ଓ ରେଳପଥର ସ୍ଥିତି ଉପରେ ନଜର ରଖାଯାଇଛି। ପରିସ୍ଥିତି ସ୍ୱାଭାବିକ ହେବା ପରେ ଟ୍ରେନ୍ ଚଳାଚଳ ପୁନଃସ୍ଥାପନ କରାଯିବ ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି।

ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧା ଖାଦ୍ୟର ମାନ ଯାଞ୍ଚ କଲେ ଉପମୁଖ୍ୟମନ୍ତ୍ରୀ

ରାୟଗଡ଼ା : ବାତ୍ୟା ଅର୍ଣବ ପରିଚାଳନା ପାଇଁ ରାୟଗଡା ଜିଲ୍ଲା ଦାୟିତ୍ୱରେ ରହିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପଦ୍ମପୁର ବ୍ଲକ ଜୟପଙ୍ଗା ଆଶ୍ରୟସ୍ଥଳୀରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଲୋକଙ୍କ ପାଇଁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିବା ସହ ଉପମୁଖ୍ୟମନ୍ତ୍ରୀ ନିଜେ ରନ୍ଧା ଖାଦ୍ୟ ଖାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ଓ ରାସନ ସାମଗ୍ରୀ ବଣ୍ଟନ କରିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ।

ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ଡେରିଗାଁ ପଞ୍ଚାୟତ ମୁଟୁକୁଣି ଗ୍ରାମର କଚ୍ଚା ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଗ୍ରାମର ପ୍ରାୟ ୧୬ଟି ପରିବାରର ୫୨ ଜଣ ସଦସ୍ୟଙ୍କୁ ଆଣି ଜୟପଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇଛି। ସେଠାରେ ସେମାନଙ୍କୁ ରନ୍ଧା ଖାଦ୍ୟ ଓ ଅନ୍ୟାନ୍ୟ ଜରୁରୀ ସୁବିଧା ଯୋଗାଇ ଦିଆଯାଉଛି। ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ରାୟଗଡ଼ା ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଓ ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଛି।

ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ ପରେ ଉପମୁଖ୍ୟମନ୍ତ୍ରୀ କେନ୍ଦୁଗୁଡ଼ା ଜଳଭଣ୍ଡାର ପରିଦର୍ଶନ କରି ଜଳସ୍ତରର ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଶାସନିକ ଅଧିକାରୀଙ୍କ ସହ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଜଳସେଚନ ବିଭାଗ ପକ୍ଷରୁ ସୂଚନା ଅନୁଯାୟୀ ଆଜି ଅପରାହ୍ନରେ ହରଭଙ୍ଗୀ ଜଳଭଣ୍ଡାରରୁ ଜଳ ଛଡ଼ାଯାଇଛି।

ହରଭଙ୍ଗୀ ଜଳଭଣ୍ଡାରରେ ବର୍ତ୍ତମାନ ୬୯୬.୩୧୨ କ୍ୟୁସେକ ଜଳ ପ୍ରବେଶ କରୁଛି। ହରଭଙ୍ଗୀ ଜଳଭଣ୍ଡାରର ଜଳସ୍ତର ୩୮୬.୩୦ ହୋଇଥିବାରୁ ମଧ୍ୟାହ୍ନରେ ବିପଦ ସାଇରନ ବାଜିବା ପରେ ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିବା ଆଶଙ୍କା ପ୍ରକାଶ କରି ହରଭଙ୍ଗୀ ଜଳଭଣ୍ଡାରରୁ ୨ଟି ଗେଟ୍ ଖୋଲାଯାଇଥିଲା। ବର୍ତମାନ ୨୦୩.୪୫୫ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ଜଳ ଛଡ଼ାଯିବା ପରେ ଏହା ବଂଶଧାରା ନଦୀରେ ମିଶୁଥିବାରୁ ସଂଲଗ୍ନ ଅଞ୍ଚଳରେ ଅସୁରକ୍ଷିତ ବାସସ୍ଥାନଗୁଡ଼ିକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଜଳ ଛଡ଼ାଯିବାପରେ ବଂଶଧାରା ନଦୀକୂଳିଆ ଅଞ୍ଚଳ ରହିଥିବା ପଦ୍ମପୁର, ରାମନାଗୁଡ଼ା ଏବଂ ଗୁଣପୁରର ବିଡିଓ ଏବଂ ତହସିଲଦାରଙ୍କୁ ସତର୍କ କରାଯାଇଛି। ଆବଶ୍ୟକ ସ୍ଥଳେ ବଂଶଧାରା ନଦୀକୂଳର ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ପ୍ରସ୍ତୁତି ଚଳାଇଛି ଏବଂ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଆଜି ଅସ୍ଥାୟି ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ ସମୟରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣି, ଏସ୍ ?ପି ରାଜ ପ୍ରସାଦ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ। ଆଜି ସକାଳ ୮.୩୦ରୁ ମଧ୍ୟାହ୍ନ ୨.୩୦ ଯାଏଁ ଜିଲ୍ଲାରେ ୨୬୬ ମିମି ବର୍ଷା ହୋଇଥିବା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ସୂଚନା ଦିଆଯାଇଛି।

ଡାକ୍ତରଖାନା ଅଛି, ଡାକ୍ତର ନାହାନ୍ତି: ୪୦ ଲକ୍ଷ ଲୋକ ରେଫରାଲ୍ ଭରସାରେ !

- **ମାତ୍ର ୩୩% ଡାକ୍ତରରେ ଚାଲିଛି ଗଞ୍ଜାମର ସ୍ୱାସ୍ଥ୍ୟସେବା**
- **କୋଟି କୋଟି ଟଙ୍କାର ଯନ୍ତ୍ରପାତି ଅଚଳ**

ବ୍ରହ୍ମପୁର: ରୋଗୀ ଆସୁଛନ୍ତି, ଡାକ୍ତରଖାନାରେ ଚିକିତ୍ସା ବି ହେଉଛି। କିନ୍ତୁ ଗୁରୁତର ହେଲେ ଏମ୍‌କେସିଜି ନଚେତ ଭୁବନେଶ୍ୱର ଯିବାକୁ ପଡୁଛି। ୪୦ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ସହ ଜଡ଼ିତ ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟସେବାର ଏ ହେଉଛି ବାସ୍ତବ ଚିତ୍ର। କୋଟି କୋଟି ଟଙ୍କାରେ ନିର୍ମିତ

ଡାକ୍ତରଖାନା, ଅତ୍ୟାଧୁନିକ ଯନ୍ତ୍ରପାତି ଓ ଚିକିତ୍ସା ଭିତ୍ତିଭୂମି ଥାଇ ଡାକ୍ତର ଓ କର୍ମଚାରୀଙ୍କ ଅଭାବରୁ ରୋଗୀଙ୍କୁ ଆବଶ୍ୟକ ସେବା ମିଳୁନି। ଫଳରେ ଜିଲ୍ଲାର ଅଧିକାଂଶ ଡାକ୍ତରଖାନା ରେଫରାଲ କେନ୍ଦ୍ରରେ ପରିଣତ ହେଲାଣି।

ଜିଲ୍ଲାର ସ୍ୱାସ୍ଥ୍ୟସେବା ସଂପର୍କରେ ଗ୍ରାଉଣ୍ଡଜିରୋ ସ୍ଥିତି ପରଖିବା ବେଳେ ଡାକ୍ତର ଅଭାବର ସାଂଘାତିକ ଚିତ୍ର ସାମନାକୁ ଆସିଥିଲା। ଡାକ୍ତରଖାନାରେ ଅନ୍ୟାନ୍ୟ ସୁବିଧା ଥିଲେ ମଧ୍ୟ ଆବଶ୍ୟକ ଡାକ୍ତର ନଥିବାରୁ ରୋଗୀଙ୍କୁ ଉନ୍ନତ ଚିକିତ୍ସା ମିଳିପାରୁନି। ଶୁକ୍ରବାର ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନାରୁ ୩ ଜଣ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରେ ଜଣେ ହାଡ଼ଫୁଟି ରୋଗୀ, ଜଣେ ଗର୍ଭବତୀ ଓ ଦୁର୍ଘଟଣାରେ ଆହତ ଜଣେ ବୃଦ୍ଧ ଥିଲେ। ସେହିପରି ଖଲ୍ଲିକୋଟ ଡାକ୍ତରଖାନାରୁ ୩ ଜଣଙ୍କୁ ରେଫର କରାଯାଇଥିଲା। ଏଥିରେ ଦୁଇ ଜଣ ଦୁର୍ଘଟଣାରେ ଆହତ ଓ ଜଣେ ଗର୍ଭବତୀ ଥିଲେ। ଆସିକା ଡାକ୍ତରଖାନାରୁ ୧୧ ଜଣ ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ପଠାଯାଇଥିବା ବେଳେ ସାନଖେମୁଣ୍ଡି ବ୍ଲକ୍‌ର ଆଡ଼ପଡ଼ା ଡାକ୍ତରଖାନାରୁ ଜଣେ ଗର୍ଭବତୀ, ଜଣେ ଦୁର୍ଘଟଣାଗ୍ରସ୍ତ ଓ ବିଷପାନ କରି ଗୁରୁତର ହୋଇଥିବା ଜଣେ ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଥିଲା।

ଖଲ୍ଲିକୋଟ ଡାକ୍ତରଖାନାରେ ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣାର ଆହତଙ୍କ ସଂଖ୍ୟା ଅଧିକ। ଅନ୍ୟପଟେ ଆସିକା, ଆଡ଼ପଡ଼ା ଓ ହିଞ୍ଜିଳି ଭଳି ଡାକ୍ତରଖାନା ଉପରେ ଗ୍ରାମାଞ୍ଚଳର ଲୋକ ନିର୍ଭର କରନ୍ତି। ହେଲେ ଏଠାରେ ଡାକ୍ତରଙ୍କ ଅଭାବ। ରୋଗୀଙ୍କୁ ଅନ୍ୟତ୍ର ଯିବାକୁ ପଡୁଥିବାରୁ ଅର୍ଥ, ସମୟ ନଷ୍ଟ ହେଉଛି। ଏହାର ପ୍ରଭାବ ସିଧାସଳଖ ଏମ୍‌କେସିଜି ମେଡିକାଲ ଉପରେ ପଡୁଛି। ଗଞ୍ଜାମ ସମେତ ଗଜପତି, କନ୍ଧମାଳ, ନୟାଗଡ଼, ବୌଦ୍ଧ ଏବଂ ଆନ୍ଧ୍ରପ୍ରଦେଶ ସୀମାନ୍ତ ଅଞ୍ଚଳର ଲୋକେ ଏହି ମେଡିକାଲ ଉପରେ ନିର୍ଭରଶୀଳ। ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ବା ସିଟି ହସ୍ପିଟାଲରେ ମଧ୍ୟ ରୋଗୀ ସେବାରେ ଆଶାନୁରୂପ ସୁଧାର ଆସିପାରିନାହିଁ। ଏମ୍‌କେସିଜିରେ ଦୈନିକ ରୋଗୀଙ୍କ ଚାପ ବଢୁଥିବାରୁ ଶଯ୍ୟା ମିଳିବାଠାରୁ ଆରମ୍ଭ କରି ଉପଯୁକ୍ତ ଚିକିତ୍ସା ପାଇବା ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ଦେଖାଦେଉଛି।

୪ ଦଶନ୍ଧି ପରେ ଆଲୁଅ ଦେଖିଲା ଆବୁଝମାଡ଼: ହଟିଲେ ନକ୍ସଲ, ବିକାଶ ଗତିଶୀଳ

ମାଲକାନଗିରି: ଚାରି ଦଶନ୍ଧି ଧରି ଥିଲା ନକ୍ସଲଙ୍କ ଦବ୍‌ଦବା। ପୁଲିସ ଓ ସୁରକ୍ଷା ବାହିନୀ ପଶି ପାରୁନଥିଲେ। ନକ୍ସଲ ହଟିବା ପରେ ଛତିଶଗଡ଼ର ଆବୁଝମାଡ଼ରେ ଆରମ୍ଭ ହୋଇଛି ବିକାଶର ନୂଆ ଅଧ୍ୟାୟ। ବର୍ଷ ବର୍ଷ ଧରି ଅନ୍ଧାରରେ ରହୁଥିବା ଗ୍ରାମବାସୀଙ୍କ ଘରେ ପହଞ୍ଚିଛି ବିଦ୍ୟୁତ୍ ସେବା। ଏଥି ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଆସୁଛି। ଓଡ଼ିଶାର ମାଲକାନଗିରି ସମେତ ଛତିଶଗଡ଼, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ସୀମାନ୍ତ ଅଞ୍ଚଳ, ବିଶେଷକରି ଛତିଶଗଡ଼ର ଆବୁଝମାଡ଼ ଇଲାକା ନକ୍ସଲଙ୍କ ପ୍ରମୁଖ ଆଶ୍ରୟସ୍ଥଳୀ ଭାବେ ପରିଚିତ ଥିଲା। ଘଞ୍ଚ ଜଙ୍ଗଲ ଓ ଦୁର୍ଗମ ପାହାଡ଼ ଘେରା ଏହି ଅଞ୍ଚଳର ୪୦୦ରୁ ଊର୍ଦ୍ଧ୍ୱ ଗାଁ ବର୍ଷ ବର୍ଷ ଧରି ବିକାଶଠାରୁ ଦୂରରେ ରହିଥିଲା। ଫଳରେ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ପାଇବା ପାଇଁ ମଧ୍ୟ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଥିଲା। ନକ୍ସଲ ପ୍ରଭାବ ଯୋଗୁଁ ଏହି ଅଞ୍ଚଳର ଅନେକ ଗାଁରେ ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ଓ ସଡ଼କ ଭଳି ମୌଳିକ ସୁବିଧା ପହଞ୍ଚିପାରିନଥିଲା। ଲୋକେ ରାତିରେ ଡିବିରି ଆଲୁଅ ଉପରେ ନିର୍ଭର କରୁଥିଲେ। ଆଧୁନିକ ଜୀବନର ଅନେକ ସୁବିଧା ସେମାନଙ୍କ ପାଇଁ ସ୍ୱପ୍ନ ହୋଇ ରହିଥିଲା। ନକ୍ସଲ ବିରୋଧୀ ଅଭିଯାନ ପରେ ଆବୁଝମାଡ଼ ଅଞ୍ଚଳରେ ପରିବର୍ତ୍ତନର ଚିତ୍ର ଦେଖିବାକୁ ମିଳୁଛି। ଛତିଶଗଡ଼ ସରକାରଙ୍କ ପକ୍ଷରୁ ଦୁର୍ଗମ ଗାଁ ଗୁଡ଼ିକରେ ସର୍ବେକ୍ଷଣ ସହ ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି। ଧୀରେ ଧୀରେ ଗାଁ ଗୁଡ଼ିକୁ ସଡ଼କ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ବିଦ୍ୟୁତୀକରଣ କାର୍ଯ୍ୟ ଆଗକୁ ବଢୁଛି। ବିଦ୍ୟୁତ୍ ସଂଯୋଗୀକରଣ ପରେ ରାତିରେ ଆଲୁଅ ଦେଖି ଗ୍ରାମବାସୀ ଖୁସି ପ୍ରକାଶ କରିଛନ୍ତି। ମୋବାଇଲ୍ ଫୋନ୍ ଚାର୍ଜ ସହ ଦୈନନ୍ଦିନ ଜୀବନରେ ବିଦ୍ୟୁତ୍‌ର ବ୍ୟବହାର କରିବାର ସୁଯୋଗ ପାଇଛନ୍ତି ଲୋକେ। ଏହି ପରିବର୍ତ୍ତନ କେବଳ ବିଦ୍ୟୁତ୍ ସେବାରେ ସୀମିତ ନୁହେଁ। ବହୁ ବର୍ଷ ଧରି ବିକାଶଠାରୁ ଦୂରେଇ ରହିଥିବା ଆବୁଝମାଡ଼ର ଗାଁ ଗୁଡ଼ିକୁ ମୁଖ୍ୟସ୍ରୋତରେ ସାମିଲ କରିବା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି।

ଜାତୀୟ ସ୍ତରୀୟ ଶାନ୍ତି, ଏକତା ଏବଂ ଯୁବ ନେତୃତ୍ୱର ଶିବିରରେ ଓଡିଶାରୁ ସାତ ଜଣ ପ୍ରତିନିଧିତ୍ୱ କରିଛନ୍ତି

ଓଡ଼ିଶା ନିଶବ୍ଦ: ଭୋପାଳର ରାଜ୍ୟର ରାଇସେନ ଜିଲ୍ଲାର ରବୀନ୍ଦ୍ରନାଥ ଟାଗୋର ବିଶ୍ୱବିଦ୍ୟାଳୟରେ ଅକ୍ଟୋବର ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଜାତୀୟ ଯୁବ ପ୍ରକଳ୍ପର ତିନି ଦିନିଆ ଶିବିରରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ସାତ ଜଣ ଯୁବସାଥୀ ଯୋଗ ଦାନ କରି ଓଡିଶା ପାଇଁ ଗୌରବ ଆଣିଛନ୍ତି । ସେମାନଙ୍କ ମଧ୍ୟରେ ଥିଲେ ଝାରସୁଗୁଡାର ଜିଲ୍ଲା ବେଲପାହାଡ ଅଞ୍ଚଳର ପ୍ରଚଣ୍ଡ ଜୟସୱାଲ, ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ମଣିଦେଇପେଣ୍ଠ ଗ୍ରାମର ଡମ୍ବୁରୁ ରାଉତ, ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର କୁସୁମା ପରିଗା, ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ବ୍ଲକର ଦେବେନ୍ଦ୍ର ସିଂ, ବିଜତଳା ବ୍ଲକର ରୁପାଲୀ ମାର୍ଣ୍ଡି, ସାରସକଣ ବ୍ଲକର ନେହା ସୋରେନ, କଟକ ଜିଲ୍ଲା ଟାଙ୍ଗୀ ବ୍ଲକର ଋତୁପର୍ଣ୍ଣା ରାଉତ । ଏହି ଜାତୀୟ ସ୍ତରୀୟ ଶାନ୍ତି, ଏକତା ଏବଂ ଯୁବ ନେତୃତ୍ୱ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବପିଢ଼ିଙ୍କ ମଧ୍ୟରେ ଭାଷାଭିତ୍ତିକ ଭେଦଭାବ, ଜାତିଭିତ୍ତିକ ଭେଦଭାବ ଏବଂ ଧର୍ମବାଦକୁ ଭୁଲି ଜାତୀୟ ଏକତା, ସର୍ବ ଧାର୍ମିକ ସଦଭାବନା, ଶୃଙ୍ଖଳା, ସାଂସ୍କୃତିକ ଆଦାନପ୍ରଦାନ, ସହଯୋଗ ଏବଂ ନେତୃତ୍ୱ ଦକ୍ଷତା ବୃଦ୍ଧି କରିବା ସହ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଏ । ଅନ୍ୟ ରାଜ୍ୟର ଭାଷା ଏବଂ ସଂସ୍କୃତି ପ୍ରତି ସମ୍ମାନ ବିକଶିତ କରିବା ଏବଂ ପାରସ୍ପରିକ ଆଲୋଚନାକୁ ଉତ୍ସାହିତ କରିବା ସହ ଭାଷାଗତ ବିବିଧତା ସତ୍ତ୍ୱେ, ଏକତା ହେଉଛି ଭାରତର ସର୍ବବୃହତ ଶକ୍ତି ଏବଂ ଶିକ୍ଷାର ଉଦ୍ଦେଶ୍ୟ କେବଳ କ୍ୟାରିୟର ଗଠନ ପର୍ଯ୍ୟନ୍ତ ସୀମିତ ହେବା ଉଚିତ୍ ନୁହେଁ। ମୂଲ୍ୟବୋଧ ବିନା ଶିକ୍ଷା ଅସମ୍ପୂର୍ଣ୍ଣ। ଯୁବପିଢ଼ିଙ୍କୁ ସେମାନଙ୍କ ଅଧ୍ୟୟନ ସହିତ ଭାରତୀୟ ସଂସ୍କୃତି, ଜୀବନ ମୂଲ୍ୟବୋଧ ଏବଂ ନୈତିକ ଆଦର୍ଶ ସହିତ ଯୋଡ଼ିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏହି ଶିବିରରେ ଆଲୋଚନା ହୋଇଥିଲା କ୍ଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭାରତୀୟ ପୋଲିସ ସେବା ଅଧିକାରୀ ରିଷି କୁମାର ଶୁକ୍ଳା, ପୂର୍ବତନ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ, ଭାରତ ସରକାରଙ୍କ ନିର୍ଦ୍ଦେଶକ ଏବଂ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ, ମଧ୍ୟପ୍ରଦେଶ ସରକାର। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଥିଲେ ବିଶ୍ୱବିଦ୍ୟାଳୟ ଅଧିକାରୀ ଶ୍ରୀମତୀ ସଙ୍ଗୀତା, ଆୟୋଜନ କମିଟି ଉପାଧ୍ୟକ୍ଷ ପ୍ରଚଣ୍ଡ ଜୟସୱାଲ ଏବଂ ଶିବିର ସଂଯୋଜକ ପଙ୍କଜ ଝା, ସହ-କ୍ୟାମ୍ପ ସଂଯୋଜକ ମହମ୍ମଦ ଦାନିଶ ଖାନ କ୍ଷ ଅଂଶଗ୍ରହଣକାରୀମାନଙ୍କୁ ମାର୍ଗଦର୍ଶନ ଏବଂ ଅଭିଜ୍ଞତା ସମାଜସେବା, ଯୁବ ନେତୃତ୍ୱ, ଜାତୀୟ ଏକତା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଅନୁପ୍ରାଣିତ କରିଥିଲା ।

ରାୟଗଡ଼ାରେ 'ଅର୍ଣ୍ଣବ'ର ପ୍ରଭାବ: ୪୬୦ମିମିରୁ ଅଧିକ ବର୍ଷା

ରାୟଗଡ଼ା : ବାତ୍ୟା ଅର୍ଣ୍ଣବ ପ୍ରଭାବରେ ରାୟଗଡ଼ା ଜିଲ୍ଲାରେ ମଧ୍ୟମ ଧରଣର ବର୍ଷାହୋଇଥିବା ରେକର୍ଡହୋଇଛି ଓ ଜିଲ୍ଲାରେ ଆଜି ସକାଳ ୮.୩୦ ସୁଦ୍ଧା ଜିଲ୍ଲାରେ ୪୬୦.୭୭ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଗୁଣପୁରରେ ସର୍ବାଧିକ ୧୦୫.୭ମିମି ବର୍ଷା ରେକର୍ଡ ହୋଇଛି ଓ ସୂଚନାରୁ ଜଣାପଡିଛି ଲଗାଣ ବର୍ଷା ଫଳରେ ରାୟଗଡ଼ା ବ୍ଲକ କାରୁବାଇ ସର୍କଲର ତାମାଲବାଇ ଗ୍ରାମର ଅଜୟ କରକରିଆଙ୍କ ମାଟି ଘର କାନ୍ଥ ଭୁସୁଡ଼ି ଯାଇଛି ଓ ପ୍ରଶାସନ ତରଫରୁ ପଲିଥିନ ଶୀଘ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ଓ ରାୟଗଡ଼ା

ଜିଲ୍ଲାରେ ବାତ୍ୟା ମୁକାବିଲା ଓ ସମନ୍ୱୟ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଡେରା ପକାଇଛନ୍ତି ଓ ଆଜି ଶ୍ରୀମତୀ ପରିଡ଼ା ଗୁଣପୁର ଉପଖଣ୍ଡ ଅଞ୍ଚଳ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି ଓ ପଦ୍ମପୁର ବ୍ଲକ ମୁଟୁକୁଣି ଗ୍ରାମର ୪୮ଟି ପରିବାରକୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି ଓ ବଂଶଧାରା ନଦୀ ଉପକୂଳର ଅତି ନିକଟରେ ଏହି ଗ୍ରାମ ରହିଥିବାରୁ ସେମାନଙ୍କୁ ସ୍ଥାନାନ୍ତର କରାଯାଇଥିବା ପ୍ରଶାସନ ସୂଚନା ଦେଇଛି ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଅସ୍ଥାୟୀ ଆଶ୍ରୟସ୍ଥଳକୁ ଯିବାର କାର୍ଯ୍ୟକ୍ରମ ରହିଛି ଓ ବାତ୍ୟା ଅର୍ଣ୍ଣବ ପାଇଁ ଜିଲ୍ଲାର ୧୪୮ଟି ଗ୍ରାମ ସମ୍ବେଦନଶୀଳ ବୋଲି ପ୍ରଶାସନ ଚିହ୍ନଟ କରିଥିଲା ଓ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ପବନ ହୋଇନାହିଁ । ବର୍ଷା ସହ ପବନ ହେଲେ ଧାନ ଓ ଅନ୍ୟାନ୍ୟ ଚାଷ କ୍ଷତି ହେବ ବୋଲି ଚାଷୀ ଆତଙ୍କିତ ଅବସ୍ଥାରେ ଅଛନ୍ତି ଓ ଜିଲ୍ଲାର ବଂଶଧାରା, ନଓଗଓବଳୀ ଓ ଝଞ୍ଜାବତୀ ନଦୀରେ ଜଳ ସ୍ତର ସାମାନ୍ୟ ବୃଦ୍ଧି ପାଇଥିଲେ ମଧ୍ୟ ବିପଦ ସ୍ତର ତଳେ ପାଣି ବୋହୁଥିବା ସୂଚନାରୁ ଜଣାପଡିଛି ଓ ବାତ୍ୟାଜନିତ ବର୍ଷା ଓ ଏହାର ପ୍ରଭାବ ଉପରେ ଲଗାତାର ନଜର ରଖାଯାଇଛି ବୋଲି ପ୍ରଶାସନ ସୂଚନା ଦେଇଛି।

ଅସ୍ତିତ୍ୱ ସଙ୍କଟରେ ୩ ଆନ୍ତଃରାଜ୍ୟ ନଦୀ

୩୦ ବର୍ଷରେ କଳାହାଣ୍ଡିର ୩୦%ରୁ ଅଧିକ ଜଙ୍ଗଲ ନଷ୍ଟ

ଭବାନୀପାଟଣା : ଦିନେ ଘଞ୍ଚ ଜଙ୍ଗଲ ଓ ପ୍ରଚୁର ବର୍ଷା ପାଇଁ ପରିଚିତ ଥିଲା କଳାହାଣ୍ଡିର ପାହାଡ଼ିଆ ଅଞ୍ଚଳ। ଏବେ ଜଙ୍ଗଲ କ୍ଷୟ, ପୋଡୁ ଚାଷ ଓ ଖଣି ଖନନ ଏହାର ପ୍ରାକୃତିକ ସନ୍ତୁଳନକୁ ବିଗାଡ଼ିବାରେ ଲାଗିଛି। ଏହାର ପ୍ରଭାବରେ ଜିଲ୍ଲାରୁ ଉତ୍ପତ୍ତି ହୋଇଥିବା ଇନ୍ଦ୍ରାବତୀ, ବଂଶଧାରା ଓ ନାଗାବଳୀ ଭଳି ତିନିଟି ଆନ୍ତଃରାଜ୍ୟ ନଦୀ ଏବେ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ। ଅନିୟମିତ ବର୍ଷା ଯୋଗୁଁ କେଉଁଠି ବନ୍ୟା ତ ଆଉ କେଉଁଠି ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି। ଉପରମୁଣ୍ଡରୁ ଧୋଇ ଆସୁଥିବା ମାଟି ନଦୀଗର୍ଭରେ ଜମା ହୋଇ ଜଳଧାରଣ କ୍ଷମତାକୁ ପ୍ରଭାବିତ କରୁଥିବା ବେଳେ ନଦୀଗୁଡ଼ିକର ଭବିଷ୍ୟତକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି।

କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ଓ ଲାଞ୍ଜିଗଡ଼ ବ୍ଲକ୍ ଏହି ତିନି ନଦୀର ଉତ୍ପତ୍ତି ସହ ଜଡ଼ିତ। ଥୁଆମୂଳ ରାମପୁର ବ୍ଲକ୍‌ରୁ ଇନ୍ଦ୍ରାବତୀ ଓ ନାଗାବଳୀ ନଦୀ ବାହାରିଥିବା ବେଳେ ଲାଞ୍ଜିଗଡ଼ ବ୍ଲକ୍‌ରୁ ବଂଶଧାରାର ଉତ୍ପତ୍ତି। ଏହି ଦୁଇ ବ୍ଲକ୍‌ରେ ୨୦୨୧ରୁ ୨୦୨୩ ମଧ୍ୟରେ ପ୍ରାୟ ୨.୫୪ ପ୍ରତିଶତ ଜଙ୍ଗଲ ନଷ୍ଟ ହୋଇଛି। ଅନ୍ୟପକ୍ଷରେ କଳାହାଣ୍ଡି ଜିଲ୍ଲାରେ ଗତ ୩୦ ବର୍ଷ ମଧ୍ୟରେ ୩୦ ପ୍ରତିଶତରୁ ଅଧିକ ଜଙ୍ଗଲ ନଷ୍ଟ ହୋଇ ସାରିଥିବା ତଥ୍ୟରୁ ଜଣାପଡ଼ିଛି। ବର୍ତ୍ତମାନ ଜଙ୍ଗଲକ୍ଷୟ ହାର ଆହୁରି ବଢ଼ିଥିବା କୁହାଯାଉଛି। ଏହାର ସିଧାସଳଖ ପ୍ରଭାବ ପରିବେଶ ଓ ନଦୀର ପ୍ରାକୃତିକ ପ୍ରବାହ ଉପରେ ପଡୁଛି। ଥୁଆମୂଳ ରାମପୁର ବ୍ଲକ୍‌ର ମରଡ଼ିଗୁଡ଼ାରୁ ଇନ୍ଦ୍ରାବତୀ ନଦୀର ଉତ୍ପତ୍ତି। ପ୍ରାୟ ୫୩୫ କିଲୋମିଟର ଦୀର୍ଘ ଏହି ନଦୀ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟଜିଲ୍ଲା ଦେଇ ପ୍ରବାହିତ ହେବା ପରେ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲା ଅତିକ୍ରମ କରି ଶିରୋଞ୍ଚା ନିକଟସ୍ଥ ଉଦ୍‌କାଳୀ-ସୋମନୁର ସଙ୍ଗମରେ ଗୋଦାବରୀ ନଦୀ ସହ ମିଶିଛି।

ସେହିପରି ନାଗାବଳୀ ନଦୀ ଥୁଆମୂଳ ରାମପୁର ବ୍ଲକ୍‌ର ଗୁଣପୁର ନିକଟସ୍ଥ ଲାଖବାହାଲ ଅଞ୍ଚଳରୁ ବାହାରିଛି। ପ୍ରାୟ ୨୫୬ କିଲୋମିଟର ପ୍ରବାହିତ ହେବା ପରେ ଏହା କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲା ଅତିକ୍ରମ କରି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ ନିକଟସ୍ଥ କଲ୍ଲିପାଲି ଠାରେ ବଙ୍ଗୋପସାଗରରେ ମିଶିଛି। ଅନ୍ୟପଟେ, ଲାଞ୍ଜିଗଡ଼ ବ୍ଲକ୍‌ର ଦୁର୍ଗାକଙ୍ଗେର ପାହାଡ଼ ନିକଟରୁ ବଂଶଧାରା ନଦୀର ଉତ୍ପତ୍ତି। ପ୍ରାୟ ୨୬୫ କିଲୋମିଟର ଦୀର୍ଘ ଏହି ନଦୀ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲା ଦେଇ ପ୍ରବାହିତ ହୋଇ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ ଜିଲ୍ଲାର କଳିଙ୍ଗପଟନମଠାରେ ବଙ୍ଗୋପସାଗରରେ ମିଶିଛି। ଦିନେ ଥୁଆମୂଳ ରାମପୁର ବ୍ଲକ୍‌ର ଗୁଣପୁର ଅଞ୍ଚଳକୁ 'କଳାହାଣ୍ଡିର ଚେରାପୁଞ୍ଜି' ବୋଲି କୁହାଯାଉଥିଲା। ମାତ୍ର ଏବେ ଅନିୟମିତ ବର୍ଷା ଯୋଗୁଁ ସେହି ଅଞ୍ଚଳରେ କେତେବେଳେ ବନ୍ୟା ତ ଆଉ କେତେବେଳେ ମରୁଡ଼ି ଦେଖାଦେଉଛି। ବନ୍ୟା ସମୟରେ ନଦୀକୂଳ ଖାଇବା ସହ ଉପରମୁଣ୍ଡରୁ ବହୁ ପରିମାଣର ମାଟି ଓ ପଟୁମାଟି ଭାସି ଆସି ନଦୀ ଗର୍ଭରେ ଜମା ହେଉଛି। ଏହା ଫଳରେ ନଦୀ ପୋତି ହେବା ସହ ପ୍ରାକୃତିକ ପରିବେଶ ମଧ୍ୟ ପ୍ରଭାବିତ ହେଉଛି।

ପରିବେଶ ସମୀକ୍ଷକ ଅଶୋକ କୁମାର ପଟ୍ଟନାୟକଙ୍କ ମତରେ, ପୋଡୁ ଚାଷ ଯୋଗୁଁ ଶହ ଶହ ହେକ୍ଟର ଜଙ୍ଗଲ ନଷ୍ଟ ହେବାକୁ ବସିଛି। ଏଥିସହ ଉପରମୁଣ୍ଡରେ ଖଣି ଖନନ ଓ ଗଛକଟା ଯୋଗୁଁ ବର୍ଷା ଜଳ ସହ ମାଟି ଧୋଇ ଆସି ନଦୀରେ ଜମା ହେଉଛି। ଫଳରେ ନଦୀଗୁଡ଼ିକ କ୍ରମଶଃ ପୋତି ହେବାରେ ଲାଗିଛି। ଅନିୟମିତ ବର୍ଷା ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଜୟ ମିଶ୍ର ମଧ୍ୟ ନଦୀଗୁଡ଼ିକର ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ନଦୀକୂଳରେ ଆବଶ୍ୟକ ବୃକ୍ଷରୋପଣ ହେଉ ନଥିବାରୁ ମାଟି କ୍ଷୟ ଓ ପଟୁମାଟି ଜମା ହେବା ସମସ୍ୟା ବଢୁଛି। ବୃକ୍ଷରୋପଣ ଯୋଜନା କେବଳ କାଗଜକଲମରେ ସୀମିତ ରହିବା ଫଳରେ ନଦୀଗୁଡ଼ିକର ସ୍ଥିତି ଦୁର୍ବଳ ହେଉଛି। ତେଣୁ ରାଜ୍ୟ ସରକାର ନଦୀକୂଳରେ ବ୍ୟାପକ ବୃକ୍ଷରୋପଣ କରିବା ସହ ଜଙ୍ଗଲ ସୁରକ୍ଷା ଓ ମାଟି କ୍ଷୟ ରୋକିବା ପାଇଁ ଠୋସ୍ ପଦକ୍ଷେପ ନେବା ଆବଶ୍ୟକ।

କୁମାରପୂର୍ଣ୍ଣିମା

ଓଡ଼ିଶାର ସଂସ୍କୃତି ବହୁ ପ୍ରାଚୀନ । ଏହି ପ୍ରାଚୀନ ସଂସ୍କୃତିରେ ନାନା ପ୍ରଥା- ନାନା ପରମ୍ପରା ପ୍ରଚଳିତ ହୋଇଆସିଛି । ବାର ମାସରେ ତେର ପର୍ବ ଉତ୍କଳୀୟ ସଂସ୍କୃତିର ବୈଶିଷ୍ଟ୍ୟ । ଅନେକ ପର୍ବ ପର୍ବାଣି ଓ ଉତ୍ସବ ମଧ୍ୟରେ କୁମାରୋତ୍ସବ ଅନ୍ୟତମ ଲୋକପ୍ରିୟ ଉତ୍ସବ । ଏହି ଶାରଦୀୟ ଉତ୍ସବ କୁମାରପୂର୍ଣ୍ଣିମା ଭାବେ ଓଡ଼ିଆ ଜନଜୀବନରେ ପରିଚୟ ଲାଭ କରିଛି । ଆଶ୍ୱିନ ମାସ ପୂର୍ଣ୍ଣିମାରେ ଏହା ପାଳିତ ହୁଏ । ଏହା ରୂପଶ୍ରେଷ୍ଠ କୁମାର କାର୍ତ୍ତିକେୟଙ୍କ ଜନ୍ମଦିନ । କୁମାର କାର୍ତ୍ତିକ ଥିଲେ ସୌନ୍ଦର୍ଯ୍ୟ ଓ ବୀରତ୍ୱର ପ୍ରତୀକ । ସେ ଦେବତାଙ୍କ ସେନାପତି ଭାବେ ଦୁର୍ଦ୍ଧର୍ଷ ରାକ୍ଷସ ତାରକାସୁରକୁ ବଧ କରିଥିଲେ । ଏଣୁ ଆଶ୍ୱିନ ମାସ ସାରା କୁମାରୀ କନ୍ୟାମାନେ ବ୍ରତ ରଖି ଚଉରା ମୂଳେ ସନ୍ଧ୍ୟାରେ ଜହ୍ନି ଓଷା କରନ୍ତି ଓ ମାସର ଶେଷଦିନରେ କୁମାର କୁମାର ପୂର୍ଣ୍ଣିମା ବ୍ରତ ପାଳନ କରନ୍ତି । ଚଉରା ମୂଳେ ତାଳଗଜା, ଖଇ, ମଣ୍ଡା ଆଦି ଭୋଗ କରି ସେଦିନ ପଲ୍ଲୀବାଳା ଶିବପୁତ୍ର କୁମାର କାର୍ତ୍ତିକେୟଙ୍କ ପରି ସୁନ୍ଦର ସ୍ୱାମୀ ପାଇବା ପାଇଁ ତାଙ୍କ ପୂଜା କରି ନିଜର ମନୋବାଞ୍ଛା ପ୍ରକାଶ କରିଥାନ୍ତି ।

ପୂଜା ପରେ ଚଉରା ପରିକ୍ରମା କରି "ଫୁଲ ବଉଳ ବେଣି" ଗୀତ ଗାଇ ନାଚିଥାନ୍ତି । ପୂର୍ବରୁ କୁମାରୀ କନ୍ୟାମାନେ ପ୍ରତ୍ୟୁଷରୁ ଆଞ୍ଜୁଳି ଟେକା ବିଧି ପାଳନ କରିଥାନ୍ତି । ସଞ୍ଜ ଗଡ଼ିଗଲା ପରେ ଘରେ ଘରେ ଚାନ୍ଦ ପୂଜା କରାଯାଏ । ଲିଆ, ଛେନା, ଗୁଡ଼ ଚକଟାଯାଇ ଅର୍ଦ୍ଧଚନ୍ଦ୍ର ଆକାରରେ ଥାଳିରେ ସଜାଇ ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଏ । ଏହି ପ୍ରସାଦ ଖାଇ ବ୍ରତଧାରୀ କୁମାରୀଏ ବ୍ରତ ଉପବାସ ଭାଙ୍ଗିଥାନ୍ତି । ଏହିଦିନ ମଧ୍ୟ ଧନ, ଧାନ୍ୟର ଦେବି ମା' ଲକ୍ଷ୍ମୀଙ୍କର ଆବିର୍ଭାବ ଦିବସ । ଏଣୁ ସର୍ବତ୍ର ଗଜଲକ୍ଷ୍ମୀଙ୍କର ଆବିର୍ଭାବ ଦିବସ । ଏଣୁ ସର୍ବତ୍ର ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୁଏ । ଗଜଲକ୍ଷ୍ମୀ ପୂଜା ସାଂସ୍କୃତିକ କାର୍ଯ୍ୟକ୍ରମ, ନୂତନ ବସ୍ତ୍ର ପରିଧାନ, ପିଠାପଣା, ତଥା ଅନ୍ୟାନ୍ୟ ଆମୋଦ ପ୍ରମୋଦରେ ଦିନଟି କଟିଯାଏ । ପୁରୁଷମାନେ ପଶା, ତାସ ଆଦି ଖେଳି ଦିନଟିକୁ ଉପଭୋଗ କରନ୍ତି । ପ୍ରସଙ୍ଗକ୍ରମେ ପଣ୍ଡିତ ନୀଳକଣ୍ଠ ଦାସଙ୍କର କୁମାରପୂର୍ଣ୍ଣିମା ଉପରେ ଲିଖିତ କବିତା "ରାମଚଣ୍ଡୀରେ ସନ୍ଧ୍ୟା"ରୁ କେତୋଟି ପଦ ଉଲ୍ଲେଖ କରୁଛି:-

ଆଜି ଯେ କୁଆଁର ପୁନିଅ, କେତେ ସୁଖ ଶରଧା
ମା' ଭଉଣୀଙ୍କ ଆଦର, ନବ ବସନ ପିନ୍ଧା ।
ଲୁଗାରେ ହଳଦୀ ଲଗାଇ, ଚାହିଁ ଥିବେ ଜନନୀ
ପିଠାପଣା ଖାଉ ନ ଥିବ ସୁଖେ ଆଜି ଭଗିନୀ ।
ପୁନିଅଁ କୁଆର ପୁଲକେ ଭରା ତଟିନି ମୁଖ
ମୃଦୁଳ-ଲହରୀ ହିଲୋଳେ ଚାରୁ ଚାନ୍ଦ ମୟୁଖ ।
ରହ ରହ ବା ବତାସି ରହ ବରଷା ଧାରା
କୁଆଁର ପୁନିଅ ହେଉରେ ଆଜି ରଜନୀ ସାରା ।
ମୂଷଳ ଧାରାରେ ଝଟିକା ଦିଏ କଚାଡ଼ି କେବେ
ଶୋଇ ପଡ଼ିଛ ତ ବାପା ହେ ଜାଣୁ ନଥିବ ଲବେ ।
ମୁହିଁ ଦିନେ ଶିଶୁ ଥିଲଇଁ ମନେ ପଡୁଛି ମୋର
ବସି ଶିଶୁମେଳେ ଦେଖନ୍ତି ଏ ବିଭବ ରୁଚିର ।

ବଉଳବେଣୀ ଗୀତର ମହତ୍ୱ

କୁମାରପୂର୍ଣ୍ଣିମା ରାତିରେ କୁମାରୀମାନେ ଏକାଠି ହୋଇ ବଉଳବେଣୀ ଗୀତ ଗାଇଥାନ୍ତି । ଏହି ଗୀତ ଉତ୍କଳୀୟ ଲୋକଗୀତ ପରମ୍ପରାର ଏକ ପ୍ରମୁଖ ଅଙ୍ଗ । ଏ ସବୁ ଗୀତର ଗୀତିକାର ହେଉଛନ୍ତି କୁମାରୀମାନେ । ଯୁଗ ଯୁଗ ଧରି ପିଢ଼ି ପରେ ପିଢ଼ିକୁ ଏହା ପ୍ରସାରିତ ହୋଇ ଚାଲିଛି । ଆଉ ସମୟ ସହିତ ତାଳଦେଇ ନୂଆ ନୂଆ ପଦମାନ ଏଥିରେ ସଂଯୋଜିତ ହୋଇଛି । ଏହି ଗୀତରେ ଛନ୍ଦୋକ୍ତି ଓ ବକ୍ରଉକ୍ତିରେ ଗ୍ରାମ୍ୟ ଜୀବନର କଥା ଉପକଥା ବର୍ଣ୍ଣିତ ହୋଇଥାଏ । ଏହା ଆନନ୍ଦ ଦାୟକ । କେବଳ ଏକ ଚଟୁଳ ଓ ମଧୁର ଆବେଗକୁ ନେଇ ଏହା ଗାନ କରାଯାଏ । କେତୋଟି ପଦ-

କୁଆଁର ପୁନେଇ ଜହ୍ନଗୋ ଫୁଲ ବଉଳବେଣୀ
କୁଆଁରୀମାନେ ଯେ ପୁଚି ଖେଳୁଛନ୍ତି
ଝୁଣ୍ଟିଆ ଶବଦ ଶୁଣଗୋ ଫୁଲ ବଉଳବେଣୀ ।
କୃଷ୍ଣ ଯେତେବେଳେ ଜନମ ହୋଇଲେ
କୁଆଁ କୁଆଁ ରାବ ଦେଇଗୋ ଫୁଲ ବଉଳବେଣୀ
ଯଶୋଦା ଦୁଃଖ ସଙ୍ଖାଳିଗୋ ଫୁଲ ବଉଳବେଣୀ
କେତେ କଉତୁକ ଗୋପ କଟକରେ
କରୁଛନ୍ତି ବନମାଳୀଗୋ ଫୁଲ ବଉଳବେଣୀ ।
କୁଆଁର ପୁନେଇଁ ଜହ୍ନଗୋ ଫୁଲ ବଉଳବେଣୀ
ଆଡ଼ରୁଷା ଦେଇ ବସିଛି ବଉଳ
ଆଖିରୁ ବହୁଛି ପାଣିଗୋ ଫୁଲ ବଉଳବେଣୀ ।

କୁଆଁପୂର୍ଣ୍ଣିମାକୁ ନେଇ ଓଡ଼ିଆ ଲୋକ ସାହିତ୍ୟ ଜୀବନ୍ତ ଓ ରସାଳ । ତେବେ ଆଧୁନିକତାର ଚାକଚକ୍ୟରେ ମଗ୍ନ ଯୁବପିଢ଼ି ପୁରାତନ ସଂସ୍କୃତିରୁ ମୁହଁ ଫେରେଇ ନେବା ଦୁଃଖଦାୟକ । କୁମାରପୂର୍ଣ୍ଣିମାର ସାଂସ୍କୃତିକ ବିଭବକୁ ସୁରକ୍ଷା ଦେଇ ସମାଜରେ ଭ୍ରାତୃଭାବ ପ୍ରତିଷ୍ଠା କରିବାକୁ ହେବ । କୁମାରୋତ୍ସବ ସଂଗଠନ ଗଠନ କରାଯାଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହି ଉତ୍ସବ ପାଳନ କରାଯାଉଛି ସତ, ମାତ୍ର ଲୋକଗୀତ ସବୁର ଅଧିକ ପ୍ରଚାର ଓ ପ୍ରସାର ଆବଶ୍ୟକତା ରହିଛି ।

ମାସକୁ ଲକ୍ଷେ ଦରମା
ତଥାପି ଚଲାଉଛନ୍ତି ରାପିଡୋ ବାଇକ୍ !

ଭଲ ଚାକିରି, ମୋଟା ଅଙ୍କର ଦରମା ଏବଂ ନିଜର ସ୍ପୋର୍ଟସ୍ ବାଇକ୍। ସାଧାରଣତଃ ଏଭଳି ଜୀବନ ଥିଲେ ଲୋକେ ଛୁଟିଦିନରେ ବୁଲାବୁଲି କିମ୍ବା ଆରାମ କରିବାକୁ ପସନ୍ଦ କରନ୍ତି। କିନ୍ତୁ ମହାରାଷ୍ଟ୍ରର ପୁଣେରେ ରହୁଥିବା ଦୁଇ ଜଣ ସଫ୍ଟୱେର ଇଞ୍ଜିନିୟର ଏକ ଭିନ୍ନ ରାସ୍ତା ବାଛିଛନ୍ତି। ବଡ଼ କମ୍ପାନିରେ ଚାକିରି କରି ବାର୍ଷିକ ପ୍ରାୟ ୧୨ ଲକ୍ଷ ଟଙ୍କା ଦରମା ପାଉଥିବା ଏହି ଯୁବକମାନେ ସପ୍ତାହାନ୍ତରେ ରାପିଡୋ ବାଇକ୍ ? ଟ୍ୟାକ୍ସି ଚଳାଇ ଚର୍ଚ୍ଚାକୁ ଆସିଛନ୍ତି। ସୋସିଆଲ ମିଡିଆରେ ସେମାନଙ୍କ ଏହି ଅଜବ ସଉକ୍‌କୁ ନେଇ ଜୋରଦାର ଆଲୋଚନା ଚାଲିଛି।

କାହିଁକି ରାପିଡୋ ଚଳାଇବାକୁ ନିଷ୍ପତ୍ତି ନେଲେ ?

ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୁଣେର ଜଣେ ସଫ୍ଟୱେର ଡେଭଲପର ନନ୍ଦକିଶୋର ନିଜର ଦୁଇ ରୁମ୍‌ମେଟ୍‌ଙ୍କ ବିଷୟରେ ଏକ ପୋଷ୍ଟ କରିଥିଲେ। ଉଭୟ ଭଲ ଦରମା ପାଉଥିବା ସତ୍ତ୍ୱେ ଗତ ସପ୍ତାହାନ୍ତରେ ମନୋରଞ୍ଜନ ପାଇଁ ରାପିଡୋ ବାଇକ୍ ଟ୍ୟାକ୍ସି ସେବାରେ ନିଜ ନାମ ପଞ୍ଜୀକରଣ କରିଥିଲେ। ଦୁହିଁଙ୍କ ପାଖରେ ଦାମୀ ସ୍ପୋର୍ଟସ୍ ବାଇକ୍ ମଧ୍ୟ ରହିଛି। କିଛି ନୂଆ ଅନୁଭୂତି ହାସଲ କରିବା ଓ ନିଜର ଖାଲି ସମୟକୁ ଭିନ୍ନ ଢଙ୍ଗରେ ବିତାଇବା ପାଇଁ ସେମାନେ ଏହି ପଦକ୍ଷେପ ନେଇଥିବା ପୋଷ୍ଟରୁ ଜଣାପଡ଼ିଛି।

ଦୁଇ ସଫ୍ଟୱେର ଇଞ୍ଜିନିୟରଙ୍କ ଅଜବ ସଉକ୍

ନନ୍ଦକିଶୋରଙ୍କ ପୋଷ୍ଟ ଅନୁଯାୟୀ, ରାପିଡୋ ଚଳାଇ ଜଣେ ଇଞ୍ଜିନିୟର ପ୍ରାୟ ୯୦୦ ଟଙ୍କା ରୋଜଗାର କରିଥିବା ବେଳେ ଅନ୍ୟ ଜଣଙ୍କ ଆୟ ପ୍ରାୟ ୫୦୦ ଟଙ୍କା ହୋଇଥିଲା। ଅନ୍ୟ ଏକ ରିପୋର୍ଟରେ ଜଣେ ଇଞ୍ଜିନିୟରଙ୍କ ଦିନକର ଆୟ ୯୨୯ ଟଙ୍କାରୁ ଅଧିକ ବୋଲି ଉଲ୍ଲେଖ ରହିଛି। ତେବେ ଏହି ରୋଜଗାର ସେମାନଙ୍କର ଗୋଟିଏ ଦିନର ଅନୁଭୂତି ସମ୍ପର୍କିତ ତଥ୍ୟ। ଏହାକୁ ରାପିଡୋ ଚାଳକଙ୍କ ସାଧାରଣ ଦୈନିକ ଆୟ ବୋଲି ଧରିନେବା ଠିକ୍ ହେବ ନାହିଁ।

ସୋସିଆଲ ମିଡିଆରେ ମିଳୁଛି ଭିନ୍ନ ଭିନ୍ନ ପ୍ରତିକ୍ରିୟା। ଏହି ପୋଷ୍ଟ ଭାଇରାଲ ହେବା ପରେ ଅନେକ ୟୁଜର ଇଞ୍ଜିନିୟରଙ୍କ ନିଆରା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। କେତେକ ଏହାକୁ ଅତିରିକ୍ତ ରୋଜଗାର ସହ ନୂଆ ଲୋକଙ୍କୁ ଭେଟିବାର ଏକ ଭଲ ଉପାୟ ବୋଲି କହିଛନ୍ତି। ଆଉ କେତେକଙ୍କ ମତରେ, ନିୟମିତ ଅଫିସ୍ କାମରୁ ଟିକେ ଭିନ୍ନ ଅନୁଭୂତି ପାଇବା ପାଇଁ ଏଭଳି ପ୍ରୟାସ କରିବା ଭଲ। ଅନ୍ୟପଟେ ଟ୍ରାଫିକ୍ ଓ ପ୍ରଦୂଷଣ ଭଳି ସମସ୍ୟା ଯୋଗୁଁ ଏପରି କାମ କରିବାକୁ କେତେକ ଲୋକ ଅନିଚ୍ଛା ପ୍ରକାଶ କରିଛନ୍ତି।

ଏହି ଘଟଣା ଏକ କଥା ସ୍ପଷ୍ଟ କରୁଛି ଯେ ସବୁ ଅତିରିକ୍ତ କାମ କେବଳ ଟଙ୍କା ରୋଜଗାର ପାଇଁ କରାଯାଏ ନାହିଁ। ବେଳେବେଳେ ନୂଆ କିଛି କରିବାର ଇଚ୍ଛା, ନିଜର ସଉକ୍ ଏବଂ ଭିନ୍ନ ଅନୁଭୂତି ହାସଲ କରିବାର ଆଗ୍ରହ ମଧ୍ୟ ଏହା ପଛରେ ଥାଏ। ପୁଣେର ଏହି ଦୁଇ ଇଞ୍ଜିନିୟରଙ୍କ ରାପିଡୋ ଯାତ୍ରା ଏବେ ସେହି କାରଣରୁ ଇଣ୍ଟରନେଟ୍‌ରେ ଚର୍ଚ୍ଚାର ବିଷୟ ପାଲଟିଛି।

କିଡ୍‌ନୀକୁ ସୁସ୍ଥ ରଖେ
ମେଥି

ମେଥିରେ ଅନେକ ନ୍ୟୁଟ୍ରିଏଣ୍ଟସ ରହିଥାଏ। ଏହାକୁ ରାତିରେ ଭିଜାଇ ଚୋବାଇ ଚୋବାଇ ଖାଇବା ଦ୍ୱାରା ଏବଂ ଏହାର ପାଣି ପିଇବା ଦ୍ୱାରା ମଧ୍ୟ ବ୍ୟକ୍ତିର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇଥାଏ। ଏଥିସହିତ ଏହା ମଧ୍ୟ ଆମକୁ ଗୁଡିଏ ରୋଗ କବଳରୁ ବଞ୍ଚାଇଥାଏ।

ମେଥିକୁ ପ୍ରତ୍ୟେକଦିନ ଭିଜାଇ ସକାଳୁ ତାର ପାଣି ପିଇ ସେହି ଭିଜା ମେଥିଦାନାକୁ ଖାଇବା ଯୋଗୁ ମଧ୍ୟ ବ୍ୟକ୍ତିର ପିତ୍ତ, ବାତ, କଫ ଏବଂ ଅଣ୍ଡାଜନିତ ସମସ୍ୟା ଆଦି ଦୂର ହୋଇଥାଏ। ସାଧାରଣତଃ ଆଇରନ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଟାସିୟମ୍, ସୋଡିୟମ୍, ଜିଙ୍କ, ଫସ୍‌ଫରସ୍, ଫଲିକ୍ ଏସିଡ୍ ଭଳି ମିନେରାଲ୍‌ସ ବ୍ୟତୀତ ଭିଟାମିନ୍ ଏ,ବି,ସି ରହିଥାଏ ମେଥିରେ। ଏହାବ୍ୟତୀତ ଏଥିରେ ମଧ୍ୟ ଭରପୂର ମାତ୍ରାରେ ଫାଇବର୍ସ, ପ୍ରୋଟିନ୍, ଷ୍ଟାର୍ଚ, ସୁଗାର ଫସ୍‌ଫୋରିକ୍ ଏସିଡ୍ ଭଳି ନ୍ୟୁଟ୍ରିଏଣ୍ଟ ବି ରହିଥାଏ। ଏହାକୁ ଖାଇବା ଦ୍ୱାରା ଅନେକ ଫାଇଦା ମିଳିଥାଏ। ମେଥିଦାନା ଶରୀରରୁ ବିଷାକ୍ତ ଦ୍ରବ୍ୟ ବାହାର କରି କିଡ୍‌ନୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ମେଥି ଖାଇବା ଦ୍ୱାରା ଗ୍ୟାସ୍ଟ୍ରିକ୍ ସମସ୍ୟାରୁ ମୁକୁଳିଥାଏ। ଯାହାକି ବ୍ୟକ୍ତିକୁ ଛାତି ପୋଡ଼ାଜଳା ଏବଂ ଏସିଡିଟିଠାରୁ ମୁକ୍ତ କରିଥାଏ। ମେଥିଦାନାରେ ଭରି ରହିଥିବା ସାଲ୍ୟୁବଲ୍ ଫାଇବର୍ସ ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣ ରଖି ଡାଇବେଟିସ୍‌ର ସମସ୍ୟାଠାରୁ ବ୍ୟକ୍ତିକୁ ରକ୍ଷା କରିଥାଏ। ମେଥିଦାନାରେ ଭରି ରହିଥିବା ଗେଲାକ୍ଟୋମେନନ୍ ଏବଂ ପୋଟାସିୟମ୍ ବ୍ୟକ୍ତିର ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ ଏବଂ ହୃଦ୍‌ଘାତ ହେବାରୁ ବଞ୍ଚାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ତେବେ ଭିଜାଯାଇଥିବା ମେଥିକୁ ଖାଇବା ଯୋଗୁ ବ୍ୟକ୍ତିର ହଜମ ପ୍ରକ୍ରିୟାଟି ସହଜ ହୋଇଥାଏ।

ଏତଦ୍‌ବ୍ୟତୀତ ମେଥିଦାନା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାର କରି ତ୍ୱଚାକୁ ସୁସ୍ଥ ରଖିଥାଏ। ଯାହାଦ୍ୱାରା

ବ୍ରଣ ଓ ଦାଗ ଇତ୍ୟାଦି ସମସ୍ୟା ଆଦିରୁ ବ୍ୟକ୍ତିକୁ ମୁକ୍ତି ମିଳିଥାଏ। ପ୍ରତ୍ୟେକଦିନ ମେଥି ଖାଇବା ଯୋଗୁ କେଶ ଶୀଘ୍ର ଧଳା ହୁଏନି ବରଂ ଘନ ଏବଂ କଳା ହୋଇଥାଏ। ଏହା ସହିତ କେଶ ଝଡ଼ିବା ମଧ୍ୟ ବନ୍ଦ ହୋଇଥାଏ। ମେଥି ସେବନ ଯୋଗୁ ବ୍ୟକ୍ତିକୁ ବହୁତ ଥର ପରିସ୍ରା ଲାଗିବା ବା ପରିସ୍ରା ସଂକ୍ରମଣ ଭଳି ସମସ୍ୟାଠାରୁ ମଧ୍ୟ ମୁକ୍ତି ମିଳିଥାଏ।



ଜଳବାୟୁ ସଙ୍କଟର ସଙ୍କେତ ପାଲଟିଛି ପଫିନ ପକ୍ଷୀ

ବିଶ୍ୱ ଜଳବାୟୁ ପରିବର୍ତ୍ତନର ସବୁଠାରୁ ଭୟଙ୍କର ପ୍ରଭାବ ଏବେ ସୁଦୂର ସମୁଦ୍ରର ସବୁଠାରୁ ଆକର୍ଷଣୀୟ ଓ ରଙ୍ଗିନ ପକ୍ଷୀ 'ଆଟ୍‌ଲାଣ୍ଟିକ ପଫିନ' ଉପରେ ଦେଖିବାକୁ ମିଳିଛି। ଯଦି ବିଶ୍ୱ ତାପମାତ୍ରା ଏବଂ ଅଙ୍ଗାରକାମ୍ଳ ନିର୍ଗମନ ଏହିଭଳି ଭାବେ ଅନିୟନ୍ତ୍ରିତ ହୋଇ ବଢ଼ି ଚାଲେ, ତେବେ ୨୦୫୦ ସୁଦ୍ଧା ବ୍ରିଟେନ ଏବଂ ଆୟରଲ୍ୟାଣ୍ଡରେ ପଫିନ ପକ୍ଷୀଙ୍କ ସଂଖ୍ୟା ପ୍ରାୟ ୮୯% ପର୍ଯ୍ୟନ୍ତ ହ୍ରାସ ପାଇପାରେ। ବିଶ୍ୱର ପ୍ରାୟ ୧୧,୦୦୦ ପକ୍ଷୀ ପ୍ରଜାତି ଜଳବାୟୁ ସଙ୍କଟର ସାମ୍ନା କରୁଥିବା ବେଳେ ସାମୁଦ୍ରିକ ପକ୍ଷୀମାନଙ୍କ ଉପରେ ଏହାର ପ୍ରଭାବ ସବୁଠାରୁ ଭୟଙ୍କର ହୋଇଛି। ଗବେଷକଙ୍କ ମତରେ ୨୦୫୦ ସୁଦ୍ଧା ବିଶ୍ୱରୁ ପ୍ରାୟ ୧୦ ରୁ ୯ ପଫିନ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି ।ଚ ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ରର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଫଳରେ ପଫିନମାନଙ୍କର ମୁଖ୍ୟ ଖାଦ୍ୟ 'ସାଣ୍ଡ ଇଲ' ଭଳି ମାଛମାନେ ପ୍ରଜନନ କ୍ଷେତ୍ର ଛାଡ଼ି ଶୀତଳ ଜଳ ଅଭିମୁଖେ ଚାଲିଯାଉଛନ୍ତି। ଖାଦ୍ୟ ଅନ୍ୱେଷଣରେ ପଫିନମାନଙ୍କୁ ବହୁ ଦୂରକୁ ଯିବାକୁ ପଡୁଛି, ଯାହା ସେମାନଙ୍କ ଛୁଆମାନଙ୍କ ବଞ୍ଚିବା ସମ୍ଭାବନାକୁ ହ୍ରାସ କରୁଛି। କେବଳ ସେତିକି ନୁହେଁ, ସମୁଦ୍ରରେ ବାରମ୍ବାର ଆସୁଥିବା ଭୟଙ୍କର ବାତ୍ୟା ଯୋଗୁ ବିଗତ ଶୀତଦିନେ ପ୍ରାୟ ୨୦,୦୦୦ରୁ ଅଧିକ ସାମୁଦ୍ରିକ ପକ୍ଷୀ (ଯେଉଁଥିରେ ଅଧିକାଂଶ ପଫିନ) ଫ୍ରାନ୍ସ, ସ୍ପେନ, ପର୍ତ୍ତୁଗାଲ, କର୍ନୱାଲ ଓ ସ୍କଟଲାଣ୍ଡର ଉପକୂଳରେ ମୃତ ଅବସ୍ଥାରେ ମିଳିଛନ୍ତି। ଆରଏସପିବିର ବରିଷ୍ଠ ସାମୁଦ୍ରିକ ଅଧିକାରୀ ସାମୁଏଲ ରୋବେଲ ଏହାକୁ ବିଗତ ଏକ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ଼ 'ସୀବର୍ଡ ରେକ' ବୋଲି କହିଛନ୍ତି। ଏହା ବ୍ୟତୀତ ସମୁଦ୍ରରେ ତେଲ ଓ ପ୍ଲାଷ୍ଟିକ ପ୍ରଦୂଷଣ ମଧ୍ୟ ଏହି ସଙ୍କଟକୁ ଦ୍ୱିଗୁଣିତ କରୁଛି।

ଥାଇଲାଣ୍ଡରେ ୧୨କୋଟି ବର୍ଷର ଡାଇନୋସର ପାଦଚିହ୍ନ ଠାବ

ଥାଇଲାଣ୍ଡରେ ଏକ ବିରଳ ପ୍ରାଗୈତିହାସିକ ଆବିଷ୍କାର ସାମ୍ନାକୁ ଆସିଛି। ଦେଶର ଉଡୋନ ଥାନି ପ୍ରଦେଶରେ ପ୍ରାୟ ୧୨ କୋଟି ବର୍ଷ ପୁରୁଣା ମାଂସାହାରୀ ଡାଇନୋସରର ପାଦଚିହ୍ନ ଠାବ ହୋଇଛି।

ଥାଇଲାଣ୍ଡରେ ଏକ ବିରଳ ପ୍ରାଗୈତିହାସିକ ଆବିଷ୍କାର ସାମ୍ନାକୁ ଆସିଛି। ଦେଶର ଉଡୋନ ଥାନି ପ୍ରଦେଶରେ ପ୍ରାୟ ୧୨ କୋଟି ବର୍ଷ ପୁରୁଣା ମାଂସାହାରୀ ଡାଇନୋସରର ପାଦଚିହ୍ନ ଠାବ ହୋଇଛି। ଥାଇଲାଣ୍ଡର ଖଣିଜ ସମ୍ପଦ ବିଭାଗ ଅକ୍ଟୋବର ୨୦, ୨୦୨୬ରେ ଏହି ଆବିଷ୍କାରକୁ ଆଧିକାରିକ ଭାବେ ନିଶ୍ଚିତ କରିଛି। ଏହା ଉତ୍ତର-ପୂର୍ବ ଥାଇଲାଣ୍ଡରେ ଚିହ୍ନଟ ହୋଇଥିବା ପ୍ରଥମ ଏଭଳି ପାଦଚିହ୍ନ ବୋଲି କୁହାଯାଉଛି।

ବାନ ଫୁ ଜିଲ୍ଲାର ଫୁ ଫ୍ରା ବାଟ ଅଞ୍ଚଳରେ ଏହି ପାଦଚିହ୍ନଗୁଡ଼ିକ ମିଳିଛି। ପିଚାଇ ପ୍ରାଥେତସେନା ନାମକ ଜଣେ ବ୍ୟକ୍ତି ପ୍ରଥମେ ଏହାକୁ ଦେଖିଥିଲେ। ପରେ ସମ୍ପୃକ୍ତ ବିଭାଗର ଅଧିକାରୀ ଓ ବିଶେଷଜ୍ଞଙ୍କ ଏକ ଦଳ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ। ବିସ୍ତୃତ ଅନୁଧ୍ୟାନ ପରେ ଏହି ଚିହ୍ନଗୁଡ଼ିକ ପ୍ରାୟ ୧୨୦ ନିୟୁତ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି।

ଚିହ୍ନଗୁଡ଼ିକ ପ୍ରାୟ ୧୨୦ ନିୟୁତ ବର୍ଷ ପୁରୁଣା

ବିଶେଷଜ୍ଞଙ୍କ ଅନୁସାରେ, ବାଲିପଥର ଉପରେ ମୋଟ ୬ଟି ପାଦଚିହ୍ନ ରହିଛି। ପ୍ରତ୍ୟେକ ପାଦଚିହ୍ନର ଲମ୍ବ ପ୍ରାୟ ୨୯ ସେଣ୍ଟିମିଟର ଏବଂ ଓସାର ୨୬ ସେଣ୍ଟିମିଟର। ଏଥିରେ ତିନୋଟି ଲେଖାଏଁ ତୀକ୍ଷ୍ଣ ଆଙ୍ଗୁଠିର ଚିହ୍ନ ସ୍ପଷ୍ଟ ଦେଖିବାକୁ ମିଳିଛି। ଏହି ଚିହ୍ନଗୁଡ଼ିକ ଥେରୋପଡ୍ (ଥେରୋପଡ୍) ଗୋଷ୍ଠୀର ମାଂସାହାରୀ ଡାଇନୋସରର ବୋଲି ବୈଜ୍ଞାନିକମାନେ ଚିହ୍ନଟ କରିଛନ୍ତି। ଏହି ଡାଇନୋସର ଦୁଇଟି ପଛ ଗୋଡ଼ରେ ଚାଲୁଥିଲେ।

ପାଦଚିହ୍ନର ଆକାରକୁ ଆଧାର କରି ଡାଇନୋସରର ଶରୀର ସମ୍ପର୍କରେ ମଧ୍ୟ ଆକଳନ କରାଯାଇଛି। ବୈଜ୍ଞାନିକଙ୍କ ଅନୁମାନ ଅନୁସାରେ, ଏହାର ଅଣ୍ଟା ପର୍ଯ୍ୟନ୍ତ ଉଚ୍ଚତା ପ୍ରାୟ ୧.୪୨ ମିଟର ଏବଂ ମୋଟ ଶରୀରର ଲମ୍ବ ପ୍ରାୟ ୬.୩ ମିଟର ହୋଇଥାଇପାରେ। ଥାଇଲାଣ୍ଡରେ ପୂର୍ବରୁ ଆବିଷ୍କୃତ ସିଆମୋଟାଇରାନସ୍ ଇସାନେନସିସ୍ (ସିଆମୋଟାଇରାନସ୍ ଇସାନେନ୍ସିସ୍) ନାମକ ଡାଇନୋସରର ଆକାର ସହ ଏହାର ସାମଞ୍ଜସ୍ୟ ରହିଛି। ତେବେ କେଉଁ ପ୍ରଜାତିର ଡାଇନୋସର ଏହି ପାଦଚିହ୍ନ ଛାଡ଼ିଥିଲା, ତାହାର ଅଧିକ ଅଧ୍ୟୟନ ଗୁରୁତ୍ୱପୂର୍ଣ୍ଣ।

ଏହି ଆବିଷ୍କାର ପରେ ସ୍ଥାନଟିର ସୁରକ୍ଷା ପାଇଁ ଥାଇଲାଣ୍ଡ ସରକାର ପଦକ୍ଷେପ ନେଉଛନ୍ତି। ପର୍ଯ୍ୟଟକଙ୍କ ଭିଡ଼ ଏବଂ ବର୍ଷାଜଳ ଦ୍ୱାରା ପାଦଚିହ୍ନଗୁଡ଼ିକ ନଷ୍ଟ ହେବାର ଆଶଙ୍କା ଥିବାରୁ ଏହାର ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି। ଭବିଷ୍ୟତରେ ଏହି ସ୍ଥାନକୁ ଭୂତତ୍ତ୍ୱ ଅଧ୍ୟୟନ, ବୈଜ୍ଞାନିକ ଗବେଷଣା ଏବଂ ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ଭାବେ ବିକଶିତ କରିବାକୁ ଯୋଜନା ରହିଛି। ଏହି ଆବିଷ୍କାର ପ୍ରାଚୀନ ଜୀବଜଗତ ଓ ପୃଥିବୀର ଇତିହାସ ସମ୍ପର୍କରେ ନୂଆ ତଥ୍ୟ ଜାଣିବାରେ ବୈଜ୍ଞାନିକଙ୍କୁ ସହାୟତା କରିବ।

ହାର୍ଟକୁ ରଖନ୍ତୁ ଫିଟ୍: କେବଳ ୩୦ ମିନିଟ୍

ବଦଳୁଥିବା ଜୀବନଶୈଳୀ ସାଙ୍ଗକୁ ବଢୁଛି ହୃଦ୍‌ରୋଗର ଆଶଙ୍କା। ଅନିୟମିତ ଖାଦ୍ୟାଭ୍ୟାସ, ଅତ୍ୟଧିକ ଚାପ, ଦୀର୍ଘ ସମୟ ବସି ରହିବା ଏବଂ ଶାରୀରିକ ପରିଶ୍ରମର ଅଭାବ ହାର୍ଟ ଉପରେ ପ୍ରଭାବ ପକାଉଛି। କେବଳ ବୟସ୍କ ନୁହନ୍ତି, ଯୁବପିଢ଼ି ମଧ୍ୟ ହୃଦ୍‌ରୋଗର ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ ହାର୍ଟକୁ ସୁସ୍ଥ ରଖିବା ପାଇଁ ନିୟମିତ ବ୍ୟାୟାମ କେତେ ଜରୁରୀ ଏବଂ ଦିନକୁ କେତେ ସମୟ ବ୍ୟାୟାମ କରିବା ଉଚିତ, ତାହା ଜାଣିବା ମଧ୍ୟ ଆବଶ୍ୟକ। ଜଣେ ସୁସ୍ଥ ବୟସ୍କ ବ୍ୟକ୍ତି ସପ୍ତାହକୁ ଅତି କମ୍‌ରେ ୧୫୦ ମିନିଟ୍ ମଧ୍ୟମ ଧରଣର ବ୍ୟାୟାମ କରିବା ଉଚିତ। ଅର୍ଥାତ୍ ସପ୍ତାହର ୫ ଦିନ ପ୍ରତିଦିନ ପ୍ରାୟ ୩୦ ମିନିଟ୍ ଶାରୀରିକ ପରିଶ୍ରମ କରିବା ହାର୍ଟ ପାଇଁ ଲାଭଦାୟକ।

ଅଧିକ ସମୟ ମିଳିଲେ ସପ୍ତାହକୁ ୩୦୦ ମିନିଟ୍ ପର୍ଯ୍ୟନ୍ତ ଶାରୀରିକ କାର୍ଯ୍ୟକଳାପ କରିହେବ। ଏଥିପାଇଁ ଜିମ୍ ଯିବା ଜରୁରୀ ନୁହେଁ। ଦ୍ରୁତ ଗତିରେ ଚାଲିବା, ସାଇକେଲ୍ ଚଳାଇବା, ସନ୍ତରଣ, ଡ୍ୟାନ୍ସ କରିବା କିମ୍ବା ହାଲୁକା ଜଗିଂ ଭଳି କାର୍ଯ୍ୟକଳାପ ମଧ୍ୟ କରିପାରିବେ।

ଯେଉଁମାନେ ନିୟମିତ ବ୍ୟାୟାମ କରୁନାହାନ୍ତି, ସେମାନେ ହଠାତ୍ ଅଧିକ ପରିଶ୍ରମ ନକରି ପ୍ରତିଦିନ ୨୦ରୁ ୩୦ମିନିଟ୍ ଦ୍ରୁତ ଗତିରେ ଚାଲିବାରୁ ଆରମ୍ଭ କରିପାରିବେ। ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି ରହିବା ମଧ୍ୟ ଏଡ଼ାଇବା ଦରକାର। ମଝିରେ ମଝିରେ ଉଠି କିଛି ସମୟ ଚାଲିବା ମଧ୍ୟ ଶରୀର ପାଇଁ ଲାଭଦାୟକ।

ହାର୍ଟକୁ ସୁସ୍ଥ ରଖିବା ପାଇଁ ଘଣ୍ଟା ଘଣ୍ଟା ଧରି ବ୍ୟାୟାମ କରିବା ଜରୁରୀ ନୁହେଁ। ନିୟମିତ ଭାବେ ସକ୍ରିୟ ରହିବା ହିଁ ସବୁଠାରୁ ବଡ଼ କଥା। ପ୍ରତିଦିନ ମାତ୍ର ୩୦ ମିନିଟ୍ ଦ୍ରୁତ ଗତିରେ ଚାଲିବା ଭଳି ସରଳ ଅଭ୍ୟାସ ମଧ୍ୟ ଦୀର୍ଘ ସମୟରେ ହାର୍ଟର ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇପାରେ।

ବାମ୍ବୋ ଲେଡି ମିନାକ୍ଷୀ

୭୦ଦିନର ତାଲିମ ପରେ ମିନାକ୍ଷୀ ଏହି କାମକୁ ଏତେ ପସନ୍ଦ କଲେ ଯେ ସେ ଏଥିରେ ବ୍ୟବସାୟ କରିବାକୁ ସ୍ଥିର କରିଥିଲେ। ଟ୍ରେନିଂ ସମୟରେ ତାଙ୍କ ହ୍ୟାଣ୍ଡଟୁଲ୍ କିଟ୍ ଦିଆଯାଇଥିଲା। ତେଣୁ ସେ ମାତ୍ର ୫୦ ଟଙ୍କା ଦେଇ ବାଉଁଶ କିଣିଥିଲେ ଏବଂ ପ୍ରଥମ ଉତ୍ପାଦ ପ୍ରସ୍ତୁତ କରିଥିଲେ। ମିନାକ୍ଷୀ ପୂର୍ବରୁ କଳା ଏବଂ ହସ୍ତଶିଳ୍ପରେ ପାରଦର୍ଶୀ ଥିଲେ ଏବଂ ତାଙ୍କ ବ୍ୟାବସାୟିକ ଧାରଣା ମଧ୍ୟ ଥିଲା।

ମହାରାଷ୍ଟ୍ର ଚନ୍ଦ୍ରପୁରର ମିନାକ୍ଷୀ ୱାଲକେ ଏକଦା ଜଣେ ଗୃହିଣୀ ଥିଲେ। ପରିସ୍ଥିତିରେ ପଡି କାମ ଆରମ୍ଭ କରିଥିବା ମିନାକ୍ଷୀ ଏବେ ଜଣେ ସଫଳ ବ୍ୟବସାୟୀ। ମାତ୍ର ଚାରିବର୍ଷ ମଧ୍ୟରେ ସେ ନିଜ କାମକୁ ଏକ ସଫଳ ବ୍ୟବସାୟରେ ପରିଣତ କରିବା ସହିତ ନିଜର ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିପାରିଛନ୍ତି। ଏଥିସହ ସେ ୨୦ଜଣ ମହିଳାଙ୍କୁ ସ୍ୱାବଲମ୍ବୀ ମଧ୍ୟ କରାଇଛନ୍ତି। ସେମାନେ ବାଉଁଶରୁ ବିଭିନ୍ନ ଉତ୍ପାଦ ତିଆରି କରନ୍ତି ଏବଂ ଏହାକୁ ଦେଶ ତଥା ବିଦେଶରେ ବିକ୍ରି କରନ୍ତି। ବାଉଁରୁ ପାରମ୍ପରିକ ଜିନିଷ ତିଆରି କରିବା ସହିତ, ସେଥିରେ ଅନେକ ପ୍ରକାରର ନୂଆ ଜିନିଷ ମଧ୍ୟ ତିଆରି କରନ୍ତି। ଏହି କାରଣରୁ ଲୋକମାନେ ତାଙ୍କର ଉତ୍ପାଦକୁ ବହୁତ ପସନ୍ଦ କରନ୍ତି। ୨୯ବର୍ଷୀୟ ମିନାକ୍ଷୀ ବାମ୍ବୋ ଲେଡି ନାମରେ ଜଣାଶୁଣା।

ମିନାକ୍ଷୀ ୨୦୧୪ ମସିହାରେ ବିବାହ କରିଥିଲେ। ଏହାପରେ ସେ ଦୁଇବର୍ଷ ପର୍ଯ୍ୟନ୍ତ ଗୃହିଣୀ ଭାବରେ ଘରର ଯତ୍ନ ନେଇଥିଲେ। କିନ୍ତୁ ପୁଅ ଅଭିସାରର ଜନ୍ମ ପରେ ସ୍ୱାମୀଙ୍କ ପକ୍ଷେ ଘର ଚଳାଇବା ଟିକେ କଷ୍ଟସାଧ୍ୟ ହୋଇପଡିଥିଲା। ତେଣୁ ସ୍ୱାମୀଙ୍କୁ ଆର୍ଥିକ କ୍ଷେତ୍ରରେ ସମର୍ଥନ କରିବା ପାଇଁ ମିନାକ୍ଷୀ ଘରୁ ଉଚ୍ଚ କାର୍ଭିଂ (ବାଉଁଶରୁ ବିଭିନ୍ନ ଜିନିଷ ପ୍ରସ୍ତୁତ କରିଥିଲେ)। କିନ୍ତୁ ୨୦୧୮ରେ ପ୍ରସବ ସମୟରେ ଝିଅକୁ ହରାଇ୍‌ବା ପରେ ମିନାକ୍ଷୀ କାମ ବନ୍ଦ କରିଦେଲେ। ଅତ୍ୟଧିକ କାମ ହେତୁ ସେ ଝିଅଙ୍କୁ ହରାଇଛନ୍ତି ବୋଲି ଅନୁଭବ କରି କାମରୁ ମୁହଁ ଫେରାଇ ନେଇଥିଲେ ମିନାକ୍ଷୀ ଏବଂ ଧୀରେ ଧୀରେ ସେ ଡିପ୍ରେସନକୁ ଯିବାକୁ ଲାଗିଲେ। ଡିପ୍ରେସନରୁ ବାହାର କରିବା ଲାଗି ତାଙ୍କ ସ୍ୱାମୀ ପୁଣି ଥରେ କାମ ଆରମ୍ଭ କରିବା ଉପରେ ଜୋର ଦେଇଥିଲେ। ଏହି ସମୟରେ ତାଙ୍କ ଘର ନିକଟରେ ବନ ବିଭାଗ ପକ୍ଷରୁ ଏକ ତାଲିମ କେନ୍ଦ୍ର ଖୋଲାଯାଇଥିଲା, ଯେଉଁଥିରେ ୭୦ଦିନ ପର୍ଯ୍ୟନ୍ତ ବାମ୍ବୋ ଆର୍ଟ ବା ବାଉଁଶରେ ବିଭିନ୍ନ ପ୍ରକାର ଜିନିଷ ତିଆରି କରିବାର ତାଲିମ ଦିଆଯାଉଥିଲା। ଯଦିଓ ମିନାକ୍ଷୀ ଏହି କାମ ପୂର୍ବରୁ ଜାଣିଥିଲେ, କିନ୍ତୁ ତାଙ୍କ ପାଖରେ ଏହାର ସାର୍ଟିଫିକେଟ ନଥିଲା। ତେଣୁ ସେ ଏହି ତାଲିମ ନେବାକୁ ସ୍ଥିର କଲେ। ସେତେବେଳେ ତାଙ୍କ ପୁଅକୁ ମାତ୍ର ଦୁଇବର୍ଷ ବୟସ ହୋଇଥିଲା।

ତେଣୁ ସେ ଘରୁ କାମ କରିବା ଆରମ୍ଭ କରିଥିଲେ। ଧୀରେ ଧୀରେ ସେ କିଛି ଅର୍ଡର ପାଇବା ଆରମ୍ଭ କଲେ। ଏହି ସମୟରେ ସେ ନାଗପୁରରେ ସରକାରଙ୍କ ଦ୍ୱାରା ଆୟୋଜିତ ଏକ ମେଳାରେ ଭାଗ ନେଇଥିଲେ। ଯେତେବେଳେ ସେ ତାଙ୍କ ଉତ୍ପାଦକୁ ଏଠାରେ ବିକ୍ରି ଲାଗି ଆଣିଥିଲେ, ଲୋକମାନେ ଏହାକୁ ବହୁତ ପସନ୍ଦ କରିଥିଲେ।

ଏହାପରେ ସେ ନିଜ କ୍ରିଏଟିଭ ଲଗାଇ ବାଉଁଶରେ ଅନେକ ସାଜସଜ୍ଜା ସାମଗ୍ରୀ ତିଆରି କରିବା ଆରମ୍ଭ କଲେ। ବଜାରରେ ଯାହା ଉପଲବ୍ଧ ତାହାଠାରୁ ସେ କିଛି ଅଲଗା କରିବାକୁ ଚେଷ୍ଟା କରିଥିଲେ। ୨୦୧୯ରେ ବିଶ୍ୱସ୍ତରୀୟ ମିସ୍ କ୍ଲାଇମେଟ ପ୍ରତିଯୋଗିତା ପାଇଁ ଆୟୋଜକମାନେ ଏକ ପରିବେଶ ଅନୁକୂଳ କ୍ରାଉନ ତିଆରି କରିବାକୁ ଜଣେ କଳାକାର ଖୋଜୁଥିଲେ। ଏହି ସମୟରେ ମିନାକ୍ଷୀ ସେମାନଙ୍କୁ ସମ୍ପର୍କ କରିଥିଲେ ଏବଂ ବାଉଁଶରୁ ୧୬ଟି ସୁନ୍ଦର କ୍ରାଉନ ତିଆରି କରିଥିଲେ। ଆୟୋଜକମାନେ ତାଙ୍କ କାର୍ଯ୍ୟକୁ ଏତେ ପସନ୍ଦ କରିଥିଲେ ଯେ ସେମାନେ ତାଙ୍କୁ ପ୍ରତିଯୋଗିତାକୁ ନିମନ୍ତ୍ରଣ କରି ସମ୍ମାନିତ କରିଥିଲେ। ଏହାପରେ ମିନାକ୍ଷୀ ଏକ ନୂତନ ପରିଚୟ ପାଇଲେ। ସେ ବାଉଁଶରୁ କ୍ୟୁଆର୍ କୋଡ ସ୍କାନର, ତୋରଣ, ରାକ୍ଷୀ, ଫ୍ରେଣ୍ଡସିପ୍ ବ୍ୟାଣ୍ଡ ଭଳି ଅନେକ ଜିନିଷ ତିଆରି କରନ୍ତି। ମିନାକ୍ଷୀଙ୍କ ସହ ବର୍ତ୍ତମାନ ୨୦ଜଣ ମହିଳା କାମ କରୁଛନ୍ତି। ଏଥିସହ ସେ ୨୦୦ ମହିଳାଙ୍କୁ ବାଉଁଶ ଉତ୍ପାଦ ତିଆରି କରିବାକୁ ତାଲିମ ମଧ୍ୟ ଦେଉଛନ୍ତି।

ବେଲପତ୍ର

ଆପଣ ବେଲପତ୍ର ଖାଆନ୍ତି କି ? ଏହା ଶରୀର ପାଇଁ କେତେ ଲାଭଦାୟକ ଜାଣିଛନ୍ତି କି ? ତେବେ ପ୍ରତ୍ୟେକ ଦିନ ଖାଆନ୍ତୁ ବେଲପତ୍ର ନିୟନ୍ତ୍ରଣରେ ରହିବ ବିପି ଓ ମଧୁମେହ।

ଏହି ଗଛରେ ସାମାନ୍ୟ ତିକ୍ତ ସ୍ୱାଦ ସହିତ ଏକ ବେଲ ଫଳ ମଧ୍ୟ ମିଳିଥାଏ। ପୁରାଣ ଓ ବେଦ ଅନୁଯାୟୀ ବେଲପତ୍ର ଧାର୍ମିକ, ଔଷଧୀୟ ଓ ସାଂସ୍କୃତିକ ଗୁରୁତ୍ୱ ରହିଛି। ବେଲ ଏକ ନିଆରା ଗଛ। ଏହାର ଅନେକ ଔଷଧୀୟ ଗୁଣ ରହିଛି। ଏହି ଫଳଗୁଡିକରେ ଭିଟାମିନ୍ ଓ ମିନେରାଲ୍ସ ଭରପୂର ରହିଥାଏ। ଭିଟାମିନ୍ ଏ, ସି, କ୍ୟାଲସିୟମ, ପୋଟାସିୟମ, ରାଇବୋଫ୍ଲାଭିନ୍, ଫାଇବର ଏବଂ ବି-୬, ବି-୧୨ ଓ ବି-୧ ରହିଛି। ଏହି ମିନେରାଲ୍ସ ଓ ଭିଟାମିନ୍ ଶରୀରର ବିକାଶ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହି ଗଛର ପତ୍ର ଓ ଫଳ ଖାଇବା ଦ୍ୱାରା ତିନୋଟି ରୋଗ ସନ୍ତୁଳିତ ହୋଇ ରହିଥାଏ। ଏହା ବ୍ୟତୀତ ନିୟମିତ ବ୍ୟବଧାନରେ ଏହି ବେଲ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ, ହୃଦ୍‌ଘାତ ଏବଂ କୋଲେଷ୍ଟ୍ରୋଲ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏହା ପୂର୍ବରୁ କଞ୍ଚା ବେଲ କଦଳୀ ଓ ଘିଅ ସହିତ ମିଶ୍ରିତ ହୋଇ ହାଡ ଉପରେ ପ୍ରୟୋଗ କରାଯାଉଥିଲା। ହିନ୍ଦୁ ଧର୍ମ ଅନୁଯାୟୀ ଭଗବାନ ଶିବଙ୍କ ଦ୍ୱାରା ପୂଜିତ ଏହି ପତ୍ର ଖାଇବା ଦ୍ୱାରା ଅନେକ ରୋଗରୁ ରକ୍ଷା ହୋଇପାରିବ। ଆୟୁର୍ବେଦରେ ଏହାର ମହତ୍ତ୍ୱ ରହିଛି। ପ୍ରତିଦିନ ଏହାର ପତ୍ର ଖାଇବା ଦ୍ୱାରା ବିପି ଓ ମଧୁମେହ ସମସ୍ୟାରୁ ମୁକ୍ତି ମିଳିଥାଏ। ଯଦି ଆପଣ ପତ୍ରକୁ ପାଣିରେ ଫୁଟାଇ ପିଅନ୍ତି, ତେବେ ଆପଣ ମଧୁମେହରୁ ମୁକ୍ତି ପାଇବେ। ଏହା ବ୍ୟତୀତ ବେଲ ସିରପ ପେଟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ।

ଅନେକ ରୋଗର ମୂଳପୋଛ କରିପାରେ ତେଜପତ୍ର

ରୋଷେଇ ଘରେ ଆମେ ବିଭିନ୍ନ ପ୍ରକାରର ମସଲା ବ୍ୟବହାର କରିଥାଉ। ସେଥିମଧ୍ୟରୁ ତେଜପତ୍ର ଅନ୍ୟତମ। ଏହା ହେଉଛି ସବୁଠାରୁ ଶକ୍ତିଶାଳୀ ମସଲା। ତେଜପତ୍ରର ସ୍ୱାଦ ଏବଂ ସୁଗନ୍ଧ ଯୋଗୁ ଏହା ରୋଷେଇରେ ଖୁବ୍ ଅଧିକ ବ୍ୟବହୃତ ହୁଏ। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ହଜମ ପାଇଁ ଏହା ଏକ ଔଷଧ ପରି କାମ କରେ। ଅନେକ ଗବେଷଣାରୁ ତେଜପତ୍ରର ଉପକାରିତା ବିଷୟରେ ଜାଣିବାକୁ ମିଳିଛି। ଏହି ପତ୍ରରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି କ୍ୟାନ୍‌ସର, ଆଣ୍ଟି ବ୍ୟାକ୍ଟେରିଆ ଏବଂ ଆଣ୍ଟି ଇନ୍‌ଫ୍ଲାମେଟୋରି ଗୁଣ ରହିଛି। ଅନେକ ପୁଷ୍ଟିକର ଉପାଦାନ ଥିବାରୁ ଏହି ପତ୍ର ସଂକ୍ରମଣ ଏବଂ ଉଚ୍ଚ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ। ରୋଷେଇ ବ୍ୟତୀତ ଆପଣ ଚା'ରେ ମଧ୍ୟ ଏହି ପତ୍ର ବ୍ୟବହାର କରିପାରିବେ। ମଧୁମେହ ରୋଗୀଙ୍କ ପାଇଁ ପତ୍ର ଖୁବ୍ ଉପକାରୀ। ଏହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବା ସହ ଏଥିରେ ଥିବା ପଲିଫେନୋଲ ରକ୍ତରେ ଶର୍କରା ଓ କୋଲେଷ୍ଟ୍ରୋଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ତେଜପତ୍ର କର୍କଟ ରୋଗର କୋଷଗୁଡିକ ବୃଦ୍ଧିକୁ ବନ୍ଦ କରିପାରେ। ଜୀବାଣୁ ଫୁସ୍‌ଫୁସ୍‌କୁ ଅଧିକ ଟାର୍ଗେଟ କରନ୍ତି, ଯାହା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜାଏ। ଯଦି ଆପଣଙ୍କର ନିଃଶ୍ୱାସ ନେବାରେ ଅସୁବିଧା ହେଉଛି ତ ତେଜପତ୍ର ପକାଇ ଫୁଟାପାଣି ପିଅନ୍ତୁ। ଅନେକ ଲୋକ ତେଜପତ୍ରକୁ ବ୍ୟବହାର କରି କେଶ ଝଡ଼ିବା ସମସ୍ୟାକୁ ବି ଏଡେଇ ପାରିଛନ୍ତି। ବିଶ୍ୱାସ କରାଯାଏ ଯେ ତେଜପତ୍ରରେ କେଶ ଧୋଇଲେ କେଶର ଚେର ମଜବୁତ୍ ହୋଇଥାଏ।



ମଣିଷଠୁ ଅଧିକ କଇଁଛ ଥିବା ଦେଶ

ଦେଶର ମୋଟ ମଣିଷଙ୍କ ସଂଖ୍ୟାଠାରୁ ୬୦,୦୦୦ ଅଧିକ। ସେସେଲ୍‌ସ ଆଇଲାଣ୍ଡସ୍ ଫାଉଣ୍ଡେସନ୍ ଓ ବ୍ରିଟେନ୍‌ର ଏକ୍ସେଟର ବିଶ୍ୱବିଦ୍ୟାଳୟର ଗବେଷକମାନେ ୨୦୧୮ରୁ ୨୦୨୨ ମଧ୍ୟରେ ସଂଗୃହୀତ ତଥ୍ୟ ଆଧାରରେ ଏହି ଆକଳନ କରିଛନ୍ତି। ଆଜି ଏହି ଦ୍ୱୀପରେ ଏତେ ସଂଖ୍ୟାରେ କଇଁଛ ଦେଖିବାକୁ ମିଳୁଥିଲେ ମଧ୍ୟ ଦିନେ ସେମାନଙ୍କ ଅସ୍ତିତ୍ୱ ବିପଦରେ ଥିଲା। ଊନବିଂଶ ଶତାବ୍ଦୀରେ ନାବିକମାନେ ଖାଦ୍ୟ ପାଇଁ ଏହି କଇଁଛଙ୍କୁ ଶିକାର କରୁଥିଲେ। ଫଳରେ

ଆଫ୍ରିକୀୟ ଦେଶ ସେସେଲସର ଆଲଡାବ୍ରା ଅଟୋଲ୍ ହେଉଛି ଭାରତ ମହାସାଗରରେ ଥିବା ଏକ ପ୍ରବାଳ ଦ୍ୱୀପପୁଞ୍ଜ। ଏଠାରେ ରହୁଥିବା 'ଅଲଡାବ୍ରା ଜାଏଣ୍ଟ ଟର୍ଟଏଜ୍' ପ୍ରଜାତିର ବିଶାଳ କଇଁଛଙ୍କ ସଂଖ୍ୟା ସେସେଲ୍ ?ସ ଦେଶର ମୋଟ ଜନସଂଖ୍ୟାକୁ ଟପିଯାଇଛି।

ଆଫ୍ରିକୀୟ ଦେଶ ସେସେଲ୍‌ସର ଆଲ୍ ଡାବ୍ରା ଅଟୋଲ୍ ହେଉଛି ଭାରତ ମହାସାଗରରେ ଥିବା ଏକ ପ୍ରବାଳ ଦ୍ୱୀପପୁଞ୍ଜ। ଏଠାରେ ରହୁଥିବା 'ଅଲ୍ ଡାବ୍ରା ଜାଏଣ୍ଟ ଟର୍ଟଏଜ୍' ପ୍ରଜାତିର ବିଶାଳ କଇଁଛଙ୍କ ସଂଖ୍ୟା ସେସେଲ୍‌ସ ଦେଶର ମୋଟ ଜନସଂଖ୍ୟାକୁ ଟପିଯାଇଛି। ଏହା ଦର୍ଶାଉଛି ଯେ ମଣିଷ ଯଦି ପ୍ରକୃତି ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଉଚିତ ପଦକ୍ଷେପ ନିଏ, ତେବେ ବିପନ୍ନ ପ୍ରଜାତିକୁ ବଞ୍ଚାଇ ରଖାଯାଇପାରିବ। ଗବେଷକଙ୍କ ଅନୁସାରେ, ଆଲଡାବ୍ରା ଅଟୋଲ୍‌ରେ ପ୍ରାୟ ୧ ଲକ୍ଷ ୮୩ ହଜାର ବିଶାଳ କଇଁଛ ଅଛନ୍ତି। ଅନ୍ୟପକ୍ଷରେ, ସେସେଲ୍‌ସର ମୋଟ ଜନସଂଖ୍ୟା ପ୍ରାୟ ୧ ଲକ୍ଷ ୨୩ ହଜାର। ଅର୍ଥାତ୍, କଇଁଛଙ୍କ ସଂଖ୍ୟା ସେମାନଙ୍କ ସଂଖ୍ୟା ୧୦୦୦ରୁ କମ୍ ହୋଇଯାଇଥିଲା।

ପରେ ଶିକାର ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଗଲା। ୧୯୮୨ ମସିହାରେ ଆଲଡାବ୍ରାକୁ ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳୀର ମାନ୍ୟତା ମିଳିଥିଲା। ଏହାଦ୍ୱାରା ଏହି ଅଞ୍ଚଳର ପ୍ରାକୃତିକ ପରିବେଶ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଗଲା। ଏହି ବିଶାଳ କଇଁଛମାନେ ମୁଖ୍ୟତଃ ଘାସ, ପତ୍ର ଓ ଅନ୍ୟାନ୍ୟ ଉଦ୍ଭିଦ ଖାଇ ବଞ୍ଚନ୍ତି। ଗଛପତ୍ର ଖାଇବା, ମାଟିରେ ମଞ୍ଜି ବିସ୍ତାର କରିବା ଓ ଦ୍ୱୀପର ପ୍ରାକୃତିକ ପରିବେଶକୁ ସନ୍ତୁଳିତ ରଖିବାରେ ଏମାନଙ୍କ ଭୂମିକା ରହିଛି। କଇଁଛଙ୍କ ସଂଖ୍ୟା ବଢ଼ିଥିଲେ ମଧ୍ୟ ସେମାନଙ୍କ ପାଇଁ ବିପଦ ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ଜଳବାୟୁ ପରିବର୍ତ୍ତନ, ଅତ୍ୟଧିକ ଗରମ, ଦୀର୍ଘ ମରୁଡ଼ି ଓ ଖାଦ୍ୟ ଅଭାବ ସେମାନଙ୍କ ଜୀବନକୁ ପ୍ରଭାବିତ କରିପାରେ। ତେଣୁ ସେମାନଙ୍କ ବାସସ୍ଥାନକୁ ସୁରକ୍ଷିତ ରଖିବା ଓ ନିୟମିତ ଭାବେ ସଂଖ୍ୟା ଉପରେ ନଜର ରଖିବା ଆବଶ୍ୟକ।

ଆପଣ ବାରମ୍ବାର ଅପମାନିତ ହେଉଛନ୍ତି କି ?

ଗୀତାରେ କ'ଣ କହିଛନ୍ତି ଭଗବାନ ଶ୍ରୀକୃଷ୍ଣ

ଜୀବନରେ ଅନେକ ସମୟରେ ଆମକୁ ଏପରି ପରିସ୍ଥିତିର ସାମ୍ନା କରିବାକୁ ପଡ଼େ, ଯେଉଁଠି କେହି ବାରମ୍ବାର ଅପମାନିତ କରନ୍ତି। ଏହା କର୍ମକ୍ଷେତ୍ର ହେଉ କି ପାରିବାରିକ ସମ୍ପର୍କ, ଏପରି ଆଚରଣ ମନରେ ଦୁଃଖ ଓ କ୍ରୋଧ ସୃଷ୍ଟି କରିଥାଏ। ତେବେ ଏଭଳି ସମୟରେ ରାଗିଯାଇ ତୁରନ୍ତ ପ୍ରତିକ୍ରିୟା ଦେବା ପରିବର୍ତ୍ତେ ଧୈର୍ଯ୍ୟ ଓ ବିବେକର ସହାୟତା ନେବା ଉଚିତ। ଭଗବଦ୍ ଗୀତାର ଏକ ଶ୍ଳୋକ ମଧ୍ୟ ଏହି ଶିକ୍ଷା ଦେଇଥାଏ।

ଗୀତାର ଶ୍ଳୋକ-

ଭଗବଦ୍ ଗୀତାର ଦ୍ୱିତୀୟ ଅଧ୍ୟାୟର ୬୩ତମ

ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କ୍ରୋଧର ପରିଣାମ ବିଷୟରେ ବୁଝାଇଛନ୍ତି।

"କ୍ରୋଧାଭବତି ସମ୍ମୋହଃ ସମ୍ମୋହାତ୍ସ୍ମୃତିବିଭ୍ରମଃ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ପ୍ରଣଶ୍ୟତି ?"

ଏହାର ଅର୍ଥ ହେଉଛି, କ୍ରୋଧରୁ ମୋହ ସୃଷ୍ଟି ହୁଏ, ମୋହରୁ ସ୍ମୃତିଭ୍ରମ ଏବଂ ସ୍ମୃତିଭ୍ରମରୁ ବୁଦ୍ଧିର ନାଶ ହୁଏ। ବୁଦ୍ଧି ନଷ୍ଟ ହେଲେ ମଣିଷର ପତନ ଘଟେ। ଅର୍ଥାତ୍, କ୍ରୋଧର ବଶବର୍ତ୍ତୀ ହୋଇ ମଣିଷ ଅନେକ ସମୟରେ ଭୁଲ୍ ନିଷ୍ପତ୍ତି ନେଇଥାଏ।

ଅପମାନିତ ହେଲେ କ'ଣ କରିବେ ?

କେହି ବାରମ୍ବାର ଅପମାନିତ କଲେ ପ୍ରଥମେ ନିଜକୁ ଶାନ୍ତ ରଖିବା ସହ ପରିସ୍ଥିତିକୁ ବୁଝିବା ଜରୁରୀ। ଆବଶ୍ୟକସ୍ଥଳେ ନିଜ ମତ ସ୍ପଷ୍ଟ ଭାବେ ରଖି ଅନ୍ୟ ବ୍ୟକ୍ତିଙ୍କୁ ତାଙ୍କ ଆଚରଣ ଗ୍ରହଣୀୟ ନୁହେଁ ବୋଲି ଜଣାଇବା ଉଚିତ। ଏହାସହ ଅପମାନଜନକ ବ୍ୟବହାର ଜାରି ରହିଲେ ସେହି ବ୍ୟକ୍ତିଙ୍କଠାରୁ ଦୂରତା ବଜାୟ ରଖିବା ଭଲ।ତେବେ ଶାନ୍ତ ରହିବାର ଅର୍ଥ ଅନ୍ୟାୟକୁ ସହିଯିବା ନୁହେଁ। ଆତ୍ମସମ୍ମାନ ବଜାୟ ରଖିବା ସହ ଧୈର୍ଯ୍ୟ ଓ ବିବେକର ସହାୟତାରେ ଉପଯୁକ୍ତ ପଦକ୍ଷେପ ନେବା ହିଁ ଭଗବଦ୍ ଗୀତାର ଏହି ଶିକ୍ଷାର ମୁଖ୍ୟ ସନ୍ଦେଶ

ସାରା ଭାରତରେ ଚର୍ଚ୍ଚାରେ 'ଲୋହିତାକ୍ଷ'

ଓଡ଼ିଆ ପ୍ରତିଭାର ନୂଆ ପରିଚୟ



ଭୁବନେଶ୍ୱର: ଓଡ଼ିଶା ନିଶବ୍ଦ: ଭୂପିନ୍ଦର ସିଂଙ୍କ ନିର୍ଦ୍ଦେଶିତ ହିନ୍ଦୀ ଚଳଚ୍ଚିତ୍ର 'ଲୋହିତାକ୍ଷ' ଅକ୍ଟୋବର ୨୩ରେ ସାରା ଭାରତରେ ମୁକ୍ତିଲାଭ କରିବା ପରେ ଚର୍ଚ୍ଚାରେ ରହିଛି। ଏହି ଚଳଚ୍ଚିତ୍ର ମାଧ୍ୟମରେ ଜଣେ ଓଡ଼ିଆ ପ୍ରତିଭା ହିନ୍ଦୀ ସିନେମା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ପ୍ରୟାସ କରିଛନ୍ତି। ଓଡ଼ିଶାର କଳା ଓ ପ୍ରତିଭାକୁ ଜାତୀୟ ସ୍ତରରେ ପହଞ୍ଚାଇବା ଦିଗରେ ଏହି ଚଳଚ୍ଚିତ୍ର ଏକ ଉଲ୍ଲେଖନୀୟ ପଦକ୍ଷେପ।

'ଲୋହିତାକ୍ଷ'ର କାହାଣୀ, ଅଭିନୟ ଓ ନିର୍ମାଣଶୈଳୀକୁ ନେଇ ଦର୍ଶକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଛି। ବଡ଼ ବଡ଼ ହିନ୍ଦୀ ଚଳଚ୍ଚିତ୍ର ସହ ପ୍ରତିଯୋଗିତାରେ ନିଜର ସ୍ଥାନ ସୁଦୃଢ଼ କରିବାକୁ ଏହି ସିନେମା ଉଦ୍ୟମ କରୁଛି। ଜାତୀୟ ସ୍ତରରେ ଓଡ଼ିଆ କଳାକାର ଓ ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ଏହା ଏକ ନୂଆ ସମ୍ଭାବନାର ଦ୍ୱାର ଖୋଲିପାରେ।

'ଲୋହିତାକ୍ଷ'ର ଏହି ଯାତ୍ରା ଓଡ଼ିଶାର ଯୁବ ପ୍ରତିଭାଙ୍କୁ ଜାତୀୟ ସିନେମା ଜଗତରେ ନିଜର ସ୍ୱପ୍ନ ପୂରଣ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି।

ଲୋହିତାକ୍ଷ'ରେ ଓଡ଼ିଶାର ଭାଷା, ପରମ୍ପରା ଓ ସଂସ୍କୃତିକୁ ସ୍ଥାନ ଦିଆଯାଇଥିବା ବିଷୟ ଓଡ଼ିଆ ଦର୍ଶକଙ୍କ ପାଇଁ ଏକ ଆକର୍ଷଣୀୟ ଦିଗ।

ଅକ୍ଟୋବର ୨୩ରେ ମୁକ୍ତିଲାଭ କରିଥିବା ଏହି ହିନ୍ଦୀ ଚଳଚ୍ଚିତ୍ରରେ ଓଡ଼ିଶାର ମାଟି ଓ ମୂଳ ସହ ଜଡ଼ିତ କିଛି ଉପାଦାନକୁ ଉପସ୍ଥାପନ କରାଯାଇଛି। ଚଳଚ୍ଚିତ୍ରରେ ଓଡ଼ିଆ ଭାଷାର ବ୍ୟବହାର ଏବଂ କଟକର ପ୍ରସିଦ୍ଧ ଦହିବରା ପରି ଖାଦ୍ୟକୁ ସ୍ଥାନ ଦେବା ଓଡ଼ିଶାର ସ୍ଥାନୀୟ ପରିଚୟକୁ ହିନ୍ଦୀ ଚଳଚ୍ଚିତ୍ରର ପରିସରରେ ଉପସ୍ଥାପନ କରିବାର ଏକ ପ୍ରୟାସ। ଏହା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଉପାଦାନର ଉପସ୍ଥିତି ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ପରିଚୟକୁ ମନେ ପକାଇଦିଏ।

> 'ଲୋହିତାକ୍ଷ'ର କାହାଣୀ, ଅଭିନୟ ଓ ନିର୍ମାଣଶୈଳୀକୁ ନେଇ ଦର୍ଶକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଛି। ବଡ଼ ବଡ଼ ହିନ୍ଦୀ ଚଳଚ୍ଚିତ୍ର ସହ ପ୍ରତିଯୋଗିତାରେ ନିଜର ସ୍ଥାନ ସୁଦୃଢ଼ କରିବାକୁ ଏହି ସିନେମା ଉଦ୍ୟମ କରୁଛି। ଜାତୀୟ ସ୍ତରରେ ଓଡ଼ିଆ କଳାକାର ଓ ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ଏହା ଏକ ନୂଆ ସମ୍ଭାବନାର ଦ୍ୱାର ଖୋଲିପାରେ। 'ଲୋହିତାକ୍ଷ'ର ଏହି ଯାତ୍ରା ଓଡ଼ିଶାର ଯୁବ ପ୍ରତିଭାଙ୍କୁ ଜାତୀୟ ସିନେମା ଜଗତରେ ନିଜର ସ୍ୱପ୍ନ ପୂରଣ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି।

ଜାତୀୟ ସ୍ତରରେ ନିର୍ମିତ ଚଳଚ୍ଚିତ୍ରରେ ଆଞ୍ଚଳିକ ଭାଷା, ଖାଦ୍ୟ ଓ ପରମ୍ପରାକୁ ସ୍ଥାନ ମିଳିଲେ ସେହି ଅଞ୍ଚଳର ସଂସ୍କୃତି ବ୍ୟାପକ ଦର୍ଶକଙ୍କ ନିକଟରେ ପହଞ୍ଚିବାର ସୁଯୋଗ ସୃଷ୍ଟି ହୁଏ। 'ଲୋହିତାକ୍ଷ'ରେ ଓଡ଼ିଶାର ଏହି ଝଲକ ରାଜ୍ୟର ଦର୍ଶକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିପାରେ।

ହିନ୍ଦୀ ଭାଷାରେ ନିର୍ମିତ ହେଲେ ମଧ୍ୟ ନିଜ ମାଟିର ପରିଚୟକୁ ମନେ ରଖିବାର ଏହି ପ୍ରୟାସ ଓଡ଼ିଆ ସଂସ୍କୃତିର ବିବିଧତାକୁ ଆଗକୁ ଆଣିବାର ଏକ ମାଧ୍ୟମ ହୋଇପାରେ।

ବଲିଉଡ୍ ଓ ଓଲିଉଡ୍ କଳାକାରଙ୍କ ଅପୂର୍ବ ସମନ୍ୱୟ

ଚଳଚ୍ଚିତ୍ରରେ ବଲିଉଡ୍‌ର ବରିଷ୍ଠ ଅଭିନେତା ପୁନୀତ ଇଶାରଙ୍କ ପୁତ୍ର ସିଦ୍ଧାନ୍ତ ଇଶାର ଅଭିନୟ ଜଗତରେ ପାଦ ଥାପିଛନ୍ତି। ଏଥିସହ ଅଭିନେତ୍ରୀ ଅପସରା, କମଲେଶ ସାୱନ୍ତ ଓ ସୁକୁମାର ଟୁଡୁ ପ୍ରମୁଖ ଅଭିନୟ କରିଛନ୍ତି।

ଅନ୍ୟପଟେ ଓଲିଉଡ୍ ?ର ଲୋକପ୍ରିୟ କଳାକାର ବବି ମିଶ୍ର, ଭୂପିନ୍ଦର, ଗୌରବ ମହାନ୍ତି, ଦୀପେଶ, ଜୀବନ ପଣ୍ଡା, ମୋହନ ମଜିଠିଆ, ସୁଶାନ୍ତ ଦାସ ମହାପାତ୍ର, ଦୀପାଳି, ଶ୍ରୁତି ଶୁଭଶ୍ରୀ ଓ ସୁମନ ମହାରଣା ପ୍ରମୁଖ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

ଚଳଚ୍ଚିତ୍ର ପଛରେ ରହିଛି ଓଡ଼ିଆ ପ୍ରତିଭାଙ୍କ ଅବଦାନ

'ଲୋହିତାକ୍ଷ'ର କାହାଣୀ ଲେଖିଛନ୍ତି ଦୀପାଳି ଦେବସ୍ମିତା ଦାଶ। ଚିତ୍ରନାଟ୍ୟ, ପ୍ରଯୋଜନା ଓ ନିର୍ଦ୍ଦେଶନାର ଦାୟିତ୍ୱ ତୁଲାଇଛନ୍ତି ଭୂପିନ୍ଦର। ସଂଳାପ ରଚନା। କରିଛନ୍ତି ନିଶାନ୍ତ ମଜିଠିଆ। ଚିତ୍ରଉତ୍ତୋଳନ ଦାୟିତ୍ୱରେ ସାରଦା କୃଷ୍ଣ ସାହୁ ରହିଥିବା ବେଳେ ସମ୍ପାଦନା କରିଛନ୍ତି ମାନସ କୁମାର ସାହୁ।

ସ୍ୱର୍ଗତ ଅଭିଜିତ ମଜୁମଦାର ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଥିମ୍ ଗୀତର ସଂଯୋଜନା କରିଛନ୍ତି ଅଭିଜିତ ତ୍ରିପାଠୀ। ସଙ୍ଗୀତ କ୍ଷେତ୍ରରେ ନବ୍ୱ ଓ ସରୋଜ ସହଯୋଗ କରିଛନ୍ତି। କାର୍ଯ୍ୟକାରୀ ପ୍ରଯୋଜକ ଭାବେ ସଞ୍ଜୟ ମହାକୁଡ଼ ଦାୟିତ୍ୱ ତୁଲାଇଥିବା ବେଳେ ପ୍ରଚାର-ପ୍ରସାର ଓ ମିଡିଆ ପାର୍ଟନର ଭାବେ ମୁକେଶ ରାମ ଦାୟିତ୍ୱ ସମ୍ଭାଳିଛନ୍ତି।

ଓଡ଼ିଶାର ସିନେମା ଜଗତ ପାଇଁ ନୂଆ ଆଶା

ଏକ ସତ୍ୟ ଘଟଣାକୁ ଆଧାର କରି ନିର୍ମିତ 'ଲୋହିତାକ୍ଷ' କେବଳ ଏକ ରହସ୍ୟମୟ ଚଳଚ୍ଚିତ୍ର ନୁହେଁ, ବରଂ ଓଡ଼ିଶାର କଳାକାର ଓ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଜଡ଼ିତ ପ୍ରତିଭାଙ୍କୁ ଜାତୀୟ ସ୍ତରରେ ଆଗକୁ ନେବାର ଏକ ପ୍ରୟାସ। ଓଡ଼ିଶାର ମାଟିରେ ସମ୍ପୂର୍ଣ୍ଣ ସୁଟିଂ ହୋଇଥିବା ଏହି ହିନ୍ଦୀ ଚଳଚ୍ଚିତ୍ର ଦର୍ଶକଙ୍କ ମନ ଜିଣିବା ସହ ଓଡ଼ିଶାର ସିନେମା ଶିଳ୍ପକୁ ନୂଆ ପରିଚୟ ଦେବ ବୋଲି ଆଶା ରହିଛି। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାରର ଦାୟିତ୍ୱରେ ଅଛନ୍ତି ମୁକେଶ ରାମ୍।

ସାମ୍ବାଦିକତା ପେଷା, ସମାଜସେବା ନିଶା

ବିକାଶ ଭାଇଙ୍କ ମାନବିକତାର ନିଆରା ପରିଚୟ

ଭୁବନେଶ୍ୱର: ଓଡ଼ିଶା ନିଶବ୍ଦ: ସମାଜରେ ଅନେକ ଲୋକ ନିଜ ଜୀବନକୁ ନିଜ ପରିବାର ଓ ନିଜ ସ୍ୱାର୍ଥ ମଧ୍ୟରେ ସୀମିତ ରଖିଥାନ୍ତି। କିନ୍ତୁ ଏମିତି କିଛି ମଣିଷ ଅଛନ୍ତି, ଯେଉଁମାନେ ଅନ୍ୟର ଦୁଃଖରେ ଦୁଃଖୀ ହୁଅନ୍ତି ଏବଂ ଅନ୍ୟର ମୁହଁରେ ହସ ଫୁଟାଇବାକୁ ନିଜ ଜୀବନର ଏକ ଲକ୍ଷ୍ୟ ଭାବେ ଗ୍ରହଣ କରନ୍ତି। ସେହିଭଳି ଜଣେ ମାନବିକତାର ପ୍ରତୀକ ହେଉଛନ୍ତି ବିକାଶ ବେହେରା, ଯାହାଙ୍କୁ ସମସ୍ତେ ଶ୍ରଦ୍ଧା ଓ ଭଲପାଇବାରେ ଡାକନ୍ତି 'ବିକାଶ ଭାଇ'।

ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକର ବାସିନ୍ଦା ବିକାଶ ବେହେରା ପେଷାରେ ଜଣେ ସାମ୍ବାଦିକ, କିନ୍ତୁ ତାଙ୍କର ପ୍ରକୃତ ନିଶା ହେଉଛି ସମାଜସେବା। ସାମ୍ବାଦିକତା ମାଧ୍ୟମରେ ସମାଜର ସମସ୍ୟା ଓ ଲୋକଙ୍କ ଦୁଃଖକୁ ସାମ୍ନାକୁ ଆଣିବା ସହିତ, ନିଜ ସାମର୍ଥ୍ୟ ଅନୁସାରେ ଅସହାୟ ଓ ଆବଶ୍ୟକତାରେ ଥିବା ଲୋକଙ୍କ ପାଖରେ ସାହାଯ୍ୟର ହାତ ବଢ଼ାଇବାକୁ ସେ ସର୍ବଦା ଚେଷ୍ଟା କରନ୍ତି।

ବିକାଶ ଭାଇଙ୍କ ପାଇଁ ସମାଜସେବା କୌଣସି ପ୍ରଚାରର ମାଧ୍ୟମ ନୁହେଁ; ଏହା ହେଉଛି ମାନବିକତା ପ୍ରତି ତାଙ୍କର ଆନ୍ତରିକ ଦାୟିତ୍ୱବୋଧ। କାହାର ଦୁଃଖ ଦେଖି ନିରବ ରହିବା ଅପେକ୍ଷା, ନିଜ ସକ୍ଷମତା ଅନୁଯାୟୀ ସାହାଯ୍ୟ କରିବା ହିଁ ତାଙ୍କର ମାନବିକ ଚିନ୍ତାଧାରାର ପରିଚୟ। ତାଙ୍କର ଏହି ନିସ୍ୱାର୍ଥପର ମନୋଭାବ ସମାଜ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ।

ପ୍ରକୃତରେ, ମଣିଷର ବଡ଼ପଣ ତାଙ୍କ ପଦବୀ କିମ୍ବା ଧନସମ୍ପତ୍ତିରେ ନୁହେଁ, ବରଂ ଅନ୍ୟର ଦୁଃଖ ବୁଝିବା ଓ ସାହାଯ୍ୟ କରିବାର ମନୋଭାବରେ ରହିଛି। ବିକାଶ ଭାଇଙ୍କ ଏହି ସେବା ମନୋଭାବ ଆମକୁ ଶିଖାଏ ଯେ, ଛୋଟ ଛୋଟ ସାହାଯ୍ୟ ମଧ୍ୟ କାହାର ଜୀବନରେ ବଡ଼ ଆଶାର ଆଲୋକ ହୋଇପାରେ।

ଅଭିଷେକଙ୍କୁ ସୂର୍ଯ୍ୟବଂଶୀ କହିଥିଲେ 'ଭାଇ, ସେମିତି ହିଁ ଖେଳିବି'

ନୂଆଦିଲ୍ଲୀ: ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟ୍ୱେଣ୍ଟି-୨୦ ପୂର୍ବରୁ ନେଟ୍ସରେ ଅଭିଷେକ ଶର୍ମାଙ୍କୁ ନିର୍ଭୀକ ବ୍ୟାଟିଂ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ। ଏହି ମ୍ୟାଚ୍‌ରେ ମଧ୍ୟ ନିଜ ପ୍ରତିଶ୍ରୁତି ରଖି ୧୯ ବଲ୍‌ରୁ ୪୫ (୪ ଚୌକା, ୪ ଛକା) ରନ୍ କରି ଭାରତକୁ ଦମ୍‌ଦାର ଆରମ୍ଭ ଦେଇଥିଲେ। ମ୍ୟାଚ୍ ପରେ ବିସ୍ଫୋରକ ପାଳି ଖେଳିଥିବା ଅଭିଷେକ କହିଥିଲେ,''ନେଟ୍ସ ବେଳେ ବୈଭବ ମୋତେ କହିଥିଲେ, ବଲିଉଡ୍ ଚଳିଚ୍ଚିତ୍ର 'ଭାଗ୍ ମିଲ୍‌ଖା ଭାଗ୍'ର ସଂଳାପରେ 'ଭାଇ, ମୁଁ ଠିକ୍ ସେହିଭଳି ଖେଳିବି'।

୨୦୦ ରନ୍‌ର ପିଛା କରୁଥିଲା ବେଳେ ପ୍ରଥମ ଓଭରରେ ତାଙ୍କ ବିସ୍ଫୋରକ ବ୍ୟାଟିଂ ମୋ ଆତ୍ମବିଶ୍ୱାସ ବଢ଼ାଇଥିଲା। ତାଙ୍କ ବିଷୟରେ ମୋତେ ଆହୁରି କିଛି କହିବାକୁ ପଡ଼ିବ। ଆଜି ସେ ଯେପରି ଖେଳିଲେ, ତାହା ଅତ୍ୟନ୍ତ ଗରୁତ୍ୱପୂର୍ଣ୍ଣ ଥିଲା। ତେଣୁ ଶ୍ରେୟ ତାଙ୍କ ପାଖକୁ ଯିବ। ମୁଁ କ୍ରିଜ୍‌ରେ ଜଣେ ବଡ଼ ଭାଇ ଭଳି ତାଙ୍କୁ ପରାମର୍ଶ ଦେଇଥିଲି''। ଅଭିଷେକ ଓ ବୈଭବ ମଙ୍ଗଳବାର ପାୱର ପ୍ଲେରେ ୧୧୮ ରନ୍ ସଂଗ୍ରହ କରି ନୂଆ ରେକର୍ଡ କରିଥିଲେ। ଏପରିକି ୨.୨ ଓଭରରେ ୫୦ ରନ୍ ଏବଂ ୫ ଓଭରରେ ୧୦୦ ରନ୍ ବି ରେକର୍ଡରେ ଯୋଡ଼ି ହୋଇଥିଲା। ଅଭିଷେକ (୩୮ ବଲ୍‌ରୁ ୧୧୩, ୯ ଚେ?କା, ୧୧ ଛକା) ଶତକ ହାସଲ କରିଥିଲେ। ୧୯୯ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୪ ୱିକେଟ୍ ହରାଇ ୪୦ ବଲ୍ ପୂର୍ବରୁ ହାସଲ କରିଥିଲା।

ଏସୀୟ ଚାମ୍ପିଅନ୍ସ ଟ୍ରଫି ପରେ ଅବସର ନେବେ ନୀଳକାନ୍ତ

ଚଣ୍ଡିଗଡ଼: ଭାରତୀୟ ହକି ଦଳର ଭେଟେରାନ ମିଡ୍‌ଫିଲଡର ନୀଳକାନ୍ତ ଶର୍ମା ଚଳିତ ଏସୀୟ ଚାମ୍ପିଅନ୍ସ ଟ୍ରଫି ପରେ ଅନ୍ତର୍ଜାତୀୟ ହକିରୁ ଅବସର ନେବେ। ଯୁବ ଖେଳାଳିଙ୍କ ପାଇଁ ବାଟ ଛାଡ଼ିବାକୁ ସେ ଏହି ନିଷ୍ପତ୍ତି ନେଇଥିବା ଏସୀୟ ଚାମ୍ପିୟନ୍ସ ଟ୍ରଫି ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ଭାରତ ହରାଇବା ପରେ କହିଛନ୍ତି। ଅଲିମ୍ପିକ୍ସ ୨୦୨୮ ପ୍ରସ୍ତୁତ ଲାଗି ଯୁବ ପିଢ଼ିଙ୍କୁ ଏବଠୁ ପ୍ରସ୍ତୁତ କରିବାକୁ ହକି ଇଣ୍ଡିଆ ଯୋଜନା କରୁଛି।

ଏସୀୟ କ୍ରୀଡ଼ା ବିଜୟ ପରେ ଭାରତର ଏଲ୍‌ଏ୨୦୨୮ ଟିକେଟ ନିଶ୍ଚିତ ହେବା ପରେ ଭେଟେରାନ ଖେଳାଳିଙ୍କୁ ସମ୍ମାନର ସହ ବିଦାୟ ଦେବାକୁ ଚିନ୍ତା କରିଛି। ଏଥିରେ ଅଲିମ୍ପିକ୍ସ ଓ ଏସୀୟ କ୍ରୀଡ଼ା ପଦକ ବିଜେତା ଦଳର ସଦସ୍ୟ ଥିବା ନୀଳକାନ୍ତ, ଜର୍ମନ୍‌ପ୍ରୀତ ସିଂହ, ମନଦୀପ ସିଂହ ଓ ଅମିତ ରୋହିଦାସ ରହିଛନ୍ତି। ଫଳରେ ଏସୀୟ ଚାମ୍ପିଅନ୍ସ ଟ୍ରଫି ଏମାନଙ୍କ ଶେଷ ପ୍ରତିଯୋଗିତା ହେବ ବୋଲି ଆଲୋଚନା ହୋଇଥିଲା। ଏହି ଯୋଜନା ଅନୁଯାୟୀ ନୀଳକାନ୍ତଙ୍କଠୁ ଏହା ଆରାମ୍ଭ ହୋଇଛି।

ମଙ୍ଗଳବାର ୩୧ ବର୍ଷୀୟ ବର୍ଷୀୟ ନୀଳକାନ୍ତ ନିଜ ଅବସର ବିଷୟରେ ନିଶ୍ଚିତ କରି କହିଥିଲେ ଯେ ''ମୁଁ ମୋ ନିଜ ଇଚ୍ଛାରେ ଏହି ନିଷ୍ପତ୍ତି ନେଇଛି। ମୋତେ କେହି ବାଧ୍ୟ କରିନାହାନ୍ତି। ନିଶ୍ଚିତ, ଖେଳାଳି ଭାବେ ଏହାର ଅଭାବ ଅନୁଭବ କରିବି। କିନ୍ତୁ ଭବିଷ୍ୟତ ପିଢ଼ି ପାଇଁ ଏହି ନିଷ୍ପତ୍ତି ନେଇଛି। ଅନେକ ପ୍ରତିଭାବାନ ଖେଳାଳି ସୁଯୋଗ ଅପେକ୍ଷାରେ ଅଛନ୍ତି ଏବଂ ସେମାନଙ୍କୁ ଆଗକୁ ଆସିବା ଆବଶ୍ୟକ। ଏସୀୟ କ୍ରୀଡ଼ା ପରେ ଏବଂ ଏହି ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ମୋର ଏହି ନିଷ୍ପତ୍ତି ବିଷୟରେ ପ୍ରଶିକ୍ଷକ କ୍ରେଗ୍ ?ଙ୍କୁ ଜଣାଇଥିଲି। ଅବସର ପରେ ମୋର ଅଭିଜ୍ଞତା ନୂଆ ପିଢ଼ିକୁ ବାଣ୍ଟିବି। ଏଥି ପାଇଁ ପ୍ରସ୍ତୁତ ଅଛି। ମୁଁ ଘରକୁ ଯେତେବେଳେ ଯାଏ, ଯୁବ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦିଏ।

ପ୍ରୀତି ଜିଣ୍ଟାଙ୍କ ଦଳରେ ଖେଳିବେ ହାର୍ଦ୍ଦିକ ପାଣ୍ଡ୍ୟା

ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୭ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଶିବିରରୁ ଆସିଛି ବଡ଼ ଖବର। ଦଳର ଅଧିନାୟକତ୍ୱ ଓ ଖେଳାଳି ଟ୍ରେଡ୍‌କୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ଭାରତର ପୂର୍ବତନ ଷ୍ଟାର୍ ସ୍ପିନର ଆର. ଅଶ୍ୱିନଙ୍କ ଏକ ବୟାନ ପରେ କ୍ରିକେଟ୍ ଜଗତରେ ଏହି ଆଲୋଚନା ଜୋର୍ ଧରିଛି। ଅଶ୍ୱିନଙ୍କ ଦାବି ଅନୁଯାୟୀ, ଆସନ୍ତା ସିଜନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ଜର୍ସିରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦେଖିବା ହୁଏତ ସମ୍ଭବ ନ ହୋଇପାରେ।

ଅଶ୍ୱିନ ନିଜ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହି ସମ୍ଭାବନା ବିଷୟରେ ଆଲୋଚନା କରିଛନ୍ତି। ତାଙ୍କ ମତରେ, ହାର୍ଦ୍ଦିକଙ୍କୁ ମୁମ୍ବାଇ ଇଣ୍ଡିଆନ୍ସରୁ ଟ୍ରେଡ୍ କରାଯାଇପାରେ। ଏପରିକି ପଞ୍ଜାବ କିଙ୍ଗ୍ସ ସହ ତାଙ୍କର ଟ୍ରେଡ୍ ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ତେବେ ଏହା କେବଳ ଏକ ସମ୍ଭାବନା ଏବଂ ଏନେଇ ଏପର୍ଯ୍ୟନ୍ତ କୌଣସି ଅଧିକାରିକ ଘୋଷଣା ହୋଇନାହିଁ। ଅଶ୍ୱିନଙ୍କ ଅନୁସାରେ, ଏହି ଟ୍ରେଡ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପଞ୍ଜାବ କିଙ୍ଗ୍ସର ଜଣେ ଭଲ ଭାରତୀୟ ବାମହାତୀ ଦ୍ରୁତ ବୋଲରଙ୍କୁ ନିଜ ଦଳରେ ସାମିଲ କରିବାକୁ ଚାହିଁପାରେ। ଏହା ସହିତ ଜଣେ ଦକ୍ଷ ଲେଗ୍ ସ୍ପିନରଙ୍କ ଉପରେ ମଧ୍ୟ ଦଳର ନଜର ରହିପାରେ। ଯଦି ଏହି ଆକଳନ ସତ ହୁଏ, ତେବେ ଆଗାମୀ ସିଜନ୍‌ରେ ହାର୍ଦ୍ଦିକ ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଖେଳୁଥିବା ଦେଖିବାକୁ ମିଳିପାରେ। ଅନ୍ୟପଟେ, ମୁମ୍ବାଇ ଇଣ୍ଡିଆନ୍ସର ଅନ୍ୟତମ ଷ୍ଟାର୍ ଖେଳାଳି ରୋହିତ ଶର୍ମାଙ୍କ ଆଇପିଏଲ୍ ଭବିଷ୍ୟତକୁ ନେଇ ମଧ୍ୟ ଅଶ୍ୱିନ ନିଜ ମତ ରଖିଛନ୍ତି। ରୋହିତ ଆଉ ଗୋଟିଏ ସିଜନ୍ ଖେଳିବେ କି ତା'ଠାରୁ ଅଧିକ ସମୟ ଆଇପିଏଲ୍‌ରେ ରହିବେ, ତାହା ଏବେଠାରୁ କହିବା କଷ୍ଟକର ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗରେ ଅଶ୍ୱିନ ମହେନ୍ଦ୍ର ସିଂ ଧୋନିଙ୍କ ଉଦାହରଣ ଦେଇଛନ୍ତି।

ଧୋନିଙ୍କ ଅବସରକୁ ନେଇ ପ୍ରତିବର୍ଷ ଚର୍ଚ୍ଚା ହେଉଥିଲେ ମଧ୍ୟ ସେ ଲଗାତାର ଖେଳି ଆସୁଛନ୍ତି। ତେଣୁ ରୋହିତଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଏବେଠାରୁ କୌଣସି ନିଷ୍କର୍ଷରେ ପହଞ୍ଚିବା ଠିକ୍ ହେବ ନାହିଁ। ନମନ ଧୀର ହୋଇପାରନ୍ତି ମୁମ୍ବାଇର ନୂଆ ଅଧିନାୟକ! ମୁମ୍ବାଇ ଇଣ୍ଡିଆନ୍ସର ଭବିଷ୍ୟତ ଅଧିନାୟକଙ୍କୁ ନେଇ ମଧ୍ୟ ଅଶ୍ୱିନ ଏକ ନୂଆ ନାମ ସାମ୍ନାକୁ ଆଣିଛନ୍ତି। ଯୁବ ଅଲ୍‌ରାଉଣ୍ଡର ନମନ ଧୀର ଭବିଷ୍ୟତରେ ଦଳର ଅଧିନାୟକ ହେବାର ଦାବିଦାର ହୋଇପାରନ୍ତି ବୋଲି ସେ ମତ ଦେଇଛନ୍ତି। ନମନଙ୍କ ଆତ୍ମବିଶ୍ୱାସ, ଖେଳ ପ୍ରତି ତାଙ୍କର ବୁଝାମଣା ଏବଂ ପଡ଼ିଆରେ ଶାନ୍ତ ରହିବାର ଗୁଣ ତାଙ୍କୁ ଏହି ଦୌଡ଼ରେ ଆଗକୁ ନେଇପାରେ ବୋଲି ଅଶ୍ୱିନ କହିଛନ୍ତି। ତେବେ ହାର୍ଦ୍ଦିକଙ୍କ ଟ୍ରେଡ୍, ରୋହିତଙ୍କ ଭବିଷ୍ୟତ ଓ ନମନ ଧୀରଙ୍କ ଅଧିନାୟକତ୍ୱକୁ ନେଇ ଚାଲିଥିବା ଏହି ଚର୍ଚ୍ଚା ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ପରିଚାଳନା କେଉଁ ନିଷ୍ପତ୍ତି ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

Executive Editor : M.M. RAM
Editor : MUKESH RAM
Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003
କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ